# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଜୁନ୍ ୧୬ /୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, June 16 / 2019 ★

୯ମ ଭାଗ ୧୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ସଞ୍ଜୟଙ୍କ ଡବଲ ଗୋଲ୍**

ସଞ୍ଜୟଙ୍କ ଡବଲ୍ ଗୋଲ ସହାୟତାରେ ଭାରତୀୟ ଜୁନିୟର ପୁରୁଷ ଦଳ ମାଡ୍ରିଡଠାରେ ୮-ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଆମନ୍ତ୍ରଣୀୟ ହକିରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

୧୫

୧୦

**ୱେବ୍ ସିରିଜ୍ 'କାଫିର୍'ରେ ଦିୟା ମିର୍ଜା**

ଶନିବାରଠାରୁ ଜି୫ରେ ପ୍ରଦର୍ଶିତ ହେଉଥିବା ୱେବ୍ ସିରିଜ୍ 'କାଫିର'ରେ ଦିୟା ମିର୍ଜା ପାକିସ୍ତାନୀ ତରୁଣୀ ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।



## ■୨୦୨୪ ସୁଦ୍ଧା ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ଲକ୍ଷ୍ୟ

# ଆହ୍ବାନ କିନ୍ତୁ ସମ୍ଭବ




ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୩ କେନ୍ଦ୍ରମନ୍ତ୍ରୀ ଓ ଉପାଧ୍ୟକ୍ଷ ରାଜୀବ କୁମାର।

### ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ବୈଠକ

ନୂଆଦିଲ୍ଲୀ,୧୫।୬(ପି.ଟି./ଆଇଏଏନ୍ଏସ୍)

ଆସନ୍ତା ୫ ବର୍ଷରେ ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଏକ ଆହ୍ବାନ, କିନ୍ତୁ ଏହାକୁ ହାସଲ କରିହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୀତି ଆୟୋଗ ବୈଠକରେ ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହି ଲକ୍ଷ୍ୟ ହାସଲ ପାଇଁ ସେ ରାଜ୍ୟଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ମୋଦି ଦାରିଦ୍ର୍ୟ, ବେକାରି, ମରୁଡ଼ି, ବନ୍ୟା, ପ୍ରଦୂଷଣ, ଦୁର୍ନୀତି ଓ ହିଂସା ବିରୋଧରେ ସାମୂହିକ ଭାବେ ଲଢ଼େଇ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ବାରୋପ କରିଛନ୍ତି।

ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ୍‌ର ପଞ୍ଚମ ବୈଠକ ଶନିବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି, 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ବାସ' ମନ୍ତ୍ରକୁ ସଫଳ କରିବା ପାଇଁ ନୀତି ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ଅର୍ଥନୀତି ୨.୭୫ ଟ୍ରିଲିୟନ୍ ଆକଳନ କରାଯାଇଥିଲା। ୨୦୨୪ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥାତ୍ ୩,୪୯,୪୦,୦୦୦ କୋଟି ଟଙ୍କାର ଅର୍ଥନୀତିରେ ପରିଣତ ☞ପୃଷ୍ଠା-୪

### ନ୍ୟୁଇଣ୍ଡିଆର ରୋଡ୍‌ମ୍ୟାପ୍

- ■୫ ବର୍ଷରେ ଭାରତକୁ ୩,୪୯,୪୦,୦୦୦ କୋଟି ଟଙ୍କାର ଅର୍ଥନୀତିରେ ପରିଣତ କରିବା
- ■ଜିଡିପି ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହୁଅନ୍ତୁ ରାଜ୍ୟ
- ■ରାଜ୍ୟଗୁଡ଼ିକର ସାମୂହିକ ଉଦ୍ୟମରେ ଦେଶର ପ୍ରକୃତ ବିକାଶ ସମ୍ଭବ
- ■କୃଷି, ସ୍ବାସ୍ଥ୍ୟ, ଜଳସେଚନକୁ ଗୁରୁତ୍ବ

### ଆସିଲେନି ମମତା, କେସିଆର୍



ନୂଆଦିଲ୍ଲୀ,୧୫।୬(ପି.ଟି./ଆଇଏଏନ୍ଏସ୍)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତରେ ଶନିବାର ଅନୁଷ୍ଠିତ ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ୍‌ର ପଞ୍ଚମ ବୈଠକରେ ପ୍ରାୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ବୈଠକରେ ଯୋଗଦେଇ ନ ଥିଲେ। ଏହି ୩ ମୁଖ୍ୟମନ୍ତ୍ରୀଙ୍କ ☞ପୃଷ୍ଠା-୪

# ଭାରତ ଚାମ୍ପିୟନ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ତର୍ଜାତୀୟ ହକି ମହାସଂଘ ସଭାପତି ନରିନ୍ଦର ବାତ୍ରାଙ୍କ ସହ ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଚାମ୍ପିୟନ ଭାରତୀୟ ଦଳ।

### ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ

ଭୁବନେଶ୍ବର, ୧୫।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଶେଷ ହୋଇଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ପକ୍ଷରୁ ବରୁଣ କୁମାର ଓ ହରମନପ୍ରୀତ ସିଂ ୨ଟି ଲେଖାଏ ଏବଂ ବିବେକ ସାଗର ପ୍ରସାଦ ଗୋଟିଏ ଗୋଲ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ରିଚାର୍ଡ ପାଉଜ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହି ଟୁର୍ନାମେଣ୍ଟରୁ ଭାରତ ☞ପୃଷ୍ଠା-୪

## ■ରାତିରେ ଘର ଉପରକୁ ମାଡ଼ିଗଲା ଟିପ୍ପର

# ସ୍ବାମୀ, ସ୍ତ୍ରୀ, ଝିଅ ମୃତ

ଦାମନଯୋଡ଼ି/ସେମିଳିଗୁଡ଼ା/କୋରାପୁଟ ୧୫।୬(ଡି.ଏନ୍.ଏ./ସ୍ବ.ପ୍ର.)

- ■ମୃତଦେହ ରଖି ରାସ୍ତା ଅବରୋଧ
- ■୩ ଲକ୍ଷ ୨୫ ହଜାର ଟଙ୍କା ଦେବେ ଟିପ୍ପର ମାଲିକ
- ■କ୍ଷତିପୂରଣ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ।

ଘରେ ଶୋଇଥିଲେ ଗୋଟିଏ ଦମ୍ପତି ଓ ତାଙ୍କର ଝିଅ, ପୁଅ। ବିଳମ୍ବିତ ରାତିରେ ସେହି ଘର ଆଡ଼କୁ ଟିପ୍ପର ମାଡ଼ିଯାଇ ସ୍ବାମୀ, ସ୍ତ୍ରୀ ଓ ଝିଅର ଦୁଃଖଦ ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ସେମାନଙ୍କ ପୁଅ ଏଥିରୁ ବର୍ତ୍ତିଯାଇଛି ସତ; କିନ୍ତୁ କାଳରାତିର ଏହି ଦୁର୍ଘଟଣା ତାକୁ ଅନାଥ କରିଦେଇଛି। ମୃତ୍ୟୁ କେତେ ଆକସ୍ମିକ, ତାହାର ଏକ ଦୃଷ୍ଟାନ୍ତ ହେଉଛି କୋରାପୁଟ ଜିଲା ଦାମନଯୋଡ଼ି ଅଞ୍ଚଳରେ ଶୁକ୍ରବାର ଘଟିଥିବା ଏହି ମର୍ମନ୍ତୁଦ ଦୁର୍ଘଟଣା।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ଗୋଟାଏ ବେଳେ ଏକ ଟିପ୍ପର (ଓଡି ୧୦ଏ ୭୩୭୭) ☞ପୃଷ୍ଠା-୪

ଓଡ଼ିଶାର ୩ ରାଜ୍ୟ ସଭା ଆସନ ପାଇଁ ବାଜିଲା ବିଗୁଲ୍

........୫........

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

କଶ୍ମୀରରେ ଅସ୍ବାଭାବିକତା


**ଆଜିର ମନ୍ତବ୍ୟ**

“ ଆନ୍ଦୋଳନରତ ଡାକ୍ତରଙ୍କ ସମସ୍ତ ଦାବିକୁ ପୂରଣ କରାଯାଇଥିବାରୁ ସେମାନେ କାର୍ଯ୍ୟରେ ଯୋଗଦେବା ଉଚିତ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ











NECC NATIONAL EGG CO-ORDINATION COMMITTEE 15.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers



ଦିନେ ନା ଦିନେ ପ୍ରଧାନମନ୍ତ୍ରୀଙ୍କ ହୃଦୟ ନରମିବ ଓ ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ମିଳିବ।
-ଜଗନ୍‌ମୋହନ ରେଡ୍ଡୀ
ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

■ ପଞ୍ଚମ ଦିନରେ ଡାକ୍ତରଙ୍କ ଆନ୍ଦୋଳନ: ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

# ମୁଣ୍ଡ ନୁଆଁଇଲେ ମମତା

ନୂଆଦିଲ୍ଲୀ,୧୫।୬(ପି.ଟି.)



ପଶ୍ଚିମବଙ୍ଗରେ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଏହାକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କୁ ଆଲୋଚନା ନିମନ୍ତେ ଡାକିଥିଲେ ହେଁ ଡାକ୍ତରମାନେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଅନ୍ୟପକ୍ଷରେ ଡାକ୍ତରଙ୍କ ସମସ୍ତ ଦାବିକୁ ପୂରଣ କରିବା ଲାଗି ସରକାର ଆଗ୍ରହୀ। ସେମାନେ କାର୍ଯ୍ୟରେ ଯୋଗଦିଅନ୍ତୁ ବୋଲି ମମତା ନିବେଦନ କରିଛନ୍ତି।

କୋଲକାତାର ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଦୁଇଜଣ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ଦୁର୍ଭାଗ୍ୟଜନକ। ଯଥାଶୀଘ୍ର ସମ୍ଭବ ରାଜ୍ୟରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରିବା ଲାଗି ତାଙ୍କ ସରକାର ପ୍ରତିବଦ୍ଧ ବୋଲି ମମତା କହିଛନ୍ତି। ଜଣେ ବି ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବନି କିମ୍ବା ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି ମମତା ଏକ ଖବରଦାତା ସମ୍ମିଳନୀରେ ଭରସା ଦେବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇଆଣିବାକୁ ଡାକ୍ତରମାନଙ୍କୁ ଅନୁରୋଧ ଜଣାଇଛନ୍ତି।

ସ୍ୱାସ୍ଥ୍ୟସେବାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ପାଇଁ ମମତା ବାନାର୍ଜୀ ସଚିବାଳୟରେ ଡାକ୍ତର ପ୍ରତିନିଧିମାନଙ୍କର ଏକ ରୁଦ୍ଧଦ୍ୱାର ବୈଠକ ଡାକିଥିଲେ। ସେମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ମଣୁଥିବାରୁ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ପ୍ରଥମେ ମୁଖ୍ୟମନ୍ତ୍ରୀ ନିଃସର୍ତ୍ତ କ୍ଷମା ମାଗନ୍ତୁ ଓ ସେମାନଙ୍କର ୬ଟି ଦାବି ପୂରଣ କରାଯାଉ ବୋଲି କହିଥିଲେ। ଅନ୍ୟପକ୍ଷରେ ମମତା କହିଛନ୍ତି, ୫ ଦିନ ହେଲା ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ଗୁରୁତର ବ୍ୟାହତ ହୋଇଛି। ଏହା ସତ୍ତ୍ୱେ ତାଙ୍କ ସରକାର ସେମାନଙ୍କ ବିରୋଧରେ ଏସ୍ମା (ଜରୁରୀ ସେବା ପରିଚାଳନା ଆଇନ) ଲାଗୁ କରିନାହାନ୍ତି। ଆଲୋଚନା ପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କ ପାଖକୁ ସେ ତାଙ୍କର କେତେଜଣ ମନ୍ତ୍ରୀ ଓ ପ୍ରମୁଖ ସଚିବଙ୍କୁ ପଠାଇଥିଲେ। ୫ ଘଣ୍ଟା ଅପେକ୍ଷା ପରେ ମଧ୍ୟ ସେମାନେ ଆଲୋଚନାକୁ ଆସିଲେ ନାହିଁ। ସାମ୍ବିଧାନିକ ସଂସ୍ଥାକୁ ସେମାନେ ସମ୍ମାନ ଜଣାଇବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପଶ୍ଚିମବଙ୍ଗରେ ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ କରି ବିଭିନ୍ନ ରାଜ୍ୟରେ ଡାକ୍ତରମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଏମ୍ସ ଓ ସଫଦରଜଙ୍ଗ ହସ୍ପିଟାଲର ଆବାସିକ ଡାକ୍ତରମାନେ ଶୁକ୍ରବାର କାର୍ଯ୍ୟବନ୍ଦ କରିଥିଲେ। ଶନିବାର ସେମାନେ କାର୍ଯ୍ୟରେ ଯୋଗଦେବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ କରିବାକୁ ସେମାନେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିଲେ।

**ସବୁ ଦାବି ମାନିଲେ ସରକାର**

**କାର୍ଯ୍ୟରେ ଯୋଗଦେବାକୁ ମମତାଙ୍କ ନିବେଦନ**

■ ପଶ୍ଚିମବଙ୍ଗ ରାଜନୈତିକ ହିଂସା, ଡାକ୍ତର ଆନ୍ଦୋଳନ

## ରାଜ୍ୟକୁ ରିପୋର୍ଟ ମାଗିଲା କେନ୍ଦ୍ର

ନୂଆଦିଲ୍ଲୀ,୧୫।୬(ପି.ଟି.)

ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ଓ ଡାକ୍ତରମାନଙ୍କ ଆନ୍ଦୋଳନ ଜାରି ରହିଥିବାବେଳେ କେନ୍ଦ୍ର ଶନିବାର ମମତା ବାନାର୍ଜୀ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ପଶ୍ଚିମବଙ୍ଗରେ ଗତ ୪ ବର୍ଷ ମଧ୍ୟରେ ରାଜନୈତିକ ହିଂସାରେ ୧୬୦ ଲୋକଙ୍କ ଜୀବନ ଗଲାଣି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରୀରେ କୁହାଯାଇଛି, ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ଜାରି ରହିଥିବାରୁ ଏହା ରାଜ୍ୟର ଆଇନଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ବିଫଳତାକୁ ସୂଚାଉଛି। ପଶ୍ଚିମବଙ୍ଗରେ ସୃଷ୍ଟ ସ୍ଥିତି ଲାଗି କେନ୍ଦ୍ର ସରକାର ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ଏଥିରେ କୁହାଯାଇଛି।

ନିର୍ବାଚନୀ ଏବଂ ରାଜନୈତିକ ହିଂସା ବୃଦ୍ଧି ଓ ଲୋକଙ୍କ ଜୀବନହାନି ଗଭୀର ଚିନ୍ତାର ବିଷୟ। ରିପୋର୍ଟ ଅନୁଯାୟୀ ପଶ୍ଚିମବଙ୍ଗରେ ୨୦୧୬ରେ ୫୦୯ଟି ରାଜନୈତିକ ହିଂସାକାଣ୍ଡ ଘଟିଥିବାବେଳେ ୨୦୧୮ରେ ତାହା ୧୦୩୫କୁ ବୃଦ୍ଧି ପାଇଥିଲା। ୨୦୧୯ରେ ବର୍ତ୍ତମାନ ସୁଦ୍ଧା ସେଠାରେ ୭୭୩ଟି ରାଜନୈତିକ ହିଂସା ଘଟିସାରିଲାଣି। ୨୦୧୬ରେ ହିଂସାଜନିତ ମୃତ୍ୟୁସଂଖ୍ୟା ୩୬ ଥିବାବେଳେ ୨୦୧୮ରେ ୯୬ ଏବଂ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୨୬ରେ ପହଞ୍ଚିଛି। ହିଂସା ଦମନ ସହ ଅପରାଧ ତତ୍ତ୍ୱଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ରିପୋର୍ଟ ପଠାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମମତା ବାନାର୍ଜୀ ସରକାରଙ୍କୁ ଅନୁରୋଧ କରିଛି। ସେହିପରି ଡାକ୍ତରମାନଙ୍କ ଆନ୍ଦୋଳନକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଟିଏମ୍‌ସି ସରକାରଙ୍କଠାରୁ ଆଉ ଏକ ରିପୋର୍ଟ ମାଗିଛନ୍ତି। ପଶ୍ଚିମବଙ୍ଗରେ ଡାକ୍ତରମାନଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟର ଡାକ୍ତର ସଂଘ ଓ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା କର୍ମଚାରୀ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଇବା ଲାଗି କେନ୍ଦ୍ର ନିକଟରେ ଆବେଦନ କରିଛନ୍ତି। ତେଣୁ ଏହା ଉପରେ ତୁରନ୍ତ ସବିଶେଷ ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ କୁହାଯାଇଛି।

■ ରାଜ୍ୟଗୁଡ଼ିକୁ ହର୍ଷବର୍ଦ୍ଧନଙ୍କ ପତ୍ର

## ଡାକ୍ତରଙ୍କ ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ

ନୂଆଦିଲ୍ଲୀ,୧୫।୬(ପି.ଟି.)

ଡାକ୍ତର ଓ ହସ୍ପିଟାଲ କର୍ମଚାରୀମାନଙ୍କୁ ହିଂସାକାଣ୍ଡରୁ ସୁରକ୍ଷା ଦେବା ଲାଗି ନିର୍ଦ୍ଦିଷ୍ଟ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ବିଚାର କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶନିବାର ସମସ୍ତ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ପ୍ରଦାନ ଲାଗି ସେ ରାଜ୍ୟ ଓ କେନ୍ଦ୍ରଶାସିତାଞ୍ଚଳ ସରକାରମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିକଟରେ କୋଲକାତାରେ ୨ ଜଣ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ପରିପ୍ରେକ୍ଷୀରେ ସେ ଏଭଳି ପତ୍ର ଲେଖିଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ଲେଖିଥିବା ପତ୍ରରେ ସେ ଭାରତୀୟ ମେଡିକାଲ ସଂଘ (ଆଇଏମ୍‌ଏ) ଦେଇଥିବା ଚିଠା ଆଇନର ନକଲ ମଧ୍ୟ ସଂଯୋଗ କରିଛନ୍ତି। ଡାକ୍ତରମାନଙ୍କ ସୁରକ୍ଷା ଲାଗି କଠୋର ଆଇନ ଦାବିରେ ଆଇଏମ୍‌ଏ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ପତ୍ର ଲେଖିଥିଲେ। ସେମାନେ ଶୁକ୍ରବାରଠାରୁ ଦେଶବ୍ୟାପୀ ୩ ଦିନିଆ ବିକ୍ଷୋଭ ଚଳାଇବା ସହ ୧୭ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦେଇଥିବାରୁ ନୂତନ ଆଇନ ପ୍ରଣୟନ ଲାଗି ହର୍ଷବର୍ଦ୍ଧନ ରାଜ୍ୟ ସରକାରମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ବିଶାଖାପାଟଣା ବିମାନବନ୍ଦରରେ ଶନିବାର ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଜଣେ ସୁରକ୍ଷା କର୍ମୀ ଯାଞ୍ଚ କରୁଛନ୍ତି।

## ପାଇଖାନା ଟାଙ୍କି ସଫାବେଳେ ଶ୍ୱାସରୁଦ୍ଧ ହୋଇ ୭ ମୃତ

**ମୁମ୍ବାଇ,୧୫।୬ :** ଗୁଜରାଟର ଭଦୋଦରା ଅନ୍ତର୍ଗତ ଫର୍ତିକୁଲ ଗ୍ରାମରେ ଥିବା 'ଦର୍ଶନ' ହୋଟେଲର ମଳକୁଣ୍ଡ ସଫା କଲାବେଳେ ଅଣନିଶ୍ୱାସୀ ହୋଇ ୭ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୩ ଜଣ ହୋଟେଲ କର୍ମଚାରୀ ଥିବାବେଳେ ୪ ଜଣ ସଫେଇ କର୍ମଚାରୀ ଥିଲେ। ସେମାନେ ମଳକୁଣ୍ଡ ଭିତରକୁ ପଶିବାବେଳେ କୌଣସି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା ବୋଲି ଜଣାପଡ଼ିଛି। ପ୍ରାଣ ହରାଇଥିବା ସଫେଇ କର୍ମଚାରୀମାନେ ହେଲେ ମହେଶ ପଟନ୍‌ୱାଦିୟା, ଅଶୋକ ହରିଜନ, ବ୍ରିଜେଶ ହରିଜନ ଓ ମହେଶ ହରିଜନ। ହୋଟେଲ କର୍ମଚାରୀ ଅଜୟ ବସଭା(୨୪), ବିଜୟ ଚୌହାନ୍(୨୨) ଓ ସହଦେବ ବସଭା(୨୨) ମଧ୍ୟ ଅଣନିଶ୍ୱାସୀ ହୋଇ ପ୍ରାଣ ହରାଇଛନ୍ତି। ପ୍ରଥମେ ମହେଶ ପଟନ୍‌ୱାଦିଆ ମଳକୁଣ୍ଡରେ ପଶିଥିଲେ। କିଛି ସମୟ ପରେ ଅନ୍ୟ ୩ଜଣ ସଫେଇ କର୍ମଚାରୀ ପଶିଥିଲେ। ସେମାନେ କିଛି ନକହିବାରୁ ଶେଷରେ ହୋଟେଲର ୩ କର୍ମଚାରୀ ମଳକୁଣ୍ଡ ଭିତରେ ପଶିଥିଲେ ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା ପୋଲିସରେ ରୁଜୁ ହୋଇଥିବାବେଳେ ଡିଏସ୍‌ପି କଲ୍ପେଶ ସୋଲାଙ୍କି ଏହାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। କେଉଁ ଗ୍ୟାସ ଯୋଗୁ ଏଭଳି ଅଘଟଣ ଘଟିଲା, ତା'ର ତଦନ୍ତ କରାଯାଉଥିବା ସେ କହିଛନ୍ତି।

## ମାଓବାଦୀଙ୍କ ପାଖରେ ପାକ୍ ସେନା ବନ୍ଧୁକ

ନୂଆଦିଲ୍ଲୀ,୧୫।୬



ଛତିଶଗଡ ପୋଲିସ ଦ୍ୱିତୀୟ ଥର ଲାଗି ମାଓବାଦୀମାନଙ୍କଠାରୁ ବିଦେଶୀ ରାଇଫଲ ଜବତ କରିଛି। ଜବତ ହେକ୍‌ଲର ଏବଂ କୋଚ୍ ଜି୩ ରାଇଫଲ ସୁରକ୍ଷା ବଳର ଚିନ୍ତା ବଢ଼ାଇ ଦେଇଛି। ନାଟୋ ଓ ପାକିସ୍ତାନୀ ସେନା ଏହି ରାଇଫଲ ବ୍ୟବହାର କରିଥାଏ। ପୂର୍ବରୁ ବସ୍ତର ଅଞ୍ଚଳରେ ଏନ୍‌କାଉଣ୍ଟରସ୍ଥଳରୁ ପୋଲିସ ମାଓବାଦୀ ବ୍ୟବହାର କରୁଥିବା ବିଦେଶୀ ଅସ୍ତ୍ର ଜବତ କରିଥିଲା। ଶୁକ୍ରବାର ରାତିରେ ଛତିଶଗଡର କଙ୍କେର ଜିଲା ଅନ୍ତର୍ଗତ ମୁର୍‌ନାର ଜଙ୍ଗଲ ମଧ୍ୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟରସ୍ଥଳରୁ ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଜବତ ଅସ୍ତ୍ର ମଧ୍ୟରେ ଦୁଇଟି ଏସ୍‌ଏଲ୍‌ଆର୍, ଗୋଟିଏ ୩୦୩ ରାଇଫଲ, ଗୋଟିଏ ଅତ୍ୟାଧୁନିକ ଜି୩ ରାଇଫଲ ରହିଛି। ଜି୩ ରାଇଫଲ ପାକିସ୍ତାନ ସୈନ୍ୟବାହିନୀ ବ୍ୟବହାର କରିଥାଏ ବୋଲି ମାଓବାଦୀ ଅପରେଶନ୍ ଦାୟିତ୍ୱରେ ଥିବା ପୋଲିସ ଡିଜି ଡି.ଏମ୍. ଅୱସ୍ଥି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କଙ୍ଗାରୁ କୋର୍ଟର ବିଚିତ୍ର ନିଷ୍ପତ୍ତି ପୀଡ଼ିତାଙ୍କ ପବିତ୍ରତା ଲାଗି ଆମିଷ ଭୋଜି ଦାବି


ଭୋପାଳ,୧୫।୬

କଙ୍ଗାରୁ କୋର୍ଟ ବା ଖାପ୍ ପଞ୍ଚାୟତର କୌଣସି ଆଇନଗତ ବୈଧତା ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସତ୍ତ୍ୱେ କଙ୍ଗାରୁ କୋର୍ଟରେ ବର୍ବରତା ଓ ଏକତରଫା ନିଷ୍ପତ୍ତି ଲୋକଙ୍କୁ ଅଡୁଆରେ ପକାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ରାଜଗଡ଼ ଜିଲାରେ। ରାଜଗଡ଼ର ଏକ ପଞ୍ଚାୟତରେ ବଳାତ୍କାରର ଶିକାର ହୋଇଥିବା ଜଣେ ନାବାଳିକା ପରିବାରକୁ ଆମିଷ ଭୋଜି ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭୋଜି ନ ଦେଲେ ତାଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରାଯିବ ବୋଲି ପଞ୍ଚାୟତ ନିଷ୍ପତ୍ତି ଶୁଣାଇଛି। ପଞ୍ଚାୟତରେ କଙ୍ଗାରୁ କୋର୍ଟ ବସି ଗ୍ରାମବାସୀଙ୍କୁ ଆମିଷ ଭୋଜି ଦେଲେ ପୀଡ଼ିତାଙ୍କ ପବିତ୍ରତା ଫେରି ଆସିପାରିବ ବୋଲି କୁହାଯାଇଛି। ଏହାପରେ ପୀଡ଼ିତାଙ୍କ ବାପା ପୋଲିସରେ ଅଭିଯୋଗ କରିଥିଲେ। ଘଟଣାଟି ଗତ ଜାନୁୟାରୀ ମାସର। ଗ୍ରାମର ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜେଲ୍ ଯାଇଥିଲେ। କିନ୍ତୁ ପୀଡ଼ିତାଙ୍କ ପରିବାରର ଦୁଃଖ ଯାଇ ନ ଥିଲା। ଗତ ଏପ୍ରିଲ ୪ ତାରିଖରେ ଏନେଇ ପଞ୍ଚାୟତ ବସି ପୀଡ଼ିତା ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ଯଦି ପୀଡ଼ିତାଙ୍କ ବାପା ସମସ୍ତ ଗ୍ରାମବାସୀଙ୍କୁ ଆମିଷ ଭୋଜି ଖାଇବାକୁ ଦେବେ, ତେବେ ଉକ୍ତ ପରିବାରକୁ କ୍ଷମା କରାଯିବ ଓ ପୀଡ଼ିତାଙ୍କ ପବିତ୍ରତା ଫେରିଆସିବ ବୋଲି ପଞ୍ଚାୟତ ନିର୍ଦ୍ଦେଶ ଦେଇଥିଲା। ଏବେ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ପ୍ରକାଶ।

■ ଲେଉଟି ଆସିଲା ସାମୁଦ୍ରିକ ଝଡ଼ 'ବାୟୁ'

## ୪୮ ଘଣ୍ଟାରେ ଗୁଜରାଟ ଉପକୂଳ ଛୁଇଁବ

ନୂଆଦିଲ୍ଲୀ,୧୫।୬



ସାମୁଦ୍ରିକ ବାତ୍ୟା 'ବାୟୁ' ଲୁଚକାଳି ଖେଳୁଛି। ଗତ ଗୁରୁବାର ଏହା ଗୁଜରାଟ ଉପକୂଳରେ ମାଡ଼ ହେବାର ଆଶଙ୍କା ଥିବାବେଳେ ବୁଧବାର ରାତିରେ ଏହାର ଗତିପଥ ବଦଳି ଯାଇଥିଲା। ଫଳରେ ରାଜ୍ୟ ସରକାର ସ୍ଥାନାନ୍ତର ହୋଇଥିବା ପ୍ରାୟ ୩ ଲକ୍ଷ ଲୋକଙ୍କୁ ନିଜ ଘରକୁ ଫେରିଯିବାକୁ କହିଥିଲେ। ଏବେ କିନ୍ତୁ 'ବାୟୁ' ପୁଣି ଫେରିବାର ଆଶଙ୍କା ପ୍ରକାଶ ପାଇଛି। ଗତିପଥ ପୁଣି ବଦଳାଇ ଏହି ବାତ୍ୟା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଗୁଜରାଟର କଚ୍ଛରେ ମାଡ଼ ହେବ ବୋଲି କୁହାଯାଉଛି। ରାଜ୍ୟ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ୍ କହିଛନ୍ତି ଯେ, ଜୁନ୍ ୧୬ରେ ଏହା ମୋଡ଼ନେଇ ୧୭ ଓ ୧୮ରେ କଚ୍ଛକୁ ଛୁଇଁବ। 'ବାୟୁ' ପୂର୍ବଭଳି ଶକ୍ତିଶାଳୀ ନାହିଁ ଓ ଉପକୂଳରେ ଏହାର ପ୍ରଭାବରେ କେବଳ ଝଡ଼ବର୍ଷା ହେବ ବୋଲି ଭୂ-ବିଜ୍ଞାନ ବିଭାଗର ଅଧିକାରୀମାନେ କହିଛନ୍ତି।

କଚ୍ଛ ଓ ସୌରାଷ୍ଟ୍ରରେ ବାତ୍ୟା 'ବାୟୁ' ମାଡ଼ହେବା ନେଇ ଏତେଶୀଘ୍ର ଅନୁମାନ ଲଗାଇବା ଠିକ୍ ହେବନି ବୋଲି ଅହମଦାବାଦ ପାଣିପାଗ କେନ୍ଦ୍ରର ଉପନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଏହା ପୁଣି ଗତିପଥ ବଦଳାଇପାରେ କିମ୍ବା ଦୁର୍ବଳ ହୋଇପାରେ। କେବଳ ସମୟକୁ ହିଁ ଏଥିଲାଗି ଅପେକ୍ଷା କରିବାକୁ ପଡ଼ିବ। ତେବେ ଶନିବାର ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପୁଣି ପରାମର୍ଶ ଦିଆଯାଇଛି। ଏଥିସହ ଉପକୂଳବାସୀ ସତର୍କ ରହିବାକୁ ମଧ୍ୟ ପାଣିପାଗ ବିଭାଗ କହିଛି।

## ମହିଳା ପୋଲିସଙ୍କୁ ଜିଅନ୍ତା ଜାଳିଦେଲେ


**ଥିରୁଭାନନ୍ଥପୁରମ୍,୧୫।୬:** କେରଳର ଆଲାପୁଝା ଜିଲା ଅନ୍ତର୍ଗତ ମାଭେଲିକାରାଠାରେ ଜଣେ ମହିଳା ପୋଲିସ କନ୍‌ଷ୍ଟେବଲଙ୍କୁ ତାଙ୍କର ଜଣେ ଟ୍ରାଫିକ୍ ପୋଲିସ ଛୁରି ଭୁସିବା ପରେ ଜିଅନ୍ତା ଜାଳିଦେଇଛନ୍ତି। ମୃତା ସୌମ୍ୟା ପୁଷ୍କରନ୍(୩୨) ଭାଲିକୁନ୍ନମ ଥାନାରେ କାର୍ଯ୍ୟ କରୁଥିଲେ। ହତ୍ୟାକାରୀ ପି. ଆଜାଜଙ୍କୁ ପୋଲିସ ଗିରଫ କରିଛି। ହତ୍ୟାର କାରଣ ଜଣାପଡିନାହିଁ।

[ଇତିହାସର ଆଇନାରେ]

### ଜୁନ୍ ୧୬ର ପ୍ରମୁଖ ଘଟଣା

୨୦୧୦ ଜୁନ୍ ୧୬ରେ ଭୁଟାନରେ ସମ୍ପୂର୍ଣ୍ଣ ତମାଖୁ ନିଷେଧ କରାଯାଇଥିଲା। ଦକ୍ଷିଣ ଏସିଆର ଏହି ଦେଶ ପୂର୍ବ ହିମାଳୟରେ ଅବସ୍ଥିତ। ଏହାର ଉତ୍ତରରେ ଚାଇନାର ସ୍ୱୟଂଶାସିତ ଅଞ୍ଚଳ ତିବ୍ବତ, ପଶ୍ଚିମରେ ଭାରତର ସିକିମ ରାଜ୍ୟ ଓ ତିବ୍ବତର ଚୁମ୍ବି ଉପତ୍ୟକା, ପୂର୍ବରେ ଅରୁଣାଚଳ ପ୍ରଦେଶ ଏବଂ ଦକ୍ଷିଣରେ ଆସାମ ଓ ପଶ୍ଚିମବଙ୍ଗ ରହିଛି।

୨୦୧୨ ଜୁନ୍ ୧୬ରେ ଚାଇନା ସଫଳତାର ସହିତ ଏହାର ଶେନ୍‌ଝୋଉ-୯ ସ୍ପେସ୍‌କ୍ରାଫ୍ଟ ଲଞ୍ଚ୍ କରିଥିଲା। ଏଥିରେ ପ୍ରଥମ ମହିଳା ଲିଉ ୟାଙ୍ଗ୍‌ଙ୍କ ସମେତ ୩ ମହାକାଶଚାରୀ ସ୍ପେସ୍ ଷ୍ଟେସନ୍ ତିଆନଗଙ୍ଗ୍-୧କୁ ଯାତ୍ରା କରିଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୬ | ୨୭.୬ |
| ଚାନ୍ଦବାଲି | ୩୧.୭ | ୨୯.୬ |
| କଟକ | ୩୫.୦ | ୨୭.୨ |
| ପାରାଦ୍ୱୀପ | ୩୧.୪ | ୨୯.୮ |
| ଭୁବନେଶ୍ୱର | ୩୪.୪ | ୨୭.୬ |
| ଗୋପାଳପୁର | ୩୨.୮ | ୨୭.୮ |
| ପୁରୀ | ୩୪.୨ | ୨୮.୪ |
| ଅନୁଗୋଳ | ୪୦.୧ | ୨୫.୬ |
| ବାରିପଦା | ୩୬.୬ | ୨୪.୦ |
| ଝାରସୁଗୁଡ଼ା | ୪୨.୮ | ୩୦.୬ |
| କେନ୍ଦୁଝର | ୩୮.୩ | ୨୪.୪ |
| ସମ୍ବଲପୁର | ୪୨.୨ | ୨୮.୪ |
| ସୁନ୍ଦରଗଡ଼ | ୩୮.୫ | ୨୩.୦ |
| ହୀରାକୁଦ | ୪୨.୨ | ୨୯.୩ |
| ତାଳଚେର | --- | ୨୩.୫ |
| ଭବାନୀପାଟଣା | ୪୧.୨ | ୨୬.୦ |
| ବଲାଙ୍ଗୀର | ୪୧.୦ | ୨୬.୬ |
| କୋରାପୁଟ | ୩୭.୦ | ୨୬.୦ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୪୩.୦ | ୨୬.୦ |
| ମାଲକାନଗିରି | ୪୩.୦ | ୨୫.୬ |
| ସୋନପୁର | ୩୯.୮ | ୨୪.୮ |
| ଦାରିଙ୍ଗିବାଡ଼ି | ୩୫.୫ | ୨୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ମନମୋହନଙ୍କୁ ହରାଇବ ପାର୍ଲାମେଣ୍ଟ

ନୂଆଦିଲ୍ଲୀ,୧୫।୬



**ବଜେଟ ଅଧିବେଶନରେ ଯୋଗ ଦେଇପାରିବେନି**

**୨୮ ବର୍ଷ ରହିଥିଲେ ରାଜ୍ୟ ସଭା ସଦସ୍ୟ**

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ମନମୋହନ ସିଂ ଆଉ ସଂସଦରେ ଦେଖାଯିବେନି। ରାଜ୍ୟ ସଭାରେ ତାଙ୍କ କାର୍ଯ୍ୟକାଳ ଜୁନ୍ ୧୪ରେ ପୂରି ଯାଇଥିବାବେଳେ ପୁଣି ତାଙ୍କୁ ପାର୍ଲାମେଣ୍ଟକୁ ଆଣିବା ଲାଗି କଂଗ୍ରେସ ନିକଟରେ ଆବଶ୍ୟକ ସଂଖ୍ୟା ନାହିଁ। କେବଳ ଗୁଜରାଟରେ କଂଗ୍ରେସ ଗୋଟିଏ ରାଜ୍ୟ ସଭା ଆସନ ଦଖଲ କରିପାରିବ ବୋଲି ଜଣାପଡ଼ିଛି। ଅନ୍ୟ ରାଜ୍ୟରେ କଂଗ୍ରେସକୁ କୌଣସି ରାଜ୍ୟ ସଭା ଆସନ ମିଳିପାରିବ ନାହିଁ। ତେଣୁ ଆପାତତଃ ଏହି ବିଚକ୍ଷଣ ରାଜନେତା ତଥା ଜଣାଶୁଣା ଅର୍ଥନୀତିଜ୍ଞଙ୍କ ପାର୍ଲାମେଣ୍ଟ ଆସିବା ବାଟ ବନ୍ଦ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏମିତିକି ଜୁନ୍ ୧୭ରୁ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ମଧ୍ୟ ସେ ଯୋଗଦେଇ ପାରିବେ ନାହିଁ। ଆସାମରୁ ୧୯୯୧ ମସିହାରେ ରାଜ୍ୟ ସଭାକୁ ପ୍ରଥମଥର ଲାଗି ମନମୋହନ ନିର୍ବାଚିତ ହୋଇ ଆସିଥିଲେ। ଏବେ ଆସାମ ବିଧାନସଭାରେ କଂଗ୍ରେସ ସ୍ଥିତି ପୂର୍ବଭଳି ନାହିଁ। ସଂଖ୍ୟାର ଖେଳରେ କଂଗ୍ରେସ ଏଠାରେ ହାର୍ ମାନିଥିବାରୁ ମନମୋହନଙ୍କ ଆଶା ମଉଳି ଯାଇଛି। ଅନ୍ୟ ରାଜ୍ୟରେ ରାଜ୍ୟ ସଭା ଆସନ ଖାଲି ପଡ଼ିବାର ସମ୍ଭାବନା ଥିଲେ ମଧ୍ୟ କଂଗ୍ରେସ ସେଠାରୁ ତାଙ୍କୁ ରାଜ୍ୟ ସଭାକୁ ପଠାଇପାରିବ ନାହିଁ। ଖୁବଶୀଘ୍ର ଓଡ଼ିଶାରୁ ୪, ତାମିଲନାଡୁରୁ ୧, ବିହାର ଓ ଗୁଜରାଟ ପ୍ରତ୍ୟେକରୁ ୨ଟି ଲେଖାଏ ରାଜ୍ୟ ସଭା ଆସନ ଖାଲି ହେବ। ହେଲେ ଗୁଜରାଟର ଗୋଟିଏ ଆସନକୁ ଛାଡ଼ିଦେଲେ ଅନ୍ୟ କେଉଁଠାରେ କଂଗ୍ରେସକୁ ଗୋଟିଏ ବି ଆସନ ମିଳିବାର ନାହିଁ। ମନମୋହନଙ୍କୁ ରାଜ୍ୟ ସଭାକୁ ପଠାଇବାକୁ ହେଲେ କଂଗ୍ରେସର କୌଣସି ସଦସ୍ୟଙ୍କୁ କେବଳ ଇସ୍ତଫା ହିଁ ଦେବାକୁ ପଡ଼ିବ।

ଦୀର୍ଘ ୨୮ ବର୍ଷକାଳ ରାଜ୍ୟ ସଭା ସଦସ୍ୟଭାବେ ମନମୋହନ କାର୍ଯ୍ୟ କରିଆସିଛନ୍ତି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେ ରାଜ୍ୟ ସଭାରେ ଦଳର ନେତୃତ୍ୱ ନେଇଥିଲେ। ୬ ବର୍ଷ ବିରୋଧୀ ଦଳର ନେତା ପଦ ଅଳଙ୍କୃତ କରିଥିଲେ। ଏବେ ଏହି ବରିଷ୍ଠ ରାଜନେତାଙ୍କ ଫେରିବା ବାଟ ବନ୍ଦ ହୋଇଯାଇଛି।




# ହିସାବ ତୁଟୁନି, ଅନ୍ଧାର ହଟୁନି

**ବିଚିତ୍ରାନନ୍ଦ ସାହୁ**
**ନିମାପଡ଼ା,୧୫।୬(ଡି.ଏନ୍.ଏ.)**

ଗତ ମେ ୩ ତାରିଖରେ ବାତ୍ୟା ଫନୀରେ ପୁରୀ ଜିଲାର ବିଭିନ୍ନ ସ୍ଥାନ ଭଳି ନିମାପଡ଼ା ବ୍ଲକର ୩୨ ଗ୍ରାମପଞ୍ଚାୟତ ଏବଂ ଏନଏସି ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୫୨ହଜାର ପରିବାରର ୨ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବେସାହାରା ହୋଇପଡ଼ିଥିଲେ। ସଡ଼କ, ବିଦ୍ୟୁତ୍, ଟେଲି ଯୋଗାଯୋଗ ଆଦି ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ନିମାପଡ଼ା ବିଦ୍ୟୁତ୍ ଉପଖଣ୍ଡର ୨୫ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ନଷ୍ଟ ହୋଇଯାଇଥିବାବେଳେ ୧ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ସବ୍‌ଷ୍ଟେଶନ କ୍ଷତିଗ୍ରସ୍ତ ହୋଇଥିଲା। ୧୫ଟି ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାର ମଧ୍ୟ ଭାଙ୍ଗିପଡ଼ିଥିଲା। ଫନୀକୁ ଇତିମଧ୍ୟରେ ଦେଢ଼ମାସ ବିତିଯିବାକୁ ବସିଲାଣି, ହେଲେ ନିମାପଡ଼ାର ଅଧିକାଂଶ ଅଞ୍ଚଳକୁ ଅଦ୍ୟାବଧି ବିଦ୍ୟୁତ୍ ପୁନଃସଂଯୋଗ ହୋଇପାରିଲାନାହିଁ। ଫଳରେ ଲକ୍ଷାଧିକ ଲୋକଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି। ବିଶେଷ କରି ଗ୍ରୀଷ୍ମର ପ୍ରବଳ ପ୍ରକୋପରୁ ମୁକ୍ତିପାଇବା ପାଇଁ ଲୋକେ ଉହଲବିକଳ ହେଉଥିବାବେଳେ ପ୍ରଶାସନିକ ଓ ରାଜନୈତିକ ଅପାରଗତା ଯୋଗୁ ସେମାନେ ବିଦ୍ୟୁତ୍ ନ ପାଇ ଦୁଃଖ ଭୋଗୁଥିବା ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

ସମ୍ପ୍ରତି ନିମାପଡ଼ା ବ୍ଲକର ବାମନାଳ, ସଲଙ୍ଗ, ଉଚ୍ଛୁପୁର, ବଳଙ୍ଗା, କୋଟକୋସାଙ୍ଗ, ନୂଆସନ୍ଥ, ଶାଇସଶାସନ, ବାହାରେଣା, ତମ୍ପାଲୋ, ହରିପୁର, ଗଡ଼ପଦନପୁର, ରେଞ୍ଚଶାସନ, କଳାପାଞ୍ଚଣ, ଅଲଣ୍ଡା, ଶଗଡା, ବଡ଼ମାଛପୁର, ଧଳେଶ୍ୱର, ଧନୁଆଁ, ଛଣିଜଙ୍ଗ, ଅନ୍ଥୁଆର, ବଡଶିରୁଳା ଆଦି ଗ୍ରାମପଞ୍ଚାୟତର ଶତାଧିକ ଗ୍ରାମ ବିଦ୍ୟୁତ୍ ଅଭାବରୁ ଅନ୍ଧକାରରେ ରହିଛି। ଲୋକେ ଅସହ୍ୟ ଗରମ ଓ ଗୁଳୁଗୁଳିରେ କଲବଲ ହେଉଥିଲେ ମଧ୍ୟ ନିରୁପାୟ। ଘରେ ପଙ୍ଖା ବୁଲୁ ନ ଥିବାରୁ ଲୋକେ ଦିନରେ ତ ଛାଡ଼ ରାତି ମଧ୍ୟରେ ଶୋଇପାରୁନାହାନ୍ତି। ସନ୍ଧ୍ୟାହେଲେ ଗାଁ ରାସ୍ତା ଅନ୍ଧାକାର ହେଉଥିବାରୁ ଲୋକେ ଯାତାୟାତ କରିବାକୁ ହଟହଟା ହେଉଛନ୍ତି। ଏଥିସହିତ ବର୍ଷା ଆରମ୍ଭ ହୋଇଯାଇଥିବା ହେତୁ ଅନ୍ଧାର ଗ୍ରାମ୍ୟ ରାସ୍ତାରେ ସାପ କାମୁଡ଼ାର ଆଶଙ୍କା ବୃଦ୍ଧିପାଉଛି। କହିବାକୁ ଗଲେ ଲୋକଙ୍କ ଜୀବନଧାରଣ ଦୁର୍ବିଷହ ହୋଇପଡ଼ିଲାଣି। ଫଳସ୍ୱରୂପ ଗାଁଗଣ୍ଡାର ଲୋକେ ଉତ୍ତେଜିତ ହୋଇ ଆଇନ ହାତକୁ ନେବାକୁ ବାଧ୍ୟ ହେଉଛନ୍ତି। ଏପରି କି ବିଦ୍ୟୁତ୍ ପାଇଁ ନିମାପଡ଼ାର ବିଭିନ୍ନ ଅଞ୍ଚଳରେ ରାସ୍ତାରୋକୋ ଆନ୍ଦୋଳନ ଏକ ନିତିଦିନିଆ ଘଟଣା ପାଲଟିଛି। ଏଥିପାଇଁ ସରକାର, ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ପ୍ରଶାସନ, ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ସାମାନ୍ୟତମ ନିଘା ନ ଥିବା ବିଦ୍ୟୁତ୍ ସେବାରୁ ବଞ୍ଚିତ ବିପନ୍ନମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ଗାଁଗୁଡ଼ିକୁ ବିଦ୍ୟୁତ୍ ଯୋଗାଇବା କାର୍ଯ୍ୟ ଜୋରଦାରରେ ଚାଲିଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ଅଦ୍ୟାବଧି ୪୦ ପ୍ରତିଶତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଯଦି ବର୍ଷା ନ ହୁଏ ସେହିସବୁ ଅଞ୍ଚଳକୁ ଆସନ୍ତା ୧୫ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବିଭାଗୀୟ ଏସଡିଓ ଡି. ଜୟକୁମାର କହିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସମ୍ପୃକ୍ତ ବିଭାଗ ପକ୍ଷରୁ ହେଉଛି ବୋଲି ଏଠାକାର ଲୋକ ସ୍ୱୀକାର କରୁନାହାନ୍ତି। ସ୍ଥାନୀୟ ଜନସାଧାରଣଙ୍କ ମତରେ ପ୍ରବଳ ରାଜନୈତିକ ହସ୍ତକ୍ଷେପ ଯୋଗୁ କଣ୍ଟ୍ରାକ୍ଟର ଚୟନ ଅର୍ଥାତ୍ କିଏ କେତେ ଟଙ୍କାର କାମ ପାଇବ ଓ ସେଥିରୁ କେତେ ଦେବ ତାକୁ ନେଇ କାର୍ଯ୍ୟ ବିଳମ୍ବ ହେଉଛି। ହିସାବ ତୁଟିପାରୁ ନ ଥିବା ହୋଇଯାଇଛି ମୁଖ୍ୟ ପ୍ରତିବନ୍ଧକ।

ଏ ସମ୍ପର୍କରେ ନିମାପଡ଼ାର ପରାଜିତ ବିଧାୟକ ପ୍ରାର୍ଥିନୀ ତଥା ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧରିତ୍ରୀ ତରଫରୁ ପଚାରିବାରେ ପ୍ରଶାସନିକ ଅଧିକାରୀ, ବିଭାଗୀୟ କର୍ତ୍ତୃପକ୍ଷଙ୍କର ଚରମ ଅପାରଗତା ଓ ସ୍ଥାଣୁତା ଯୋଗୁ ଅଦ୍ୟାବଧି ବିପନ୍ନ ଲୋକଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ବାତ୍ୟା ପରେ କେନ୍ଦ୍ର ସରକାର ସହାୟତା ଯୋଗାଇ ଦେଉଥିବାବେଳେ କ୍ଷତିଗ୍ରସ୍ତଙ୍କ ପାଖରେ ବିଜୁଳି ପହଞ୍ଚାଇବାରେ ପ୍ରଶାସନ ବିଫଳ ହୋଇଛି। ଏଥିସହିତ ଶାସକ ଦଳର ସ୍ଥାନୀୟ ରାଜନେତା କାର୍ଯ୍ୟ କରାଇ ଦେଉନାହାନ୍ତି ବୋଲି ପରିଡ଼ା ଅଭିଯୋଗ କରିଛନ୍ତି।


ପ୍ରଭାତୀ ପରିଡ଼ା


ଦିଲୀପ ନାୟକ

ଅନ୍ୟତମ ପରାଜିତ ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ନେତା ଦିଲୀପ ନାୟକଙ୍କୁ ପଚାରିବାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଚରମ ଅପାରଗତା, ଉଦାସୀନତା ଓ ଆନ୍ତରିକ ଉଦ୍ୟମର ଅଭାବ ଯୋଗୁ ବାତ୍ୟାର ଏତେଦିନ ପରେ ଅଞ୍ଚଳର ୫୦ଭାଗ ଲୋକେ ବିଦ୍ୟୁତ୍ ସଂଯୋଗ ପାଇନାହାନ୍ତି। ବିଜୁଳି ନ ପାଇ ବିପନ୍ନମାନେ ଅସହ୍ୟ ଗରମ, ଗୁଳୁଗୁଳିରେ ଛଟପଟ ହେଉଥିବାବେଳେ ଅନ୍ଧକାରରେ ଶଢୁଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ମନ୍ତ୍ରୀଙ୍କର ନିମାପଡ଼ାର ବିପନ୍ନ ଲୋକଙ୍କ ପାଇଁ ଦରଦ ଥିବାଭଳି ମନେହେଉନାହିଁ। କାରଣ ନିଜେ ଭୁବନେଶ୍ୱରସ୍ଥିତ ଶୀତତାପ ନିୟନ୍ତ୍ରିତ ଘରେ ବାସ କରନ୍ତି ବୋଲି ନାୟକ କହିଛନ୍ତି।


ଝିଲିଲତା ଦାସ


ସୁରେନ୍ଦ୍ର ଦାସ

ନିମାପଡ଼ା ବ୍ଲକ ଶଗଡ଼ା ପଞ୍ଚାୟତର ଶଗଡ଼ା ଗ୍ରାମର ଝିଲିଲତା ଦାସ ଓ ସୁରେନ୍ଦ୍ର ଦାସଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ, ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଆମେ ଅନ୍ଧାରରେ ଶଢୁଛୁ। ହେଲେ ଆମ ବିଧାୟକ ତଥା ମନ୍ତ୍ରୀଙ୍କର ଏ ଦିଗରେ ଆଦୌ ନିଘା ନାହିଁ, ବିଜୁଳି ଆମ ପାଇଁ ସ୍ୱପ୍ନ ପାଲଟିଛି ବୋଲି ଉଭୟେ କ୍ଷୋଭର ସହ କହିଛନ୍ତି।


ଅଜୟ ମହାନ୍ତି


ଭାମା ଦେଈ

ବଡ଼ମାଛପୁର ପଞ୍ଚାୟତର ଜଇନାବାଦ ଗ୍ରାମର ଅଜୟ କୁମାର ମହାନ୍ତି ଓ ରେଙ୍ଘାଲୋ ଗ୍ରାମର ଭାମା ଦେଈଙ୍କୁ ପଚାରିବାରେ ବାତ୍ୟା ପରେ ଆମ ଗ୍ରାମକୁ ବିଜୁଳି ଆସିନାହିଁ। ଆମେ ଅନ୍ଧକାରରେ ରହୁଛୁ, ରାତିରେ ଯାତାୟାତ ପାଇଁ ହଟହଟା ହେଉଛୁ। ବିଜୁଳି ନ ଥିବାରୁ ପିଲାଛୁଆମାନେ ଅସହ୍ୟ ଗରମ ଗୁଳୁଗୁଳିରେ ରାତିରେ ଶୋଇପାରୁନାହାନ୍ତି। ଆମ ବିଧାୟକ ମନ୍ତ୍ରୀ ହେବା ପରେ ଭାବିଥିଲୁ ଆମ ଦୁଃଖ ଚାଲିଯିବ। ହେଲେ ଆମ ମନ୍ତ୍ରୀ ଆଉ କେଉଁଦିନ ଆମ କଥା ବୁଝିବେ, ଆମ ଗ୍ରାମକୁ କେବେ ବିଜୁଳି ଆସିବ ଆମେ ସେହି ଚିନ୍ତାରେ ରହିଛୁ। ବିଧାୟକଙ୍କର ଆମ ପ୍ରତି ଆନ୍ତିରିକତା ଥିଲା ଭଳି ମନେହେଉନାହିଁ। କିନ୍ତୁ ସେ ନିଜ କାର୍ଯ୍ୟରେ ଅଧିକ ବ୍ୟସ୍ତ ଥିବା ଭଳି ମନେହୁଏ ବୋଲି ଅଜୟ ଓ ଭାମା କହିଥିଲେ।


ବିଜୟ ପଣ୍ଡା

ଅଲଣ୍ଡା ପଞ୍ଚାୟତର ମଣିଜଙ୍ଗ ଗ୍ରାମର ବିଜୟ ପଣ୍ଡା ଓ ପ୍ରଭାତୀ ନାୟକଙ୍କୁ ପଚାରିବାରେ ବାତ୍ୟାକୁ ଦେଢ଼ମାସ ବିତିଲା, ବିଜୁଳି ଆମ ପାଇଁ ଅପହଞ୍ଚ ହୋଇପଡ଼ିଛି। ଗ୍ରାମକୁ ବିଜୁଳି ଆସି ନ ଥିବାରୁ ଆମେ ଗରମରେ ରାତିରେ ଶୋଇ ନ ପାରି ବାହାରେ ରାତି କାଟୁଛୁ। ପିଲାଛୁଆମାନେ ଅନ୍ଧାରରେ ପାଠପଢ଼ିପାରୁ ନାହାନ୍ତି। ଆମ ବିଧାୟକ ଯଦି ଏଥିପ୍ରତି ଦୃଷ୍ଟି ଦିଅନ୍ତେ ତେବେ ଶୀଘ୍ର ବିଜୁଳି ପାଇଯାଆନ୍ତୁ। ବାତ୍ୟା ଦୁର୍ଦ୍ଦଶାଠାରୁ ବିଜୁଳି କଷ୍ଟ ବଳିପଡ଼ିଲାଣି ବୋଲି ବିଜୟ ଓ ପ୍ରଭାତୀ କହିଛନ୍ତି।


ପ୍ରଭାତୀ ନାୟକ


ପ୍ରମୋଦ ମଲ୍ଲିକ


ରୀନା ପରିଡ଼ା

ସେହିପରି ଧଳେଶ୍ୱର ପଞ୍ଚାୟତର କୋପିନ୍ଦା ଗ୍ରାମର ପ୍ରମୋଦ ମଲିକ ଓ ରୀନା ପରିଡ଼ାଙ୍କୁ ପଚାରିବାରେ ଆଉ କେତେ ଦିନ ଆମେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେବୁ, କେବେ ଆମର ଦୁଃଖଦୁର୍ଦ୍ଦଶା ଦୂର ହେବ, ଆମେ ସେହି ଚିନ୍ତାରେ ରହିଛୁ। ରାତି ହେଲେ ଆମ ପାଇଁ କାଳ ମାଡ଼ିଆସିଲା ଭଳି ଅନୁଭବ କରୁଛୁ। ଶୁଣିବାକୁ ମିଳୁଛି ଠିକାଦାର ବାଛିବାରେ ମନ୍ତ୍ରୀଙ୍କର ଅଧିକ ସମୟ ଯାଉଥିବାରୁ କାମ ଆଗେଇ ପାରୁନାହିଁ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୭ଦିନ ମଧ୍ୟରେ ବର୍ଷା ଆସିବା ପୂର୍ବରୁ ନିମାପଡ଼ା ବ୍ଲକର ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯିବାକୁ ସରପଞ୍ଚ ବାଷ୍ପଲତା ପ୍ରଧାନ, ଶୀଳା ସାହୁ, ସମିତି ସଭ୍ୟା ମାମିନା ବାଘ, ଝରଣା ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ନଚେତ ଆନ୍ଦୋଳନ ଜୋରଦାର କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।







TOLL-FREE Prestige CARE 1800-123-334411 BSNL/MTNL Customers 080 - 3756 9897 (Toll) | Follow 'prestigesocial' on | www.prestigesmartkitchen.com | BAJAJ FINSERV | PRIDE IN INDIA

*ସର୍ତ୍ତାବଳୀ ଲାଗୁ । ଡିସ୍କାଉଣ୍ଟ କେବଳ ସ.ଖା.ମୂ. ଉପରେ । କେବଳ ନିର୍ଦ୍ଦିଷ୍ଟ ଡୀଲର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ । କ୍ରୟ କରାଯାଇଥିବା ସାମଗ୍ରୀ ଏବଂ ଫେରସ୍ତ ଦିଆଯାଇଥିବା ସାମଗ୍ରୀ ଉପରେ ଏକ୍ସଚେଞ୍ଜ ମୂଲ୍ୟ ନିର୍ଭର କରେ । ଉ.ସ୍ୱ. ଯଦି ଆପଣ 10ଲି. ଆଲ୍ୟୁମିନିଅମ୍ ପ୍ରେଶର୍ କୁକର୍ ବଦଳରେ 2ଲି. ପପୁଲାର୍ ପ୍ରେଶର୍ କୁକର କ୍ରୟ କରନ୍ତି, ତେବେ ପ୍ରକୃତ ଛାଡ଼ ଟ.475 ଅଟେ । ପ୍ରକୃତ ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ଜାଣିବା ସକାଶେ ଦୟାକରି ନିର୍ଦ୍ଦିଷ୍ଟ ଡୀଲର୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ଯେକୌଣସି ବଦଳରେ ଯେକୌଣସି ଏକ୍ସଚେଞ୍ଜ ଅଫର୍ ମୂଲ୍ୟ ସୂଚୀ ଦେଖି ନିଅନ୍ତୁ । ବଦଳା ଯାଇପାରୁଥିବା ପୁରୁଣା ସାମଗ୍ରୀ ମଧ୍ୟରେ ଆଲ୍ୟୁମିନିଅମ୍ ଏବଂ ଷ୍ଟେନ୍‌ଲେସ୍ ଷ୍ଟୀଲ୍ ପ୍ରେଶର୍ କୁକର୍ସ, ଆଲ୍ୟୁମିନିଅମ୍ କୁକ୍‌ୱେର୍ (ବାସନ ଅତିକମ୍‌ରେ 400 ଗ୍ରାମ୍ ଓଜନ ହେବା ଜରୁରୀ), ଗ୍ୟାସ୍ ଷ୍ଟୋଭ୍‌ସ, (ଅତିକମ୍‌ରେ 2ଟି ବର୍ନର ଯୁକ୍ତ), ମିକ୍ସର୍ ଗ୍ରାଇଣ୍ଡର୍ସ (ବଡା, ଏବଂ ଦୁଇଟି ଷ୍ଟେନ୍‌ଲେସ୍ ଷ୍ଟୀଲ୍ ଜାର୍ ଥିବା ପୁରୁଣା ମିକ୍ସର୍ ଗ୍ରାଇଣ୍ଡର୍), ଇଣ୍ଡକ୍ସନ୍ କୁକ୍‌ଟପ୍, ରାଇସ୍ କୁକର, ଚିମ୍‌ଣୀ, ହବ୍‌ସ, ଓଟିଜିଏସ୍, କେଟିଲ୍, ଟୋଷ୍ଟର୍, ଆୟରନ୍, ମାଇକ୍ରୋୱେଭ୍ ଓଭନ୍, କୁଲର୍ ଏବଂ ବ୍ଲେଣ୍ଡର୍ସ ସାମିଲ ଅଟେ ।

Prestige

For Franchisee enquiries, please contact Soumyadeep Roy, Mob: 7077721612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

**BHUBANESWAR • Rabi Takies Chhak**; Opposite to Kedar Gouri Resort; Mob: 7978609305. 105, • **Bapujinagar**; Post Office Lane; Near Yes Bank, Landline : 0674 -2597141 Mob : 9937138998 • **237, Bapujinagar**; Pani Tanki Lane, Ph: 0674 2597685/ 9777744071 • **10, Janpath**, Satyangar, Ph: 0674 2573408, 8280056821 • Shop No FG 3, I.D. Market, Near Reliance Fresh, IRC Village, Mob: 9861404879; **RAGHUNATHPUR:** Shop No - S5, Manson Green, Raghunathpur, Nandankanan Road, Bhuvneswar - 754005, Ph: 7205876694; **CUTTACK • Dolmundai** Hotel Akbari complex, Dolomundai, Haripur Road, Ph: 0671 2411580; Mob: 9658725456, • **Baxi Bazar,** Manisahoo Chhak, Mob: 6371736954 • **CDA:** Plot No. CM/3 (In front of Police Station), Markat Nagar, Sector - 7, Ph: 0671-2504833, Mob: 8280079702; **PURI** Behind Gundicha Temple , Sarvodaya Nagar Road, Beside Suruchi Mandap, Ph: 7978547991 **SAMBALPUR • Golbazaar**: near Durga Temple Mob: 9338194750, • **Budharaza:** Opposite to Budharaza High School, Mob: 8908974370/ 7008477688; **KENDRAPARA**: Kakat Chhak, Ph: 06727 221241; Mob: 9040562233 **JAGATSINGHAPUR:** C/o: Orchid Mart – Central Market, 06724221090/ 06724221080; **DHENKANAL:** Room No 14; I.G.Super Market, near SBI ATM; Mob: 9777190558/ 9348178750; **BERHAMPUR** One Way Traffic Road; Near Reliance Digital; Mob: 6370530195/ 7853802278/ 06802222145; **BOLANGIR** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; **Rayagada:** Main road, Near Old Station, Ph: 9439239394/ 8249517365; **JEYPORE:** Beside Usha Stores, Main Road, Ph: 06854 231221, Mob: 7008402905; **SEMILIGUDA:** College Chhak, O.C.C Nagar, Main Road, Mob: 8328800974. **SUNDERGARH** Shop No 8; Nehru Market Complex; Private Bus Stand, Sundergarh, Mob: 9438076828; **BARGARH: New patra needs** – Infront of Gopal Goshala, NH-6, Main Road, PH-9937171761/ 9556446300, 06646230124, **Rourkella :** Main Road, Daily Market, Udit Nagar, Mob: 9777457774

*PRESTIGE PRIORITY RETAILER :-* **BHUBANESWAR-** REETA, Ph: 0674-2597111, UTKAL LIGHT HOUSE, Ph: 9937019272, **CUTTACK** –UNION SALES EMPORIUM, Ph:2307878. *AUTHORISED DISTRIBUTORS:-* **BHUBANESWAR-** Manorama Trading Co.,Ph No.9437279239; **JATINI-** Kanha Agencies, Ph. No.9437090516; **CUTTACK-** Mahavir Enterprise, Chauliganga, Ph. No.9937092599; **TALCHER-** Sidharth Enterprises, Hatatota, Ph. No.9437003384; **ROURKELA-** Shah Distributor, Ph-0661-2506904, 9438712456; **SAMBALPUR-** Gayatri Traders, Ph-9937074072,9437925273; **BALASORE-** Satyabhama Sales, Ph. No.7008096876); **BHADRAK-** Akhandalamani Enterprise, Ph No.9437436221,9437960230; **MAYURBHANJ-** Cooling Point Ph No.9437161333; **GANJAM & PHULBANI** –Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. *AUTHORISED DEALERS :-* **BHUBANESWAR:-** Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar, Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226;Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics, Ph.9938274127. Sai Associates-7381065641. Sonamona VarietyStore , Ph. 9437287620. Situ Plastic, Ph. 9861772109; S.R.Electronics, Ph.-6861155300. Kitchen Queen, Ph.7894082707. Karan Electricals, Ph.-9778337345; A.S.Enterprises, Ph.8249658303. Das & DAS Home Appliances & Fan, Ph.8895014877. Galaxy Enterprises, Ph.9937133040. Utkal Sales, Ph. 9853150619. Nilakantha Agency- 9937346923, SB Enterprise-9861155551; **CUTTACK:-** Janata General Store, Ph-2419948, Arbind Plastic, Ph 8763923528. Patra Electronics, Ph. 2631222, **SALEPUR:-** Sanjay Electronics NX, Ph. 9777777329. **ANGUL:** Saralia Trading Co. Ph-9439471222, Shree Agency- Ph 9437013144. **TALCHER-** Beauty Palace-9437118065, Home Maker-9776173777; **DHENKANAL:-** Beauty House-9777190558.NTPC:- Pani Enterprise, Ph 9437056860. **PARADEEP:-** Krishna Enterprise, Ph. 9937451474. **KENDRAPARA :-** Purnamasi Electrical ,Ph. 9937070448. **UMARKOT:-** Balaji Metal Store , Ph 9437524982. **ROURKELA:-** Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. **SUNDARGARH-** Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-** Ganapati Electricals, Ph. 9938669100. **BARIPADA:** Aerovision, Ph 9861828643. **BALASORE:** United Sales Agency-9583519516; **CHOWDWAR:** PREMIUM:-9861101122; **RAHAMA-** MAA PADMABATI ENTERPRISE:-9861202577. *AUTHORISED SERVICE CENTRE :-* **CUTTACK:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **BHUBANESWAR-** Ph -9776322880; **ROURKELA-** Ph. 9853522686. **BERHAMPUR-** Ph. 0680-2228066. Sambalpur- Ph. 8895149244; **BOLANGIR-** Ph. 06652-234443. **ANGUL-** Ph. 9437903195. Balasore: Ph. 9937393936, **JEYPORE-** Ph. 9438445339, 06854-232339; **JAJPUR ROAD:** Ph. 9658464643; **RAHAMA:** Ph - 9437483032: **KEONJHAR:** 7008589306; **BARGARH:** 9438015648; **BHAWANIPATNA:** 8328805215

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ......................................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ



ବିଷ୍ଣୁ ମାହାଲିକ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ।

■ ଜେଇଇରେ ସଫଳତା

# ମାଲକାନଗିରି ପାଇଁ ଗୌରବ ଆଣିଲେ ଅବନ୍ତିକା

ପାଣ୍ଡୁପାଣି,୧୫।୬ (ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲାର ଜଣେ ଆଦିବାସୀ ଛାତ୍ରୀ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍ସାମିନେସନ (ଜେଇଇ)ରେ କୃତକାର୍ଯ୍ୟ ହୋଇଛନ୍ତି। ସେ ହେଉଛନ୍ତି ନିକଟସ୍ଥ ସେରପଲି ଗ୍ରାମର ଶରତ ଚନ୍ଦ୍ର ବୁରୁଦାଙ୍କ ଝିଅ ଅବନ୍ତିକା ବୁରୁଦା। ସର୍ବଭାରତୀୟ ସ୍ତରରେ ସେ ୨୦୨୦ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ମାଲକାନଗିରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅବନ୍ତିକା କହନ୍ତି ସେ ସି.ବି.ଏସ୍.ଇ. ଦଶମ ଶ୍ରେଣୀ ବିଶାଖାପାଟଣାରେ ଚୈତନ୍ୟ ଶିକ୍ଷାନୁଷ୍ଠାନରେ ୯୫ ପ୍ରତିଶତ ରଖି ପାସ୍ କରିଥିଲେ। ପରେ ଯୁକ୍ତ ୨ ବିଜ୍ଞାନ ବିଶାଖାପାଟଣାସ୍ଥିତ ବିକାଶ ପ୍ରତିଷ୍ଠାନରେ ଅଧ୍ୟୟନ କରି ୮୮ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଗାମୀ ଦିନରେ ଡାକ୍ତର ହୋଇ ଆଦିବାସୀ ଅଞ୍ଚଳରେ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଥିବା ଅବନ୍ତିକା ତାଙ୍କର ଏହି ସଫଳତା ପାଇଁ ମାଆବାପାଙ୍କୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସେ ମାଲକାନଗିରିର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦାଙ୍କ ନାତୁଣୀ।



# ଶ୍ରୀମନ୍ଦିରରେ ପ୍ରବେଶ କଲେ ଦଇତାପତି

ପୁରୀ ଅଫିସ,୧୫।୬

■ ଆଜି ସେନାପଟା ଲାଗି
■ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ବନ୍ଦ

ଆସନ୍ତା ୧୭ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ୧୦୮ ଗରା ଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ନୀତି। ଏହି ଗୁପ୍ତ ନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ତେଣୁ ଶନିବାର ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ଦଇତାପତିମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି। ସେମାନେ ତ୍ରୟୋଦଶୀ ତିଥିଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ନିମଗ୍ନ ରହିବେ। ରାତ୍ର ବଡସିଂହାର ସରି ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ସେମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଷ୍ଟ କରିବେ। ସୁଦର୍ଶନଙ୍କୁ ବଡବାଡ଼ କୋଣ ଖଟୁଲି ଉପରେ ବିଜେ କରାଇବେ। ଶନିବାର ରାତି ୧୨ଟା ୪୦ରେ କୋଠ ସୁଆସିଆଁମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ସେମାନେ ଚାରବାଡ଼ ବାନ୍ଧିସାରି ରବିବାର ସକାଳେ ବାହାରିବେ। ଏହାପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତିମାନେ ସେନାପଟା ଲାଗି କରିବେ। ପୂର୍ବାହ୍ନ ସାଢେ ୧୦ଟାରେ ସେନାପଟା ଲାଗି ଶେଷ ହେବା ପାଇଁ ନୀତି ନିର୍ଘଣ୍ଟ ହୋଇଛି। ତେଣୁ ରବିବାର ସକାଳଠୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

## କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୭ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବୋଚ୍ଚ ରେକର୍ଡ ସ୍ତର ୪୨୩.୫ ବିଲିୟନ ଡଲାର ଛୁଇଁଛି। —ଆର୍‌ବିଆଇ

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ବାଲୁଗାଁ,୧୫।୬(ଡି.ଏନ.ଏ.)

ଖୋର୍ଦ୍ଧା ଜିଲ୍ଲା ୧୬ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ସରନଈ ଓଭରବ୍ରିଜ୍ ପାର୍ଶ୍ୱରୁ ଶନିବାର ସକାଳେ ଜଳୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ବାଲୁଗାଁ ପୋଲିସ ଉଦ୍ଧାର କରିଛି।

ନୀତି ଆୟୋଗ ବୈଠକରେ ନବୀନ

# ଫୋକସ୍ ଷ୍ଟେଟ୍ ମାନ୍ୟତା ଦାବି ଦୋହରାଇଲେ

ଭୁବନେଶ୍ୱର,୧୫।୬(ବ୍ୟୁରୋ)

■ ଫନୀ ପରବର୍ତ୍ତୀ ପୁନରୁଦ୍ଧାରକୁ ପ୍ରାଥମିକତା
■ ଅନ୍ତରୀଣ ସମୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବି
■ କୋଇଲା ରୟାଲ୍‌ଟି ୧୪%ରୁ ୨୦%କୁ ବୃଦ୍ଧି ଦାବି
■ ପିଏମ୍ କିଷାନରେ ଭୂମିହୀନ, ଭାଗଚାଷୀଙ୍କୁ ସାମିଲ ନେଇ ଅନୁରୋଧ

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ତେଣୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ବିଚାର ମାନଦଣ୍ଡରେ ପ୍ରାକୃତିକ ବିପର୍ଯ୍ୟୟକୁ ଏକକ ଭାବେ ଗ୍ରହଣ କରାଯାଉ। ନିକଟରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ତେଣୁ ନେଇ ଓଡ଼ିଶାକୁ ଫୋକସ୍ ଷ୍ଟେଟ୍ ମାନ୍ୟତା ଦିଆଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆୟୋଗ ବୈଠକରେ ଦାବି କରିଛନ୍ତି। ପୂର୍ଣ୍ଣ ସମୟ ପାଇଁ ନ ହେଉ ପଛେ ସ୍ୱଳ୍ପ ଅବଧି ଲାଗି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ସୁବିଧା ଦେବା ଦାବି ନବୀନ ଦୋହରାଇଛନ୍ତି। ଏହା ହୋଇପାରିଲେ ରାଜ୍ୟ ବିଭିନ୍ନ ଯୋଜନାରେ ୯୦ ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ପାଇପାରିବ, ଯାହା ରାଜ୍ୟର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବ ବୋଲି ରାଜ୍ୟ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି।

ସେହିପରି ପିଏମ୍ କିଷାନ ଯୋଜନାରେ ଭୂମିହୀନ ଏବଂ ଭାଗଚାଷୀଙ୍କୁ ସାମିଲ କରିବା ପାଇଁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଛି। ୨୦୧୯ ଏପ୍ରିଲ ପହିଲା ସୁଦ୍ଧା ଅସମ୍ପୂର୍ଣ୍ଣ ହୋଇ ରହିଥିବା ଜଳସେଚନ ପ୍ରକଳ୍ପଗୁଡ଼ିକୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ସାମିଲ କରାଯିବା ନେଇ ଓଡ଼ିଶା ନୀତି ଆୟୋଗ ବୈଠକରେ ଦାବି କରିଛି। କେନ୍ଦ୍ର ସରକାର ରାଜ୍ୟରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଅଧିକ ଅର୍ଥ ଖର୍ଚ୍ଚ କରନ୍ତୁ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୩ ଅଧୀନରେ ୧୦୦ରୁ କମ୍ ଜନସଂଖ୍ୟା ଥିବା ଗ୍ରାମରେ ରାସ୍ତା କରିବା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହୁ। କଳାହାଣ୍ଡି, ନବରଙ୍ଗପୁର ଏବଂ ମାଲକାନଗିରି ଭଳି ଜିଲ୍ଲାରେ ରେଳ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଉ। ଯେଉଁ ଗ୍ରାମପଞ୍ଚାୟତଗୁଡ଼ିକରେ ବ୍ୟାଙ୍କ ସୁବିଧା ପହଞ୍ଚି ପାରିନାହିଁ, ସେଠାରେ ଶାଖା ଖୋଲିବା ଦିଗରେ କେନ୍ଦ୍ର ଧ୍ୟାନ ଦେଉ। ଦ୍ରୁତଗତିରେ ଭାରତ ନେଟ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉ। ସେହିଭଳି କୋଇଲା ରୟାଲ୍‌ଟି ୧୪%ରୁ ୨୦%କୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ନୀତି ଆୟୋଗ ବୈଠକର ୪ ଦିନ ପୂର୍ବରୁ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିସାରିଛନ୍ତି। ରାଜ୍ୟ ପ୍ରଶାସନ ପକ୍ଷରୁ ଦ୍ରୁତଗତିରେ ଫନୀ କ୍ଷୟକ୍ଷତିର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ବିଭାଗୱାରି କ୍ଷତି ତାଲିକା ପ୍ରଦାନ କରାଯାଇସାରିଛି। ତେଣୁ ପୁନରୁଦ୍ଧାରକୁ ପ୍ରାଥମିକତା ଦେଇ କେନ୍ଦ୍ର ୫୨୨୮ କୋଟି ଟଙ୍କା ତୁରନ୍ତ ମଞ୍ଜୁର କରିବା ନେଇ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

ରାଜ୍ୟର କେତେକ ଦାବି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ସାମଗ୍ରିକ ଭାବେ ନିଜର ସ୍ପଷ୍ଟ ମତ ରଖିଛନ୍ତି। ସମାଜର ସବୁକ୍ଷେତ୍ରରେ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଉ। ଲଗାତର ନିର୍ବାଚନ ଦ୍ୱାରା ସମୟ ନଷ୍ଟ ଓ ବ୍ୟୟବହୁଳ ହୋଇଥାଏ। ତେଣୁ ଲୋକ ସଭା ଏବଂ ବିଧାନସଭା ନିର୍ବାଚନକୁ ଏକସଙ୍ଗରେ କରାଯାଉ। କୃଷିକୁ ସଦାସର୍ବଦା ଅଗ୍ରାଧିକାର ଦିଆଯାଉ। ଜଳସମ୍ପଦର ସୁବିନିଯୋଗ ସହ ଶୁଖିଲା ଜମିଗୁଡ଼ିକରେ ସବୁଜ ବିପ୍ଳବ ଆଣିବା ଉପରେ ଗୁରୁତ୍ୱାରୋପ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାନ୍ତରାଳ ଭାବେ ପରିବେଶ ଓ ଅର୍ଥନୈତିକ ପ୍ରଗତି ଗତି କରିବା ଉଚିତ। ଏହା ବ୍ୟତୀତ ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ରାଜ୍ୟ କିଭଳି ଭାବେ କ୍ଷତିଗ୍ରସ୍ତ ହୋଇଛି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ।

# ସିସିଟିଭି ଫୁଟେଜ ନ ପାଇ ଫେରିଲା ପୋଲିସ

କଟକ ଅଫିସ,୧୫।୬

## ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ତାଙ୍କ ସାନଭାଇ ଅନୁପ୍ରାସ ମହାନ୍ତି ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଶୁକ୍ରବାର ପୁରୀଘାଟ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା(ନଂ.୧୧୩/୧୯) ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଶନିବାର ପୋଲିସ ଅନୁଭବଙ୍କ ଘର ପାଖ ପଡୋଶୀଙ୍କୁ ପଚରାଉଚରା କରିଛି। ହେଲେ ଅନୁଭବଙ୍କ ପାଖରେ ସିସିଟିଭି ଫୁଟେଜ୍ ନାହିଁ। ତାଙ୍କ ଘରେ ଲାଗିଥିବା ସିସିଟିଭି ଖରାପ ହୋଇଯାଇଛି ବୋଲି ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ଶନିବାର ପୋଲିସ ସିସିଟିଭି ଯାଞ୍ଚ ପାଇଁ ଅନୁଭବଙ୍କ ଘରକୁ ଯାଇଥିବା ବେଳେ ତାଙ୍କର ସିସିଟିଭି ଖରାପ ହୋଇଯାଇଥିବା ପୋଲିସ ଜାଣିବାକୁ ପାଇଥିଲା ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ମହିଳା ଖବରଦାତା ଜଣକ ପୁରୀଘାଟ ଥାନା ଅନ୍ତର୍ଗତ ଖାଞ୍ଜିରିମିଙ୍ଗଳା ଅଞ୍ଚଳରେ ରହୁଥିବାବେଳେ ଏକ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରିବାକୁ ପ୍ରତିଦିନ ଯାଉଥିଲେ। ହେଲେ କଟକ ନନ୍ଦୀସାହି ନିକଟରେ ଅନୁପ୍ରାସ ଏବଂ ତାଙ୍କର ସାଙ୍ଗମାନେ ତାଙ୍କୁ କମେଣ୍ଟ କରୁଥିଲେ। ୨୦୧୭ରୁ ଏଭଳି ଘଟଣା ଘଟି ଆସୁଥିବାବେଳେ ଗତ ୧୨ ତାରିଖରେ ମଧ୍ୟ ଏଭଳି ଘଟିଥିଲା। ଏ ସମ୍ପର୍କରେ ଅନୁଭବଙ୍କୁ ଜଣାଇବାକୁ ମହିଳା ଖବରଦାତା ଜଣକ ତାଙ୍କ ସାଙ୍ଗକୁ ନେଇ ଗତ ୧୨ ତାରିଖ ରାତିରେ ନନ୍ଦୀସାହିସ୍ଥିତ ତାଙ୍କ ବାସଭବନକୁ ଯାଇଥିଲେ। ସେଠାରେ ସେ ପହଞ୍ଚି ନିଜର ଅଭିଯୋଗ କହିବା ପୂର୍ବରୁ ଅନୁଭବ ଏବଂ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି କି ଅନୁଭବ ତାଙ୍କ ଉପରକୁ ଛେପ ପକାଇଥିବା ନେଇ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ହେଲେ ଏ ସମ୍ପର୍କରେ ଅନୁଭବ ତାଙ୍କ ବାସଭବନରେ ଖବରଦାତା ସମ୍ମିଳନୀ ଡାକି କହିଥିଲେ, ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ମହିଳା ଜଣକ କାହା ଇଙ୍ଗିତରେ ଅବା କୌଣସି ଖରାପ ମନୋଭାବ ନେଇ ଏଭଳି ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆହ୍ୱାନ...

କରିବା ଲକ୍ଷ୍ୟ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। କିନ୍ତୁ ଏହା ଅସମ୍ଭବ ନୁହେଁ। ରାଜ୍ୟଗୁଡ଼ିକ ନିଜ ମୂଳ ସାମର୍ଥ୍ୟକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଜିଲ୍ଲା ସ୍ତରରୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଟାର୍ଗେଟ ବୃଦ୍ଧି ଦିଗରେ ଅଗ୍ରସର ହେବା ଉଚିତ। ଦେଶର ବିଭିନ୍ନ ଭାଗରେ ମରୁଡ଼ି ଭଳି ସ୍ଥିତି ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି 'ପର୍-ଡ୍ରପ୍, ମୋର୍-କ୍ରପ୍' ରଣନୀତି ଆପଣେଇ ପ୍ରଭାବଶାଳୀ ଢ଼ଙ୍ଗରେ ଏହାର ମୁକାବିଲା କରିବା ଲାଗି ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ନବଗଠିତ ଜଳଶକ୍ତି ମନ୍ତ୍ରଣାଳୟ ଜଳ ସମସ୍ୟାର ସମାଧାନ ପାଇଁ ଏକ ସମନ୍ୱିତ ସମାଧାନର ପନ୍ଥା ବାହାର କରିବାରେ ସହାୟକ ହେବ। ରାଜ୍ୟଗୁଡ଼ିକ ମଧ୍ୟ ଜଳ ସଂରକ୍ଷଣ ଓ ପରିଚାଳନା ଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ନେଇପାରିବେ। ସେହିପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ରପ୍ତାନି କ୍ଷେତ୍ର। ମୁଣ୍ଡପିଛା ଆୟ ବୃଦ୍ଧି ସକାଶେ ରପ୍ତାନିରେ ଅଭିବୃଦ୍ଧି ଜରୁରୀ। ଏଥିଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କାର୍ଯ୍ୟ କରିବା ଉଚିତ। ଉତ୍ତର-ପୂର୍ବାଞ୍ଚଳ ସମେତ ବିଭିନ୍ନ ରାଜ୍ୟରେ ରପ୍ତାନିର ବିପୁଳ ନୂଆ ସମ୍ଭାବନା ମହଜୁଦ ରହିଛି। ତେଣୁ ରପ୍ତାନି ପ୍ରୋତ୍ସାହନକୁ ରାଜ୍ୟ ସ୍ତରରେ ଗୁରୁତ୍ୱ ଦିଆଗଲେ ଉଭୟ ଆୟ ଓ ନିଯୁକ୍ତି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୋଦି ସ୍ୱଚ୍ଛ ଭାରତ ଅଭିଯାନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ କେନ୍ଦ୍ର ଏବଂ ରାଜ୍ୟ ପାଇଁ ଏକାଠି ହୋଇ କାର୍ଯ୍ୟ କରିବାର ଏକ ମାଧ୍ୟମ ଭାବେ ଅଭିହିତ କରିଛନ୍ତି। ଏହି କ୍ଷେତ୍ରରେ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦୀ ସୂତ୍ରରେ ଲକ୍ଷ୍ୟ ହାସଲ ନିମନ୍ତେ ଉତ୍ତରଦାୟୀ ହେବା ପାଇଁ ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସଶକ୍ତୀକରଣ ଓ ଜୀବନଧାରଣର ସହଜତା ପ୍ରତ୍ୟେକ ଭାରତୀୟଙ୍କୁ ଯୋଗାଇ ଦେବାକୁ ପଡ଼ିବ। ୨୦୨୨ ସୁଦ୍ଧା ନୂଆ ଭାରତ ପାଇଁ ଏହି ମଞ୍ଚରେ ପ୍ରତ୍ୟେକଙ୍କର ଏକ ସାଧାରଣ ଲକ୍ଷ୍ୟ ରହିଛି। ଏଥିଲାଗି ଆଗାମୀ ୩ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ସକଶେ ମତ୍ସ୍ୟ ଓ ପଶୁପାଳନ, କୃଷି, ଉଦ୍ୟାନ, ଫଳ ଏବଂ ପରିବା ଚାଷ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ପିଏମ୍-କିଷାନ୍ ଓ ଅନ୍ୟ କୃଷକ କୈନ୍ଦ୍ରିକ ଯୋଜନାଗୁଡ଼ିକ ଉପଯୁକ୍ତ ହିତାଧିକାରୀଙ୍କ ନିକଟରେ ଉଚିତ ସମୟରେ ପହଞ୍ଚିବା ଉଚିତ। ସେହିପରି ୨୦୨୫ ସୁଦ୍ଧା ଯକ୍ଷ୍ମାରୋଗକୁ ସମ୍ପୂର୍ଣ୍ଣ ଦୂରକରିବା ଭଳି ସ୍ୱାସ୍ଥ୍ୟ କ୍ଷେତ୍ରକୁ ନେଇ ଅନେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯେଉଁ ରାଜ୍ୟଗୁଡ଼ିକ ଆୟୁଷ୍ମାନ୍ ଭାରତ ଅଧୀନ ପିଏମ୍‌ଜେଏୱାଇକୁ ଅଦ୍ୟାବଧି କାର୍ଯ୍ୟକାରୀ କରିନାହାନ୍ତି, ସେମାନେ ଖୁବ୍‌ଶୀଘ୍ର ଏହି ଯୋଜନା ଆପଣାଇବା ଉଚିତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମାଓବାଦୀଙ୍କ ହିଂସାକୁ ଦୃଢ଼ହସ୍ତରେ ଦମନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ପାଳିରେ ଏହା ହେଉଛି ନୀତି ଆୟୋଗ ଗଭର୍ନିଂ କାଉନ୍‌ସିଲ୍‌ର ପ୍ରଥମ ବୈଠକ। ଏଥିରେ କେନ୍ଦ୍ର କ୍ୟାବିନେଟର ବରିଷ୍ଠ ମନ୍ତ୍ରୀ, ଜମ୍ମୁ-କଶ୍ମୀର ରାଜ୍ୟପାଳ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଉପରାଜ୍ୟପାଳ ଓ ଅନ୍ୟ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ।

### ଆସିଲେନି...

ଅନୁପସ୍ଥିତିକୁ ନେଇ ନାନା ଚର୍ଚ୍ଚା ହେଉଛି। ମେ ୩୦ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ନ ଥିବା ମମତା ଓ କେସିଆର୍ ନୀତି ଆୟୋଗ ବୈଠକକୁ ମଧ୍ୟ ଆସି ନ ଥିଲେ। ରାଜ୍ୟର ଯୋଜନାଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ନୀତି ଆୟୋଗର କ୍ଷମତା ନ ଥିବାରୁ ଏହାକୁ 'ଫଳହୀନ' ଦର୍ଶାଇ ବୈଠକରେ ଯୋଗଦେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କୁ ମମତା ଚିଠି ଲେଖି ଜଣାଇଥିଲେ।

କେସିଆର୍ ୮୦,୦୦୦ କୋଟି ଟଙ୍କା ବ୍ୟୟରେ ମହତ୍ତ୍ୱାକାଂକ୍ଷୀ କାଲେଶ୍ୱରମ୍ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ ପ୍ରସ୍ତୁତିରେ ବ୍ୟସ୍ତ ଥିବାରୁ ଏଠାକୁ ଆସିପାରି ନାହାନ୍ତି। ସେ ତାଙ୍କର କୌଣସି ପ୍ରତିନିଧିଙ୍କୁ ମଧ୍ୟ ବୈଠକକୁ ପଠାଇ ନ ଥିବା ଜଣାପଡ଼ିଛି। ସେହିପରି ଅମରିନ୍ଦର ସ୍ୱାସ୍ଥ୍ୟଗତ କାରଣରୁ ଏଥିରେ ଯୋଗଦେଇ ପାରି ନ ଥିବାବେଳେ ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ବାଦଲ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିରେ ପ୍ରତିନିଧିତ୍ୱ କରିଥିଲେ।

### ଭାରତ...

ଓ ଦକ୍ଷିଣ ଆଫ୍ରିକା ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ଆଗାମୀ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ବାତ୍ରା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ହକି ଇଣ୍ଡିଆର କର୍ମକର୍ତ୍ତାମାନେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ହରମନପ୍ରୀତ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବେଷ୍ଟ ଟିମ୍ ସେଲିବ୍ରେଶନ ପୁରସ୍କାର ମେକ୍ସିକୋ ପାଇଥିବାବେଳେ ଫ୍ୟାନ୍ସ ଚଏସ ଭାରତର ଆକାଶଦୀପ ସିଂ, ଫେୟାର ପ୍ଲେ ଏବଂ ସର୍ବାଧିକ ଗୋଲ ସ୍କୋର ପୁରସ୍କାର ଭାରତୀୟ ଦଳକୁ ମିଳିଥିଲା। ଶ୍ରେଷ୍ଠ ଜୁନିୟର ଖେଳାଳି ଭାରତର ବିବେକ ପ୍ରସାଦ ବିବେଚିତ ହୋଇଥିବାବେଳେ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲ ଆମେରିକାର ଜୋନାଥନ କ୍ଲାଗେସ। ୩ ଖେଳାଳିଙ୍କୁ ଟପ୍ ଗୋଲ ସ୍କୋରର ପୁରସ୍କାର ମିଳିଥିଲା। ସେମାନେ ହେଲେ ଭାରତର ହରମନପ୍ରୀତ ସିଂ, ବରୁଣ କୁମାର ଏବଂ ରୁଷିଆର ସେମେନ ମାଟ୍‌କୋଭସ୍କି। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ।

କୋଚ୍ ଗ୍ରାହାମ ରିଡ୍‌ଙ୍କ ରଣନୀତି ଅନୁସାରେ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲା ଭାରତ। ଫଳରେ ପ୍ରଥମ ମିନିଟରେ ହିଁ ଦକ୍ଷିଣ ଆଫ୍ରିକା ଗୋଲପୋଷ୍ଟ ନିକଟରେ ଖେଳାଳିମାନେ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ପ୍ରଥମ ଉଦ୍ୟମରେ ମନପ୍ରୀତ ସିଂଙ୍କ ଦଳ ସଫଳ ହୋଇ ନ ଥିଲେ ହେଁ ୨ୟ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ହାସଲ କରିବାରେ ସଫଳ ହୋଇଥିଲା। ୨୨ ନମ୍ବର ଜର୍ସି ପରିହିତ ବରୁଣ କୁମାର ଏହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପୁରା କ୍ୱାର୍ଟରେ ଭାରତ ପ୍ରତିପକ୍ଷ ଦଳ ଉପରେ ଭାରି ପଡ଼ିଥିଲା। ୧୧ତମ ମିନିଟରେ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ହରମନପ୍ରୀତ ସିଂ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ୧୫ତମ ମିନିଟରେ ଦକ୍ଷିଣ ଆଫ୍ରିକା ଭଲ ମୁଭ୍ ନେଇଥିଲେ ହେଁ ଭାରତୀୟ ଗୋଲକିପର କ୍ରିଷ୍ଣନ ପାଠକ ଚମତ୍କାର ସେଭ୍ କରି ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀକୁ ୨-୦ରେ ବଳବତ୍ତର ରଖିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଉନ୍ନତ ପ୍ରଦର୍ଶନ କରିଥିଲା ଦକ୍ଷିଣ ଆଫ୍ରିକା। ଫଳରେ ଭାରତୀୟ ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ସଫଳତାର ସହ ଦକ୍ଷିଣ ଆଫ୍ରିକା ଡିଫେଣ୍ଡରମାନେ ପ୍ରତିହତ କରିଥିଲେ। ମାତ୍ର ୨୫ତମ ମିନିଟରେ ଭାରତର ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଗୋଲ ଦେବାକୁ ଯାଉଥିବାବେଳେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ପୋଷ୍ଟ ନିକଟରେ ଷ୍ଟିକ୍‌ଚେକ୍ କରିଥିଲେ। ଫଳରେ ରେଫରି ଜାଭିୟର ଫେନାର୍ଟ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦେଇଥିଲେ। ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା।

ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନନ ହୋଇଥିଲେ ହେଁ ଦକ୍ଷିଣ ଆଫ୍ରିକା ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ଦଳର ଡିଫେଣ୍ଡରମାନେ ଭାରତୀୟ ଫରୱାର୍ଡଙ୍କୁ କିଛି ପରିମାଣରେ ରୋକିବାରେ ସକ୍ଷମ ହୋଇଥିଲେ ସତ, ମାତ୍ର ଭାରତୀୟ ଗୋଲପୋଷ୍ଟ ଉପରେ ଆକ୍ରମଣ କରିବାରେ ଅସଫଳ ରହିଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭର ୫ମ ମିନିଟ ସମୟରେ ଦକ୍ଷିଣ ଆଫ୍ରିକା ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଆକାଶଦୀପ ସିଂଙ୍କଠାରୁ ପାସ୍ ପାଇଥିଲେ ସିମରନଜିତ ସିଂ। ସେ ଚତୁରତାର ସହ ବଲ୍‌କୁ ବିବେକ ପ୍ରସାଦଙ୍କ ନିକଟକୁ ପଠାଇ ଦେଇଥିଲେ। ବିବେକ ଏହାକୁ ଗୋଲରେ ପରିଣତ କରି ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ଭାରତର ଦବ୍‌ଦବା ଜାରି ରହିଥିଲା। ୪୧ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ସୁଯୋଗ ପାଇଥିବାବେଳେ ଅମିତ ରୋହିଦାସଙ୍କ ଶଟ୍‌କୁ ଆଫ୍ରିକା ଡିଫେଣ୍ଡରମାନେ ଅଟକାଇବାରେ ସକ୍ଷମ ହୋଇଥିଲେ। ୪୯ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିବାବେଳେ ବରୁଣ କୁମାର ଏହାକୁ ଗୋଲରେ ପରିଣତ କରିଥିଲେ। ୫୩ତମ ମିନିଟରେ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମ ଉଦ୍ୟମରେ ଏହା ବିଫଳ ହୋଇଥିଲେ ହେଁ କ୍ରମାଗତ ଦ୍ୱିତୀୟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଆଫ୍ରିକାର ରିଚାର୍ଡ ପାଉଜ୍। ଏହା ମ୍ୟାଚରେ ଦକ୍ଷିଣ ଆଫ୍ରିକା ପାଇଁ ସାନ୍ତ୍ୱନା ସଦୃଶ ଥିଲା। ଭାରତ ୫୬ ଓ ଦକ୍ଷିଣ ଆଫ୍ରିକା ୫୭ତମ ମିନିଟରେ ପେନାଲ୍ଟି କର୍ନର ପାଇଥିଲେ ହେଁ ସେଥିରୁ ଗୋଲ ହୋଇ ନ ଥିଲା।

### ସ୍ୱାମୀ, ସ୍ତ୍ରୀ...

ବାଲି ବୋଝେଇ ଧରି କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରୁ ଦାମନଯୋଡ଼ି ଆଡ଼କୁ ଯାଉଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁ ଭେଜାପୁଟସ୍ଥିତ ପୁରୁଣା ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ବସ୍ତିର ଗୋଟିଏ ଘର ଉପରକୁ ମାଡ଼ିଯାଇଥିଲା ଟିପ୍ପର। ଘର ଭିତରେ ଶୋଇଥିବା ଆନନ୍ଦ ଖୋସଲା (୪୦), ସ୍ତ୍ରୀ ପଦ୍ମା (୩୨), ଝିଅ ଜ୍ୟୋସ୍ନାରାଣୀ (୧୦)ଙ୍କ ସେହିଠାରେ ହିଁ ମୃତ୍ୟୁ ହୋଇଥିଲା। ପୁଅ ଅବିନାଶ (୧୩) ପାଖ କୋଠରିରେ ଶୋଇଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ଦୁର୍ଘଟଣା ଶବ୍ଦରେ ତାଙ୍କ ନିଦ ଭାଙ୍ଗିଯିବା ପରେ ସେ ନିଜ ଘରକୁ ଦେଖିବା ବେଳକୁ ଟିପ୍ପର ଡାଲାରେ ଥିବା ବାଲିରେ ପୋତି ହୋଇପଡ଼ିଥିଲେ ବାପା, ମା', ଭଉଣୀ। ଘଟଣା ପରେ ଗାଡ଼ି ଚାଳକ ଓ ହେଲପର ସେଠାରୁ ଫେରାର ହୋଇଯାଇଥିଲେ। ସାହି ବାସିନ୍ଦା ଘଟଣା ସମ୍ପର୍କରେ ଜାଣିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଶନିବାର ସକାଳେ କ୍ଷତିପୂରଣ ପାଇଁ ଟାୟାର ଜାଳି ଭେଜାପୁଟ-ମାଥାଲପୁଟ ମୁଖ୍ୟରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦାମନଯୋଡ଼ି ଓ ସେମିଳିଗୁଡ଼ା ରାଜରାସ୍ତାରେ ଚଳାଚଳ ବ୍ୟାହତ ହେବା ସହ ଘଟଣାର ପ୍ରତିବାଦରେ ସ୍ଥାନୀୟ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ଖବର ପାଇ ସୁନାବେଡ଼ା ଓ ଦାମନଯୋଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ୍ ଭାବେ କୋରାପୁଟ ସହକାରୀ ଜିଲ୍ଲାପାଳ ଆଲୋକ କୁମାର ଅନୁଗୁଳିଆ, ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା, ଆଇଆଇସି ସୁମିତ୍ରା ଜେନା, ଆଇଆଇସି ସମ୍ବିତ ବେହେରା, ସେମିଳିଗୁଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀନାରାୟଣ ସାବତ, କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ମଧ୍ୟ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଟିପ୍ପର ମାଲିକ ୩ ଲକ୍ଷ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବା ସହ ଗାଡ଼ିର ବୀମା ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି ଘୋଷଣା କରାଯିବା ପରେ ଅପରାହ୍ନ ୩ଟା ବେଳେ ରାସ୍ତାରୋକୋ ହଟିଥିଲା। କୋରାପୁଟ ମେଡିକାଲରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏଁ ମୃତକଙ୍କ ପରିବାରକୁ ଦିଆଯାଇଛି।

#### ବର୍ତ୍ତିଗଲା, କିନ୍ତୁ ଅନାଥ ହେଇଗଲା ଅବିନାଶ

ଶୁକ୍ରବାରର କାଳରାତ୍ରି ଖୋସ୍‌ଲା ପରିବାରର ୩ ଜଣଙ୍କୁ ମୃତ୍ୟୁମୁଖକୁ ଠେଲିଦେଇଛି। ମା', ବାପା, ଭଉଣୀଙ୍କଠାରୁ ଅଲଗା ଶୋଇଥିବା ୧୩ ବର୍ଷୀୟ ଅବିନାଶ ଦୁର୍ଘଟଣାରେ ସେମାନଙ୍କୁ ସବୁଦିନ ପାଇଁ ହରାଇଛନ୍ତି। ନବମ ଶ୍ରେଣୀରେ ପାଠ ପଢୁଥିବା ଏହି ବାଳକ ଏବେ ଆଗପଛ କିଛି ଭାବିପାରୁ ନାହିଁ। ପରିବାରର ସମସ୍ତଙ୍କୁ ହରାଇ ସେ ଏକ ପ୍ରକାର ମୂକ ପାଲଟିଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଶନି ଓ ମଙ୍ଗଳଙ୍କର ପାରସ୍ପରିକ ଦୃଷ୍ଟି ହେତୁ ପ୍ରତ୍ୟେକ କାମ ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ସମ୍ପନ୍ନ ହେବ। ସ୍ୱଗୃହୀଧନାଧିପ ହେତୁ ଦିନ ଭିତରେ ଯାହାକୁ ଯାହା କହିଲେ କଥା ରହିବ ଓ ଆର୍ଥିକ ସଂକଟ ଦୂରୀଭୂତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରେ ସାମାନ୍ୟ ସମସ୍ୟା ଦେଖାଦେଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ।

**ବୃଷ**



ବଳବାନ୍ ରାଶ୍ୟାଧିପ ସହକର୍ମୀମାନଙ୍କ ସହ ସୁବିଧାଜନକ ସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ନିକଟ ସମ୍ପର୍କୀୟମାନଙ୍କୁ ନିଜ କାମରେ ବିନିଯୋଗ କରାଇବେ। ପରିବାରରେ ମନୋମାଳିନ୍ୟ ଘଟିପାରେ। ଅତୀତ କଥା ଚିନ୍ତା କରି ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି।

**ମିଥୁନ**



ରାଶିରେ ଚାରୋଟି ଗ୍ରହ ଅବସ୍ଥାନ କରି ରାଜଯୋଗ ସୃଷ୍ଟି କରୁଥିବାରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ରାଜନୈତିକ ଗ୍ରହ ରବି ଓ ରାହୁଙ୍କ ପ୍ରଭାବରେ ସରକାରୀ କଳ, ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ସଭାସମିତି, ଆଲୋଚନା ଏବଂ ବନ୍ଧୁମାନଙ୍କୁ ଆପଣେଇବାରେ କେତେକାଂଶରେ ସମର୍ଥ ହେବେ।

**କର୍କଟ**



ଆଜିର ଶୁଭଯୋଗରୁ ଆପଣଙ୍କ ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ଅର୍ଥ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ ପ୍ରୀତିପ୍ରଦାୟକ ରହିବ। କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟକୁ ଦେଇଥିବା ଜିନିଷଟି ଫେରି ପାଇବା କଷ୍ଟକର ହୋଇପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ପ୍ରଶାସନ, କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ**



ଗ୍ରହମାନଙ୍କ ସାମ୍ୟତା କାରଣରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଚର୍ଯ୍ୟା ମନ୍ଦ ହେବନି। କିନ୍ତୁ ମଘା ନକ୍ଷତ୍ର ବିଭିନ୍ନ ପ୍ରକାରର ଟେନ୍‌ସନ ହେତୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ି ଯାଇପାରେ। ପ୍ରିୟଜନମାନଙ୍କୁ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଅର୍ଥ ସମ୍ପର୍କୀୟ ଅନୁଚିନ୍ତା, ପିଲାମାନଙ୍କ ସମସ୍ୟା, ନିଜର ଭଗ୍ନ ସ୍ୱାସ୍ଥ୍ୟ ମନକୁ ସାମାନ୍ୟ ଚହଲାଇ ଦେଇପାରେ।

**କନ୍ୟା**



ଆଜି ଚତୁର୍ଥ ଭାବକୁ ୬ଟି ଗ୍ରହ ପ୍ରଭାବିତ କରୁଥିବାରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପ୍ରାୟତଃ ଭଲ ରହିବ। ପଡ଼ୋଶୀଙ୍କୁ ପ୍ରଲୋଭିତ କରି ନିଜ କାମରେ ଲଗାଇବାରେ ସମର୍ଥ ହେବେ। ଜମିଜମା କାରବାର, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣାଧୀନ କାମ ପୂର୍ବ ପରି ଚାଲୁ ରହିବ। ଭୁଲ୍‌ବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡ଼ିପାରେ।

**ତୁଳା**



ଚନ୍ଦ୍ର ଓ ବୃହସ୍ପତି ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ମାନଦଣ୍ଡ ମଜଭୁତ ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ପରିସ୍ଥିତି ମଧ୍ୟରେ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା**



ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ନିମ୍ନାଭିମୁଖୀ ହୋଇପାରେ। କିନ୍ତୁ ଉନ୍ନତ ଚିନ୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ଆଦର ଗୌରବରେ ଆନନ୍ଦ ଅନୁଭବ କରିପାରନ୍ତି। ନିକଟ ଅତୀତରେ ଶତ୍ରୁ ହୋଇଥିବା ବନ୍ଧୁ କ୍ରମଶଃ ମିଳାମିଶା ପାଇଁ ଇଚ୍ଛା ପ୍ରକାଶ କରିପାରନ୍ତି। ବିଭିନ୍ନ ଆଶା ଓ ଆଶଙ୍କା ବିଜଡିତ ମନ ହେତୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ**



ଦୈହିକ ଓ ମାନସିକ ସୁସ୍ଥତା ନ ରହିଲେ ମଧ୍ୟ ବନ୍ଧୁବର୍ଗ ତଥା ଆତ୍ମୀୟସ୍ୱଜନଙ୍କ ସହୃଦୟତାରୁ ଖୁସି ରହିବେ। ଦ୍ୱାଦଶସ୍ଥ ଦୁର୍ବଳଚନ୍ଦ୍ର ପ୍ରଭାବରେ ନିଜ ମନ ଅନୁଯାୟୀ କାମଗୁଡ଼ିକ ନ ହେବା କାରଣରୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପ୍ରକାଶନ, ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**



ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଉନ୍ନତ ରହିବା ହେତୁ ଆଶାପୂରଣ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ନିଜର କଳା, କୌଶଳର ପ୍ରୟୋଗ କରି ପରିସ୍ଥିତିକୁ ଦେଖି କାମ କରିବା ଫଳରେ ଉପକୃତ ହେବେ। ଦୀର୍ଘ ଦିନ ହେଲା ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହୋଇପାରନ୍ତି।

**କୁମ୍ଭ**



କେନ୍ଦ୍ରସ୍ଥ ଶୁକ୍ର ଯୋଗୁ ସବୁ ସମସ୍ୟା ପଛକୁ ପକାଇ ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାହିତ୍ୟ, ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ**



ଚତୁଃଗ୍ରହ ଯୋଗ କାରଣରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବେ। ପାରିବାରିକ ସ୍ତରରେ ଯାହା କିଛି ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ଦିଗରୁ ଲାଭବାନ୍ ହେବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରାଇବ।

ଆଜି ଶେଷରଜ, ଭୂଦାହ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚତୁର୍ଥୀ ହୋମ ଓ ସେନାପଟା ଲାଗି, ଜ୍ୟେଷ୍ଠ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମୀ, ରବିବାର, ଜୁନ୍ ୧୬ ତାରିଖ, ବିଶ୍ୱ ପିତୃଦିବସ (ଜୁନ୍ ତୃତୀୟ ରବିବାର) ରାଶି ନକ୍ଷତ୍ର-ଅନୁରାଧା/ବିଛା, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ଦିବା ଘ୬ ।୫୦ମି. ମଧ୍ୟେ ଘ୪ ।୫୪ମି. ଗତେ, ଘ୬ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୭ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।




## ଜିଲ୍ଲା ଚିଠି
## ପୁରୀ

# ୯ ମାସରେ ବି ନୋହିଲା

କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ହେଉଛି ଶ୍ରୀମନ୍ଦିର। ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ। ଦାରୁଦିଅଁଙ୍କ ଦର୍ଶନ ଟିକିଏ ପାଇବା ପାଇଁ ପ୍ରତିଦିନ ଦେଶ ବିଦେଶର ଭକ୍ତ ଧାଇଁଆସନ୍ତି। ହେଲେ ଏହି ପବିତ୍ର ପୀଠରେ ଏକ ଛୋଟିଆ ସଂସ୍କାର ସ୍ୱରୂପ ମହାପ୍ରସାଦର ଦର ନିର୍ଦ୍ଧାରଣ କରିବାକୁ ଲାଗିଗଲାଣି ୯ ମାସ। ଫଳରେ ଆନନ୍ଦ ବଜାରରେ ଲାଗିପାରୁନି ଅବଢ଼ା ଦର ତାଲିକା। ବଡ଼ଦେଉଳରେ ଶୃଙ୍ଖଳା ଏବଂ ସଂସ୍କାର ଆଣିବା ପାଇଁ ୧୧ ସେପ୍ଟେମ୍ବର, ୨୦୧୮ରେ ସୁଆର ସେବାୟତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପ୍ରଶାସନ ନେଇଥିଲା ସେହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। କୁହାଯାଇଥିଲା ଏଣିକି ଆନନ୍ଦ ବଜାରରେ କେହି ଶୋଷଣର ଶିକାର ହେବେନି। ମହାପ୍ରସାଦ ଦରକୁ ନେଇ ଶ୍ରଦ୍ଧାଳୁଙ୍କୁ ଆଉ ଦୁର୍ବ୍ୟବହାରର ଶିକାର ହେବାକୁ ପଡିବନି କି ହାତାହାତି ପର୍ଯ୍ୟନ୍ତ କଥା ଯିବନି। କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ ତାହା ଦର ତାଲିକାରେ ସ୍ପଷ୍ଟ ହେବ। ଅବଢା କିଣିବା ବେଳେ କେହି ଦ୍ୱନ୍ଦ୍ୱରେ ପଡିବେନି କି ସୁଆର ସେବକଙ୍କ ସହ ମୂଲଚାଲ କରିବେନି। ସେହିଭଳି ଭକ୍ତମାନଙ୍କ ସୁବିଧା ପାଇଁ ଥାଳି ଦରରେ ମହାପ୍ରସାଦ ଉପଲବ୍ଧ ହେବ। ଏଥିରେ ତିନିପ୍ରକାର ମୂଲ୍ୟ ରହିବ। ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ମହାପ୍ରସାଦ ପାଇପାରିବେ। ଏଥିସହ ଆନନ୍ଦ ବଜାରରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ପାଇଁ ବି ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ଖୋଲିବାକୁ ଥିବା ଅଭିଯୋଗ ପ୍ରକୋଷ୍ଠରେ ଭକ୍ତମାନେ କୌଣସି ପ୍ରକାର ଶୋଷଣ କିମ୍ବା ଦୁର୍ବ୍ୟବହାରଜନିତ ଅଭିଯୋଗ କରିପାରିବେ ବୋଲି କୁହାଯାଇଥିଲା। ଏହିପରି ସଂସ୍କାର ଏବଂ ଶୃଙ୍ଖଳା ନିଷ୍ପତ୍ତି ଶୁଣି ଭକ୍ତ ବି ଖୁସି ହେଲେ। ହେଲେ ବାସ୍ତବତାକୁ ଚାହିଁ ଚାହିଁ ଦିନ ପରେ ଦିନ ଗଡ଼ିଲା। ଏହାକୁ ନେଇ ନାନା ଆଲୋଚନା ବି ଚାଲିଲା। ବିଭିନ୍ନ ବୈଠକ ପରେ ମହାପ୍ରସାଦ ଦର ତାଲିକା ଖୁବ୍‌ଶୀଘ୍ର ଲଗାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ବାରମ୍ବାର ଦୋହରାଇଲେ। ଶେଷରେ ଡିସେମ୍ବର ୪ରେ ଦର ନିର୍ଦ୍ଧାରଣ ଲାଗି ବରାଦି ଭୋଗରେ ରନ୍ଧାଗଲା ମହାପ୍ରସାଦ। ମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇଦେଲା। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରୋଷେଇ ହେଲା। ମହାପ୍ରସାଦ ପ୍ରସ୍ତୁତିରେ ହୋଇଥିବା ଖର୍ଚ୍ଚ ଏବଂ ପାରିଶ୍ରମିକକୁ ବିଚାର କରି ଦର ନିର୍ଦ୍ଧାରଣ ହେବ ଏବଂ ଖୁବ୍‌ଶୀଘ୍ର ଦର ତାଲିକା ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ହେଲେ ଏ ପର୍ଯ୍ୟନ୍ତ ଅବଢା ଦର ତାଲିକା ଚୂଡ଼ାନ୍ତ ହୋଇପାରି ନାହିଁ। ପୂର୍ବଭଳି ଆନନ୍ଦ ବଜାରରେ ଭକ୍ତ ଶୋଷଣର ଶିକାର ହେଉଛନ୍ତି। ଅବଢା କିଣିବା ବେଳେ ମୂଲଚାଲକୁ ନେଇ ହୋ-ହଲ୍ଲା ବି ହେଉଛି। ଏମିତି କି ଭକ୍ତଙ୍କୁ ଦୁର୍ବ୍ୟବହାର ଭଳି ଅଭିଯୋଗ ଆସୁଛି। ମନ୍ଦିର ପ୍ରଶାସନ ନିକଟରେ ବି ଆପତ୍ତି କରାଯାଉଛି। କିନ୍ତୁ ଫଳ କିଛି ନାହିଁ। ତିକ୍ତ ଅନୁଭୂତି ସାଉଣ୍ଟି ଭକ୍ତ ଫେରୁଥିବା ବେଳେ ଅବଢା ଦର ତାଲିକାର ସ୍ୱପ୍ନ ଦେଖାଇ ଚୁପ୍ ବସିଛନ୍ତି ପ୍ରଶାସନିକ ଅଧିକାରୀ। ସେପଟେ ହାତଗଣତି ସେବାୟତଙ୍କ ପାଇଁ ବଦ୍‌ନାମ ହେଉଛି ବଡ଼ଦେଉଳ।

– ହେମନ୍ତ ନାୟକ




# ଗରିବ ପିଲାଙ୍କୁ ଠକିଛନ୍ତି ଦୁର୍ନୀତିଗ୍ରସ୍ତ ଅଫିସର ଓ ବ୍ୟାଙ୍କ

**ବହୁକୋଟି ଟଙ୍କାର ଛାତ୍ରବୃତ୍ତି ଦୁର୍ନୀତି**

ନୂଆଦିଲ୍ଲୀ,୧୫ା୬(ଆଇଏଏନ୍‌ଏସ୍)

ଦୀର୍ଘଦିନ ଧରି ଗରିବ ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଅର୍ଥକୁ କେତେଜଣ ଅସାଧୁ ସରକାରୀ ଅଧିକାରୀ, ଘରୋଇ ଶିକ୍ଷାନୁଷ୍ଠାନ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଳିତ ଭାବେ ଲୁଟିଚାଲିଥିଲେ। ସିବିଆଇ ଏହି ବହୁକୋଟି ଟଙ୍କା ଛାତ୍ରବୃତ୍ତି ଦୁର୍ନୀତିର ପର୍ଦ୍ଦାଫାଶ୍ କରିଛି। ଦୁର୍ନୀତିର ଚେର ବହୁ ଗଭୀରକୁ ଯାଇଥିବା ସିବିଆଇର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଅନୁସୂଚିତ ଜାତି, ଜନଜାତି ଏବଂ ସଂଖ୍ୟାଲଘୁ ପିଲାମାନଙ୍କ ଶିକ୍ଷାର ବିକାଶ ଲାଗି ଛାତ୍ରବୃତ୍ତିର ବ୍ୟବସ୍ଥା କରାଯାଇଛି। ତେବେ ଦୁର୍ନୀତି ଯୋଗୁ ଉପରୋକ୍ତ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ର ମୌଳିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଛାତ୍ରବୃତ୍ତିରୁ ବଞ୍ଚିତ ହେଉଛନ୍ତି।

ହିମାଚଳପ୍ରଦେଶ, ହରିୟାଣା ଓ ପଞ୍ଜାବର ବିପିଏଲ୍ ପରିବାର ପିଲାମାନଙ୍କ ଛାତ୍ରବୃତ୍ତିରେ ଦୁର୍ନୀତି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସିବିଆଇର ସିମ୍‌ଲା ଶାଖା ପକ୍ଷରୁ ଏହି ତଦନ୍ତ କରାଯାଇଥିଲା। ତେବେ ଏହି ଦୁର୍ନୀତି ଆହୁରି ଅନେକ ରାଜ୍ୟକୁ ବ୍ୟାପିଥିବା ସିବିଆଇ ସୂତ୍ରରୁ କୁହାଯାଇଛି। କାରଣ ଏଭଳି ଅଭିଯୋଗ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ସମେତ ଦେଶର ଅନ୍ୟ ପ୍ରାନ୍ତରୁ ମଧ୍ୟ ଆସିଛି। ଯଦି ଅନ୍ୟ ରାଜ୍ୟ ସରକାରମାନେ ସୁପାରିସ କରନ୍ତି, ତେବେ ଗରିବ ଏବଂ ଅନୁସୂଚିତ ଜାତି/ଉପଜାତି ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିବିଆଇ ସେସବୁ ରାଜ୍ୟରେ ମଧ୍ୟ ତଦନ୍ତ କରିପାରିବ ବୋଲି କହିଛି।

ତଦନ୍ତରୁ ଜଣାପଡିଛି, ହିମାଚଳପ୍ରଦେଶ ସମେତ କେତେକ ରାଜ୍ୟରେ ଲଭ୍‌ଲି ପ୍ରଫେଶନାଲ ୟୁନିଭର୍ସିଟି ଏବଂ କର୍ନାଟକ ୟୁନିଭର୍ସିଟି ସେଣ୍ଟର ଖୋଲିଛନ୍ତି। ସେମାନେ ଅନୁସୂଚିତ ଜାତି/ଜନଜାତି ଏବଂ ବିପିଏଲ୍ ପିଲାଙ୍କଠାରୁ କାଗଜପତ୍ର ସଂଗ୍ରହ କରିନେଇଥାନ୍ତି, କିନ୍ତୁ ନାମଲେଖା ସୁଯୋଗ ଦିଅନ୍ତି ନାହିଁ। ପରେ ସେହି କାଗଜାତ୍ ବଳରେ ସେମାନେ ଶିକ୍ଷାବିଭାଗ ଅଧିକାରୀ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସଲାସୁତରାରେ ପିଲାଙ୍କ ନାମରେ ଜାଲ୍ ଆକାଉଣ୍ଟ ଖୋଲି ଛାତ୍ରବୃତ୍ତି ଅର୍ଥ ହଡପ କରିଥାନ୍ତି। ରିପୋର୍ଟ ଅନୁଯାୟୀ ହିମାଚଳପ୍ରଦେଶ କାଙ୍ଗ୍ରା ଜିଲାର ଦେହରି ଗ୍ରାମରେ ପାଖାପାଖି ୨୫୦ ପିଲା ଉକ୍ତ କେନ୍ଦ୍ରରେ ନାମଲେଖା ପାଇଁ ଆବେଦନ କରିଥିଲେ, କିନ୍ତୁ କାହାକୁ ଏଥିପାଇଁ ସୁଯୋଗ ମିଳି ନ ଥିଲା। ସେମାନେ ଦାଖଲ କରିଥିବା କାଗଜାତ୍‌ରେ ଏସ୍‌ବିଆଇ ଏବଂ ଆଲ୍ଲାହାବାଦ ବ୍ୟାଙ୍କରେ ଜାଲ୍ ଆକାଉଣ୍ଟ ଖୋଲାଯାଇଥିଲା, ଯାହା ଛାତ୍ରବୃତ୍ତି ଅର୍ଥ ହଡପର ମାଧ୍ୟମ ହୋଇଥିଲା ବୋଲି ସିବିଆଇ କହିଛି। ୨୫୦ କୋଟି ଟଙ୍କା ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ରବୃତ୍ତି ଦୁର୍ନୀତି ଘଟଣାରେ ସିବିଆଇ ଗତମାସରେ ପଞ୍ଜାବ, ହିମାଚଳପ୍ରଦେଶ, ଚଣ୍ଡିଗଡ, ହରିୟାଣାର ୨୨ ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ କରିଥିଲା। ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ପୋଲିସ ମଧ୍ୟ ଛାତ୍ରବୃତ୍ତି ଦୁର୍ନୀତି ଅଭିଯୋଗର ତଦନ୍ତ ଚଳାଇଛି। ଉତ୍ତରପ୍ରଦେଶରେ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଅର୍ଥକୁ ହଡପ କରାଯାଇଥିବା ଜଣାପଡିଛି।

# ଓଡ଼ିଶାର ୩ ରାଜ୍ୟ ସଭା ଆସନ ପାଇଁ ବାଜିଲା ବିଗୁଲ୍

ଭୁବନେଶ୍ୱର, ୧୫ା୬(ବ୍ୟୁରୋ)

- ଜୁଲାଇ ୯ ସୁଦ୍ଧା ଶେଷ ହେବ ନିର୍ବାଚନ ପ୍ରକ୍ରିୟା
- ଜୁନ୍ ୨୫ ନାମାଙ୍କନ ଦାଖଲର ଶେଷଦିନ
- ୨୮ରେ ନାମାଙ୍କନ ପ୍ରତ୍ୟାହାର
- ଆବଶ୍ୟକ ପଡ଼ିଲେ ଜୁଲାଇ ୫ରେ ଭୋଟ, ସେହିଦିନ ଗଣତି

ଓଡ଼ିଶାର ଖାଲିପଡ଼ିଥିବା ୩ଟି ରାଜ୍ୟ ସଭା ଆସନରେ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ ଶନିବାର ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ନିର୍ବାଚନ ପାଇଁ ଆସନ୍ତା ୧୮ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବେ। ଆସନ୍ତା ୨୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ଜୁନ୍ ୨୬ରେ ନାମାଙ୍କନ ଯାଞ୍ଚ କରାଯିବ। ୨୮ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ। ଯଦି ଏହିସବୁ ଆସନ ଲାଗି ନିର୍ବାଚନ ଆବଶ୍ୟକ ପଡ଼େ ତେବେ ଜୁଲାଇ ୫ରେ ମତଦାନ କରାଯିବ। ସେହିଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିବ। ୫ଟା ପରେ ଭୋଟ ଗଣତି କରାଯିବ। ଜୁଲାଇ ୯ତାରିଖ ପୂର୍ବରୁ ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ବିଧାନସଭାରେ ଏବେ ବିଜେଡିର ଆସନ ସଂଖ୍ୟାକୁ ଦେଖିଲେ ସମସ୍ତ ୩ଟି ଯାକ ରାଜ୍ୟ ସଭା ପଦ ଶାସକ ଦଳ ହାତକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରକାଶ ଯେ, ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୬ଜଣ ରାଜ୍ୟ ସଭା ସଦସ୍ୟଙ୍କୁ ପ୍ରାର୍ଥୀ କରିଥିଲା। ପ୍ରସନ୍ନ ଆଚାର୍ଯ୍ୟ, ଅଚ୍ୟୁତ ସାମନ୍ତ, ଅନୁଭବ ମହାନ୍ତି, ପ୍ରତାପ ଦେବ, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସରୋଜିନୀ ହେମ୍ବ୍ରମ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପରେ ବିଜୟୀ ହୋଇଥିବା ୩ ନେତା ପ୍ରତାପ, ଅଚ୍ୟୁତ ଏବଂ ସୌମ୍ୟରଞ୍ଜନ ରାଜ୍ୟ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଖାଲି ହୋଇଥିବା ୩ ରାଜ୍ୟ ସଭା ପଦବୀ ମଧ୍ୟରୁ ସୌମ୍ୟରଞ୍ଜନ ଏବଂ ଅଚ୍ୟୁତଙ୍କ କାର୍ଯ୍ୟକାଳ ୩ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ରହିଥିଲା। ସେହିପରି ପ୍ରତାପ ଦେବଙ୍କ କାର୍ଯ୍ୟକାଳ ୧ ଜୁଲାଇ ୨୦୨୨ ପର୍ଯ୍ୟନ୍ତ ରହିଥିଲା। ତେଣୁ ସୌମ୍ୟ ଏବଂ ଅଚ୍ୟୁତଙ୍କ ସ୍ଥାନରେ ଯେଉଁମାନେ ରାଜ୍ୟ ସଭାକୁ ଯିବେ ସେମାନେ ୫ ବର୍ଷ ଲାଗି ସଦସ୍ୟ ରହିପାରିବେ। ପ୍ରତାପଙ୍କ ସ୍ଥାନରେ ଯିଏ ରାଜ୍ୟ ସଭା ଯିବେ ସେ ୩ ବର୍ଷ ପାଇଁ ସଦସ୍ୟ ରହିବେ। ପ୍ରତାପ ଦେବ ଆଳି ବିଧାନସଭା ଆସନରୁ ନିର୍ବାଚିତ ହୋଇ ବିଧାୟକ ହୋଇଛନ୍ତି। ସେହିପରି ସୌମ୍ୟ ଖଣ୍ଡପଡ଼ା ବିଧାନସଭା ଆସନରୁ ବିଜୟୀ ହୋଇଥିବା ବେଳେ ଅଚ୍ୟୁତ କନ୍ଧମାଳ ଲୋକ ସଭା ଆସନରୁ ବିଜୟୀ ହୋଇ ଏମ୍‌ପି ହୋଇଛନ୍ତି।

# ସ୍କୁଲ ଛୁଟି ଅବଧି ବଢ଼ିବା ଖବର ଗୁଜବ: ଗଣଶିକ୍ଷା ସଚିବ

ଭୁବନେଶ୍ୱର, ୧୫ା୬(ବ୍ୟୁରୋ)

ସ୍କୁଲ ଛୁଟି ବଢ଼ିନି। ଛୁଟି ଅବଧି ବଢ଼ିବା ନେଇ ଗଣଶିକ୍ଷା ବିଭାଗ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ। ଏଭଳି ଖବର ଗୁଜବ ବୋଲି କୁହାଯାଇଛି। ସୋମବାର କିମ୍ବା ମଙ୍ଗଳବାର ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। କିଛିଦିନ ହେବ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଅବଧି ଘୁଞ୍ଚାଯାଇଥିବା ସୋସିଆଲ ମିଡିଆରେ ଗୁଜବ ହୋଇଥିଲା। ଏହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଥିଲା। ପ୍ରକୃତରେ ସ୍କୁଲ ଛୁଟି ବଢ଼ିଛି କି ନାହିଁ ତାହା ସ୍ପଷ୍ଟ ଜଣା ପଡ଼ି ନ ଥିଲା। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକମାନେ ଏହି ଖବରକୁ ସତ ବୋଲି ଭାବି ନେଇଥିଲେ। ତେବେ ଏହି ଖବର ଗୁଜବ ବୋଲି ସଚିବ କହିଛନ୍ତି। ଏଥିରେ କୌଣସି ସତ୍ୟତା ନାହିଁ। ଗୁଜବ ଖବର ଶୁଣି ଛାତ୍ରୀଛାତ୍ର ତଥା ଅଭିଭାବକ ପ୍ରଭାବିତ ହେବା ଆବଶ୍ୟକ ନାହିଁ। ପୂର୍ବରୁ ୧୯ ଯାଏ ସ୍କୁଲ ଛୁଟି ରହିବ ବୋଲି ଘୋଷଣା ହୋଇଥିଲା। ସୂଚନାଯୋଗ୍ୟ ଗତବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଛୁଟି ବଢ଼ାଇ ଦିଆଯାଇଥିଲା। କିନ୍ତୁ ଚଳିତବର୍ଷ ତାତି ଓ ଗୁଳୁଗୁଳି ଜୋର ଥିଲେ ମଧ୍ୟ କିଛି ସ୍ଥାନରେ ପାଗ ଏବେ ଭଲ ରହିଛି। ତେଣୁ ଛୁଟି ବଢ଼ିବା ନେଇ ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ।



ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ।

–ଶ୍ରୀଅରବିନ୍ଦ

# କଶ୍ମୀରରେ ଅସ୍ୱାଭାବିକତା



ଆକାର ପଟେଲ

ଦୁଇବର୍ଷ ପରେ ଚଳିତ ସପ୍ତାହରେ ମୁଁ ଶ୍ରୀନଗର ଯାଇଥିଲି ଏବଂ ସେଠାରେ ଅଳ୍ପ କିଛିଦିନ କଟାଇଲି। ମୁଁ ଭାବୁଛି ସେଠାରେ କ'ଣ ଚାଲିଛି ତାହା ପାଠକେ ଜାଣିବା ଦରକାର କାରଣ ତାହା ଅତ୍ୟନ୍ତ ଚିନ୍ତାଜନକ। ସେଠାକୁ ଗଲେ ହିଁ ଜଣେ ତା'ର ବାସ୍ତବତା ବୁଝିପାରିବ। ବାହାରେ ଥିବା ଲୋକମାନଙ୍କୁ ନ୍ୟୁଜ୍ ଚାନେଲଗୁଡ଼ିକ ଯେଉଁ କାହାଣୀ ଶୁଣାଉଛନ୍ତି ତାହାକୁ ସେମାନେ ବିଶ୍ୱାସ କରୁଛନ୍ତି। ପ୍ରଥମ କଥା ହେଉଛି ସେଠାରେ ପ୍ରାୟତଃ କିଛି ପରିବର୍ତ୍ତନ ହୋଇନାହିଁ। ଗତ ୧୫ ବର୍ଷ ଭିତରେ ଭାରତର ଅନ୍ୟାନ୍ୟ ସହର ଓ ନଗରଗୁଡ଼ିକର ଭୂମିରୂପରେ ବ୍ୟାପକ ପରିବର୍ତ୍ତନ ଘଟିଥିବା ବେଳେ ଏଠାରେ ସେମିତି କିଛି ଦେଖିବାକୁ ମିଳୁନାହିଁ। ଏଠାରେ ଗୋଟିଏ ବି ମଲ୍‌ଟିପ୍ଲେକ୍ସ (ବହୁ ଅଡିଟୋରିୟମ୍ ଥିବା ସିନେମା ହଲ୍) କି ସାଧାରଣ ସିନେମା ହଲ୍ ନାହିଁ। ଏଠାରେ କୌଣସି ମଲ୍ ବି ନାହିଁ। ଏଠାରେ ରେଷ୍ଟୁରାଣ୍ଟଗୁଡ଼ିକ ଦୁଇ ବା ତିନି ଦଶନ୍ଧି ତଳେ ଯେମିତି ଥିଲା ପ୍ରାୟ ସେମିତି ଅଛି, ସେଗୁଡ଼ିକର ରୂପରଙ୍ଗରେ କିଛି ପରିବର୍ତ୍ତନ ଘଟିନାହିଁ। ଏଠାରେ ଗାଡ଼ିଘୋଡ଼ା ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଅର୍ଥନୈତିକ ଉନ୍ନତିର ସେମିତି କିଛି ଲକ୍ଷଣ ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାର ବାରମ୍ବାର ମୋବାଇଲ ସେବା କାଟିଦେଉଥିବାରୁ ଏଠାରେ କୌଣସି ଆପ୍–ଭିତ୍ତିକ ଅର୍ଥନୀତି ବି ନାହିଁ। ଏଠାରେ ଉବର ବା ଓଲା ସେବା ବି ଦେଖିବାକୁ ମିଳୁନାହିଁ।

ଭାରତରେ ୪୦୩ଟି ନ୍ୟୁଜ୍ ଚାନେଲ ଅଛି, କିନ୍ତୁ କଶ୍ମୀରରେ ଗୋଟିଏ ବି ନାହିଁ। ଏଠାରେ କୌଣସି ଟିଭି ନ୍ୟୁଜ୍‌କୁ ସରକାର ଅନୁମତି ଦେଉନାହାନ୍ତି, କାରଣ ଏହା କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି ସରକାର ଆଶଙ୍କା କରୁଛନ୍ତି। ଅର୍ଥନୀତି ସୁଦୃଢ଼ ନ ଥିବାରୁ କୌଣସି କର୍ପୋରେଟ୍ ବିଜ୍ଞାପନ ବି ଦେଖିବାକୁ ମିଳୁନାହିଁ। କଶ୍ମୀର ଖବରକାଗଜଗୁଡ଼ିକ କେବଳ ଦିଲ୍ଲୀ ସରକାର ଦେଉଥିବା ବିଜ୍ଞାପନ ଉପରେ ନିର୍ଭର କରନ୍ତି। ତେଣୁ ସ୍ଥାନୀୟ ଖବରକାଗଜଗୁଡ଼ିକ ତାଙ୍କର ସବୁଠୁ ବଡ଼ ବିଜ୍ଞାପନଦାତାଙ୍କ ବିରୋଧରେ କିଛି ଲେଖିବାକୁ ଚାହାନ୍ତି ନାହିଁ, ଯେଉଁଥିପାଇଁ ସାଧାରଣ ଲୋକଙ୍କ ମନୋଭାବ ଖବରକାଗଜର ମୁଖ୍ୟ ପୃଷ୍ଠାଗୁଡ଼ିକରେ ପ୍ରତିଫଳିତ ହୁଏ ନାହିଁ। ମୁଁ ଯେଉଁଦିନ ଏଠାରୁ ବିଦାୟ ନେଲି ଖବରକାଗଜଗୁଡ଼ିକରେ ଗୋଟିଏ ଶିରୋନାମା ଦେଖିବାକୁ ପାଇଲି– ''ସ୍ୱାଧୀନତା କିମ୍ବା ସ୍ୱାୟତ୍ତତା କୌଣସିଟି ସମ୍ଭବ ନୁହେଁ: ଜମ୍ମୁ–କଶ୍ମୀର ରାଜ୍ୟପାଳ''। ରାଜ୍ୟପାଳ ସତ୍ୟପାଲ ମଲିକ କଶ୍ମୀରର ଖବରଦାତାମାନଙ୍କୁ କହିଛନ୍ତି ଯେ, ସେ ଚାହାନ୍ତି କଶ୍ମୀରର ଯୁବକମାନେ ବନ୍ଧୁକ ଛାଡ଼ି ତାଙ୍କ ସହ ନୈଶଭୋଜନରେ ଯୋଗ ଦିଅନ୍ତୁ। ଯଦି ସ୍ୱାଧୀନତା ବା ସ୍ୱାୟତ୍ତତା କୌଣସିଟି ସମ୍ଭବ ନୁହେଁ, ତେବେ ସେ ଯୁବକମାନଙ୍କୁ କ'ଣ ପରଷିବେ ଓ କାହିଁକି ସେମାନେ ତାଙ୍କ ସହ ଯୋଗଦେବେ ?

ସତକଥା ହେଲା କଶ୍ମୀରରେ କ'ଣ କରିବାକୁ ପଡ଼ିବ ସରକାର ଜାଣିପାରୁ ନାହାନ୍ତି ଏବଂ ଏଠାରେ ଗଣତନ୍ତ୍ରକୁ ଉଚ୍ଛେଦ କରିବା ମାନେ ପୁଣି ଏହାକୁ ସେନା ଶାସନାଧୀନ କରିବାକୁ ଚେଷ୍ଟା କରିବା। ଶ୍ରୀନଗରର ରାସ୍ତା ଉପରେ ଅର୍ଦ୍ଧସାମରିକ ବାହିନୀର ଉପସ୍ଥିତି ଏକପ୍ରକାର ଦେହସୁହା ହୋଇଗଲାଣି। ଏଠାରେ ତାମିଲ, ବଙ୍ଗଳା, ହିନ୍ଦୀ ଓ ପଞ୍ଜାବୀ କହୁଥିବା ରାଇଫଲଧାରୀ ଲୋକମାନେ ସବୁବେଳେ ସ୍ଥାନୀୟ ଲୋକଙ୍କ ଉପରେ ନଜର ରଖୁଛନ୍ତି। ଗତ ପାଞ୍ଚବର୍ଷ ଭିତରେ ଏଠାରେ ଆମ ସୁରକ୍ଷା ବଳଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଏଠାରେ ୨୦୧୫ରେ ୪୧ ଜଣ ସୁରକ୍ଷା ବଳ ମୃତ୍ୟୁବରଣ କରିଥିବା ବେଳେ ୨୦୧୬ରେ ୮୮ ଜଣ, ୨୦୧୭ରେ ୮୩ ଜଣ ଏବଂ ଗତବର୍ଷ ୯୫ ଜଣ ମୃତ୍ୟୁବରଣ କରିଛନ୍ତି। ଏ ବର୍ଷ ବର୍ଷର ଅଧା ହୋଇ ନ ଥିବା ବେଳେ ୬୭ ଜଣ ସୈନିକ ଜୀବନ ହରାଇ ସାରିଲେଣି। ପୁଲ୍‌ୱାମା ଓ ବାଲାକୋଟ ଘଟଣା ନିର୍ବାଚନ ଜିତିବା ପାଇଁ ଏକ ମାଧ୍ୟମ ହୋଇପାରେ ମାତ୍ର ଏସବୁ ନାଟକର ଫଳାଫଳ ପ୍ରକୃତରେ କ'ଣ ଥିଲା ତାହା ଆମ୍ଭମାନଙ୍କ ମଧ୍ୟରୁ ଅନେକେ ଜାଣନ୍ତି ନାହିଁ। ଆମଠାରୁ ବହୁଦୂରରେ ହତ୍ୟାକାଣ୍ଡଗୁଡ଼ିକ ଘଟୁଥିବାରୁ ଆମେ ସେସବୁ ଦ୍ୱାରା ଆଦୌ ପ୍ରଭାବିତ ହେଉନାହୁଁ। ମୁଁ ସେଠାରେ ୧୦ ଜଣ ସାମ୍ବାଦିକଙ୍କୁ ଭେଟିଥିଲି ଏବଂ ପରିସ୍ଥିତି ବିଷୟରେ ସେମାନଙ୍କ ସହ ଖୋଲା ଆଲୋଚନା କରିଥିଲି। ସେମାନେ କହିଲେ ଯେ, କୌଣସି ପ୍ରସଙ୍ଗରେ କିଛି ନ ଲେଖିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟଭାବେ କିଛି ନିର୍ଦ୍ଦେଶନାମା ଦିଆଯାଇ ନାହିଁ। କ'ଣ ଲେଖିବା ଅନୁଚିତ ତାହା ସେମାନେ ଜାଣନ୍ତି। ମୁଁ ଏପରି ଭୟଭୀତ ଭାରତୀୟ ସାମ୍ବାଦିକଙ୍କୁ ଆଗରୁ ଦେଖି ନ ଥିଲି।

ବିମାନବନ୍ଦରରେ ବିଦେଶୀମାନଙ୍କ ପାଇଁ ଏକ ବୁଥ୍ ଅଛି, ଯେଉଁଠି ସେମାନେ କେତେବେଳେ ଓ କେଉଁଠି ଓହ୍ଲାଇବାକୁ ହେବ ତାହା ପଞ୍ଜୀକୃତ କରନ୍ତି। ଅନ୍ୟ ରାଜ୍ୟରେ ଏପରି ବ୍ୟବସ୍ଥା ଥିବାର ମୁଁ ଦେଖିନାହିଁ। ବିଦେଶୀ ସାମ୍ବାଦିକମାନଙ୍କୁ ଏଠାରୁ ଅନ୍ବେବହୁତେ ନିଷିଦ୍ଧ କରାଯାଇଛି। ଏଠାକାର ଲୋକମାନେ ପସନ୍ଦ କରୁଥିବା ଅଲ୍ ଜଜିରା ଓ ନ୍ୟୁଜ୍ ଟିଭି (ଇରାନର ସରକାରୀ ଚାନେଲ)କୁ ଏଠାରେ ପ୍ରସାରଣର ସୁଯୋଗ ମିଳେ ନାହିଁ। କଶ୍ମୀର ଏବେ ଦିଲ୍ଲୀ ଦ୍ୱାରା ସିଧାସଳଖ ଶାସିତ ହେଉଛି ଏବଂ ଉକ୍ତ କଟକଣାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ତା'ର ଅର୍ଥ ହେଉଛି ପ୍ରତିବାଦକୁ ଦୃଢ଼ହସ୍ତରେ ଦମନ କରିବା ଏବଂ କୌଣସି ଦୟା ପ୍ରଦର୍ଶନ ନ କରିବା।

କଶ୍ମୀରୀମାନଙ୍କୁ ଏହିପରି ଅମାନବୀୟ କରିଦିଆଯାଉଛି ଏବଂ ଏହି ପ୍ରକ୍ରିୟା କେବଳ ଏହି ସରକାରରେ ନୁହେଁ ବରଂ ସବୁ ସରକାରରେ ଅନେକ ବର୍ଷ ହେଲା ଚାଲିଛି। ମୁଁ ଭାବୁଛି ଆମେ ଗୋଟିଏ ଜିନିଷ ଶିଖିପାରିଲୁ ନାହିଁ। ଆମେ ଭୁଲ୍ କରିଚାଲିଛୁ, ଆମ ନାଗରିକ ଓ ସୈନିକଙ୍କୁ ହରାଇଚାଲିଛୁ ଏବଂ ଆମେ ପରିସ୍ଥିତିକୁ ଅସ୍ୱାଭାବିକ କରି ଛଳନାପୂର୍ଣ୍ଣ ଭାବେ କହିଚାଲିଛୁ ଯେ ସ୍ୱାଭାବିକତା ଫେରାଇ ଆଣିବାକୁ ଚେଷ୍ଟା କରୁଛୁ।

Email: aakar.patel@gmail.com

# ସରକାରୀ ଦାନ ଓ ବିକାଶର ଅଧିକାର

ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ

ଭାରତରେ ୨୦୧୯ ସାଧାରଣ ନିର୍ବାଚନର ଏକ ବିଶେଷତା ହେଉଛି ଯେ ରାଜନୈତିକ ଦଳଗୁଡ଼ିକ ସିଧାସଳଖ ସରକାରୀ ଆର୍ଥିକ ସାହାଯ୍ୟ ଦେବାର ସମ୍ଭାବନା ଉପରେ ଜୋର ଦେଇଥିଲେ। ନିର୍ବାଚନରେ ସଫଳତା ଆଣି ଦେବାରେ ଏହା ସହାୟକ ହୋଇଛି ବୋଲି କୁହାଯାଉଛି। ସମାଜର ତଳ ସ୍ତରରେ ଆୟ ବଢ଼ାଇବା ଉପାୟର ପର୍ଯ୍ୟାଲୋଚନା ନିର୍ବାଚନ ମାଧ୍ୟମରେ ହୋଇଛି। ଦର କଷାକଷି କରି ଜନସାଧାରଣ ନିଜର ନ୍ୟାଯ୍ୟ ଦାବି ହାସଲ କରିବା ନିର୍ବାଚନ ପ୍ରକ୍ରିୟାର ଏକ ଅଙ୍ଗ। ପ୍ରତ୍ୟେକ ରାଜନୈତିକ ଦଳ ଏହା ବୁଝି ପାରିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ନାଗରିକଙ୍କୁ ଆଗକୁ ବଢ଼ାଇ ନେବାର ପ୍ରଚେଷ୍ଟା କିଛି ନୂଆ କଥା ନୁହେଁ। ଏହାର ସମାଧାନ ପାଇଁ ବିଭିନ୍ନ ସମୟରେ ଯୋଜନା ହୋଇ ଆସିଛି। ଜନମଙ୍ଗଳ କାର୍ଯ୍ୟରେ ପ୍ରଚୁର ଅର୍ଥ ମଧ୍ୟ ବିନିଯୋଗ ହୋଇଛି। କିନ୍ତୁ ଏବେ ବି ପ୍ରତି ତିନିଜଣରୁ ଜଣେ ନାଗରିକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ବେରୋଜଗାରୀ ଅଥବା କମ୍ ରୋଜଗାର କରୁଛନ୍ତି। ସଫା ପାଣି ଟିକିଏ ପିଇବାକୁ ପାଉ ନାହାନ୍ତି। ଶିକ୍ଷା ବ୍ୟବସ୍ଥା ଦୟନୀୟ। ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ମହିଳାମାନଙ୍କୁ ନିରାପତ୍ତା ମିଳୁନାହିଁ। ଶସ୍ତାରେ ଖାଦ୍ୟ ଯୋଗାଇଲେ ବି ୧୮% ପୁଷ୍ଟିହୀନତା ରୋଗରେ ପଡ଼ୁଛନ୍ତି। ଅନ୍ୟ ପକ୍ଷରେ ଦେଶର ଉପର ୧% ନାଗରିକଙ୍କ ପାଖରେ ଦେଶର ୫୨% ସମ୍ପତ୍ତି ରହିଛି। ତଳୁ ୬୦%ଙ୍କ ପାଖରେ ମାତ୍ର ୪.୭% ସମ୍ପତ୍ତି ଅଛି। ଆମର ଆର୍ଥିକ ନୀତି ଓ ରାଜନୈତିକ ଦୂରଦୃଷ୍ଟିରେ ନିଶ୍ଚୟ କିଛି କମି ରହିଯାଇଛି। ହିତାଧିକାରୀଙ୍କ ପାଖରେ ସୁବିଧା ସୁଯୋଗ ପହଞ୍ଚି ପାରିନାହିଁ। ୧୯୯୦ ଦଶକରୁ ଆମ ଦେଶ ଉଦାରବାଦ ଅର୍ଥନୀତିକୁ ଆପଣେଇଲା। ଆମେ ଜିଡିପି ବଢ଼ାଇବା ଦୌଡ଼ରେ ଲାଗିଗଲୁ। ଆମକୁ ବିଶ୍ୱାସ ଦିଆଗଲା ଯେ ସମଗ୍ର ଦେଶର ପ୍ରାଚୁର୍ଯ୍ୟ ବଢିଲେ, ସେଥିରୁ କିଛି କିଛି ତଳସ୍ତର ପର୍ଯ୍ୟନ୍ତ ଝରି ଆସିବ। ଜନ ମଙ୍ଗଳ କାର୍ଯ୍ୟ ସରକାରୀ ବିଭାଗରୁ କମାଇ ବେସରକାରୀ ସଂସ୍ଥାଗୁଡ଼ିକୁ ଦିଆଗଲା। ପରିସଂଖ୍ୟାନ ତଥ୍ୟ ଅନୁସାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା କିଛି ପ୍ରତିଶତ କମିଛି। କିନ୍ତୁ ଅସମାନତା ବଢି ଚାଲିଛି।

ପ୍ରାକୃତିକ ସମ୍ପଦ ଉପରେ ସମସ୍ତଙ୍କର ସମାନ ଅଧିକାର। ସ୍ଥାବର ସମ୍ପତ୍ତି କିଛି ଲୋକଙ୍କ ହାତରେ ରହିଥିବାରୁ ଅନ୍ୟମାନଙ୍କୁ କିଛି ଆୟ ସିଧା ହସ୍ତାନ୍ତର କରିବା ରାଷ୍ଟ୍ରର ଦାୟିତ୍ୱ। ଏ ଅର୍ଥ ସମାଜର ମାନବପୁଞ୍ଜିକୁ ସୁଦୃଢ଼ କରିବାରେ ସହାୟକ ହେବ। ସ୍କାଣ୍ଡିନେଭିଆର ଦେଶସମୂହ, କାନାଡ଼ା, ଆମେରିକା ଭଳି ଦେଶରେ ଏ ପଦ୍ଧତି ବହୁ ଦିନ ହେଲା ଚଳିଆସିଛି। ଏବେ ବି କାଲିଫର୍ନିଆରେ ପ୍ରତି ତିନିଜଣରେ ଜଣେ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଆନ୍ତି। ବିଶ୍ୱର ଦକ୍ଷିଣରେ ଥିବା ପ୍ରାୟ ଚାଳିଶଟି ଦେଶରେ ସିଧାସଳଖ ଆୟ ଦେବାର ନୀତି ପରୀକ୍ଷାମୂଳକ ଭାବେ ଚାଲିଛି। ବ୍ରାଜିଲରେ ଦେଖାଯାଇଛି ଯେ ଏ ନୀତିର ପ୍ରଥମ ଦଶବର୍ଷ ମଧ୍ୟରେ ଦାରିଦ୍ର୍ୟ ହାର ୯.୭%ରୁ ୪.୩%କୁ ଖସି ଆସିଲା। ଭାରତରେ ଲୋକଙ୍କୁ ସିଧାସଳଖ ଆୟ ଦେବା ନୀତିଗତ ଭାବରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, କେବଳ କୃଷକମାନଙ୍କୁ ସାହାଯ୍ୟ ଦେବା ଏବେ ଆରମ୍ଭ ହୋଇଛି। ତେବେ ଆମର ରାଷ୍ଟ୍ରୀୟ ଓ ରାଜ୍ୟ ସ୍ତରରେ ଶହ ଶହ ଯୋଜନା ଓ ଅର୍ଥ ନିୟୋଜନ ଦ୍ୱାରା ଜନସାଧାରଣ ଉପକୃତ ହେଉଛନ୍ତି। କିନ୍ତୁ ଏହାର ଅଧିକାଂଶ ଭାଗ ବାଟମାରଣା ହେଉଛି ଓ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନାହିଁ। ବୋଧହୁଏ ଏ ସବୁ କାରଣରୁ ଓ ସରକାରୀ କଳକୁ ସେବା ଯୋଗାଇବାର ଚାପରୁ ମୁକ୍ତ କରିବା ପାଇଁ ସିଧା ଆୟ ଦେବାର ପରୀକ୍ଷା ଆରମ୍ଭ ହେଉଛି।

କଥାରେ ଅଛି, କୌଣସି ବ୍ୟକ୍ତିକୁ ଗୋଟିଏ ମାଛ ଦିଅ, ସେ ଦିନକର ଖାଇବା ପାଇବ। ତାକୁ ଜାଲ ଦେଇ ମାଛ ଧରିବା ଶିଖାଇ ଦିଅ, ସେ ଜୀବନ ସାରା ଖାଦ୍ୟ ପାଇବ। ଉନ୍ନୟନ ଚିନ୍ତାଧାରାରେ ଏହି ଦୁଇଟି ରାସ୍ତା ବିଷୟରେ ଅନେକ ବିତର୍କ ଅଛି। ଅଭାବରେ ଥିବା କିଛି ବ୍ୟକ୍ତିଙ୍କୁ ନଗଦ ଅର୍ଥ ଦେବାରେ ଆପତ୍ତି ହୁଏ ନାହିଁ। ଯେପରି କି ବୃଦ୍ଧ, ଅନାଥ,ଦିବ୍ୟାଙ୍ଗ, ଏକାକୀ ଥିବା ମା'ଆଦି। କିନ୍ତୁ ସ୍ୱାସ୍ଥ୍ୟବାନ୍ କାର୍ଯ୍ୟକ୍ଷମ ଲୋକଙ୍କୁ ଟଙ୍କା ବାଣ୍ଟି ଶସ୍ତା ଲୋକପ୍ରିୟତା ହାସଲ କରିବା ଠିକ୍ ନୁହେଁ। ସରକାରଙ୍କ କର୍ତ୍ତବ୍ୟ ଜନସାଧାରଣଙ୍କୁ ସେବା ଦେବା, ଟଙ୍କା ବାଣ୍ଟିବା ନୁହେଁ। ସବୁ ଦିନ ସରକାରଙ୍କ ଉପରେ ନିର୍ଭରଶୀଳ ରହିଲେ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦା କ୍ଷୁଣ୍ଣହୁଏ। ଦଳଗୁଡ଼ିକ ନିଜର ଇସ୍ତାହାରକୁ ନୀତିରେ ପରିବର୍ତ୍ତନ କରିବା ପୂର୍ବରୁ କେତେକ ବିଷୟରେ ସଚେତନ ହେବାକୁ ପଡିବ। ପ୍ରଥମ– ନଗଦ ଅର୍ଥ ଦେବାର ଉଦ୍ଦେଶ୍ୟ ପୂରଣ ହେଉଛି କି? ପିଲାଙ୍କୁ ସ୍କୁଲ ପଠାଇବା, ପରିବାରକୁ ସ୍ୱାସ୍ଥ୍ୟବାନ୍ ରଖିବା ଓ ପିଲାଙ୍କୁ ପୁଷ୍ଟିକର ଆହାର ଦେବାରେ ଏହା ବ୍ୟବହାର ହେବା କଥା। ଦ୍ୱିତୀୟ– ହିତାଧିକାରୀଙ୍କୁ କିପରି ବଛାଯିବ? ପରିବାରର ଜମିର ପରିମାଣ କିମ୍ବା ରୋଜଗାର ପନ୍ଥାକୁ ମାଧ୍ୟମ କରିବା ଅତି ଆକର୍ଷଣୀୟ, କିନ୍ତୁ ସହଜ ନୁହେଁ। କୌଣସି ପରିବାରର ଅବସ୍ଥା ସବୁଦିନ ସମାନ ନ ଥାଏ। ଦିନ ମଜୁରିଆଙ୍କର ଆୟ କେତେ ଜାଣିବା କଷ୍ଟ। ତୃତୀୟ– ବଣ୍ଟନ ରାଜନୀତିରେ ହିତାଧିକାରୀଙ୍କୁ ଆମେ ଉପଭୋକ୍ତା ଭାବେ ଦେଖୁଛେ, ଉତ୍ପାଦନକାରୀ ଭାବରେ ନୁହେଁ। ସେତିକି ଅର୍ଥରେ ଆମେ ଅଧିକ ଶିକ୍ଷକ, ନର୍ସ, ଆଶାକର୍ମୀ ବା ଉଦ୍ୟୋଗୀ ପାଇ ପାରିଥାନ୍ତେ। ମାଗଣା ଉପଭୋକ୍ତା ଯେତେ ବଢିବେ, ବେରୋଜଗାରି ସେତେ ବଢ଼ିବ। ଏପରି କି କାହାର ଋଣ ଛାଡ କରିବା ସାମୟିକ ସାହାଯ୍ୟ ହୋଇପାରେ, ସମସ୍ୟାର ସମାଧାନ ନୁହେଁ। ଚତୁର୍ଥ– ଏ ଭଳି ପ୍ରକଳ୍ପ ପାଇଁ ଅର୍ଥ କେଉଁଠୁ ଆସିବ? କେବଳ ତିନୋଟି ଉପାୟ ଅଛି। ଖର୍ଚ୍ଚ କାଟ୍ କରିବେ, ଟିକସ ବଢ଼ାଇବେ ବା ଋଣ କରିବେ। ଖର୍ଚ୍ଚ କାଟ୍ କଲେ ସମାଜର ବିକାଶ ପାଇଁ ଥିବା ଯୋଜନାରୁ ଭାଗ କମିବ। ଟିକସ ବଢ଼ାଇଲେ ଶିଳ୍ପ ଓ ବ୍ୟବସାୟରୁ ପୁଞ୍ଜି ବିନିଯୋଗ କମିବ, ବେରୋଜଗାରି ବଢିବ। 'ଋଣଂ କୃତ୍ୱା ଘୃତଂ ପିବେତ୍' ଆଦୌ ବାଞ୍ଛନୀୟ ନୁହେଁ। ଅଧିକ ଋଣ କଲେ ଦେଶର ଅବସ୍ଥା କ'ଣ ହେବ ଜଣାନାହିଁ।

ଜନସାଧାରଣଙ୍କ ଭ୍ରମଧାରଣା ଯେ, ସରକାର କୁବେରଙ୍କ ପରି ଅଜସ୍ର ସମ୍ପତ୍ତିର ମାଲିକ। ସରକାରଙ୍କ ପକେଟ ଯେ ସବୁବେଳେ ଖାଲି, ସେ କଥା କେହି ଭାବନ୍ତି ନାହିଁ। ସେ ବାମ ହାତରେ କିଛି ଲୋକଙ୍କଠାରୁ ଅର୍ଥ ନେଇ, ଡାହାଣ ହାତରେ ତାକୁ ଅନ୍ୟ କିଛି ଲୋକଙ୍କୁ ବଢ଼ାଇ ଦିଅନ୍ତି। ନିର୍ବାଚିତ ସରକାର କେବଳ ନିର୍ଣ୍ଣୟ କରନ୍ତି, କାହାଠାରୁ କେତେ ନେବେ ଓ କାହାକୁ କେତେ ଦେବେ।

# କୂଟନୈତିକ ରାଜନେତା

## ବ୍ୟକ୍ତିତ୍ୱ



ଏସ୍. ଜୟଶଙ୍କର

କେନ୍ଦ୍ରରେ ୩୦ ମେ ୨୦୧୯ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ଲାଗି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଗଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସମେତ ୫୮ ମନ୍ତ୍ରୀ ଶପଥ ନେଇଥିବା ବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ଏସ୍. ଜୟଶଙ୍କରଙ୍କ ଉପରେ ନ୍ୟସ୍ତ କରାଯାଇଛି। ଶପଥ ଗ୍ରହଣ ଉତ୍ସବକୁ ୧୫ ଦିନ ପୂରିଯାଇଥିଲେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଜୟଶଙ୍କରଙ୍କ ବ୍ୟକ୍ତିତ୍ୱକୁ ନେଇ ଚର୍ଚ୍ଚା ଚାଲିଛି। ଏକଦା ବହିର୍ବ୍ୟାପାର ସଚିବ ଥିବା ବ୍ୟକ୍ତି ଯେତେବେଳେ ମନ୍ତ୍ରଣାଳୟର ମୁଖ୍ୟ ଭାବେ ଦାୟିତ୍ୱ ନେଇଛନ୍ତି, ସେତେବେଳେ ଏଭଳି ଆଲୋଚନା ହେବା ସ୍ୱାଭାବିକ। ଆମେରିକାର ବିଶେଷଜ୍ଞମାନେ ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କୂଟନୀତିଜ୍ଞ ଆସନରେ ବସାଇଛନ୍ତି। ବାସ୍ତବରେ ସଂସଦୀୟ ଗଣତନ୍ତ୍ରରେ ଆଇନ ପ୍ରଣୟନକାରୀ ଓ ଏହାକୁ ରୂପାୟନ କରୁଥିବା ଅମଲାତନ୍ତ୍ରୀଙ୍କ ମଧ୍ୟରେ ପ୍ରାଚୀର ଥାଏ। ଏହି ପ୍ରତିବନ୍ଧକ ଉଚ୍ଛେଦକରି ଯେତେବେଳେ ଜଣେ ବିଶେଷଜ୍ଞ ରାଜନୀତି କ୍ଷେତ୍ରରେ ପାଦ ଦେଇ ମନ୍ତ୍ରଣାଳୟର ମଙ୍ଗ ଧରନ୍ତି, ସେତେବେଳେ ଦେଶର ସଫଳତା ଶୀର୍ଷରେ ପହଞ୍ଚେ। ଏହାକୁ ବିଚାରକୁ ନେଲେ ଜୟଶଙ୍କରଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ଦେଇ ମୋଦି ନୂଆ ଇତିହାସ ସୃଷ୍ଟି କରିଛନ୍ତି ବୋଲି କୁହାଯାଇପାରେ। ଜୟଶଙ୍କର ଜଣେ ସଫଳ କୂଟନୀତିଜ୍ଞରୁ ବହିର୍ବ୍ୟାପାର ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମୁଖ୍ୟ ହେବା ପଛରେ ଅନେକ କାରଣ ଥିବା ଆଲୋଚନା ହେଉଛି। ପୂର୍ବରୁ କେବେ ପାର୍ଲାମେଣ୍ଟରେ ସଦସ୍ୟ ହୋଇ ନ ଥିବା ଜୟଶଙ୍କର ଓ ମୋଦିଙ୍କ କେମିଷ୍ଟ୍ରି ଊଣାଅଧିକେ ସମସ୍ତଙ୍କୁ ଜଣା।

ସୁବ୍ରମଣ୍ୟମ୍ ଜୟଶଙ୍କର ୧୯୫୫ ଜାନୁୟାରୀ ୯ରେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ପିତା କେ. ସୁବ୍ରମଣ୍ୟମ୍ ଥିଲେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ପ୍ରତିରକ୍ଷା ବିଶେଷଜ୍ଞ ଏବଂ ମା'ଙ୍କ ନାମ ସୁଲୋଚନା। ଏକ ସମ୍ଭ୍ରାନ୍ତ ତଥା ଉଚ୍ଚଶିକ୍ଷିତ ପରିବାରରେ ଜନ୍ମିତ ଜୟଶଙ୍କର ଶ୍ରୀନିବାସପୁରୀ କେମ୍ବ୍ରିଜ୍ ସ୍କୁଲରେ ପାଠପଢ଼ା ଆରମ୍ଭ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଜେଏନ୍‌ୟୁରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ ଏମ୍‌ଫିଲ୍ ଏବଂ ଇଣ୍ଟରନ୍ୟାଶ୍‌ନାଲ ରିଲେଶନ୍ସରେ ପିଏଚ୍‌ଡି ହାସଲ କରିଥିଲେ। ୧୯୭୭ରେ ଜୟଶଙ୍କର ଆଇଏଫ୍‌ଏସ୍ ପାଇବା ପରେ ୧୯୭୯ରୁ ୧୯୮୧ ଯାଏ ସୋଭିଏଟ୍ ୟୁନିୟନ ଲାଗି ମସ୍କୋସ୍ଥିତ ଭାରତୀୟ ଦୂତାବାସରେ ସଚିବ ଭାବେ ଅବସ୍ଥାପିତ ହୋଇଥିଲେ। ପରେ ସେ ନୂଆଦିଲ୍ଲୀକୁ ଫେରି ବହିର୍ବ୍ୟାପାର ମନ୍ତ୍ରଣାଳୟରେ ଅନୁସଚିବ ଭାବେ କାର୍ଯ୍ୟ କରିଥିଲେ। ମହାରାଷ୍ଟ୍ରର ତାରାପୁର ଶକ୍ତି ପ୍ରକଳ୍ପକୁ ଆମେରିକା ପକ୍ଷରୁ ଆଣବିକ ଇନ୍ଧନ ଯୋଗାଣ ନେଇ ଉଠିଥିବା ବିବାଦ ସମାଧାନରେ ତାଙ୍କର ବେଶ୍ ଭୂମିକା ରହିଥିଲା। ଜୟଶଙ୍କରଙ୍କ କାର୍ଯ୍ୟଦକ୍ଷତା ଯୋଗୁ ତାଙ୍କୁ ୱାଶିଂଟନସ୍ଥିତ ଭାରତୀୟ ଦୂତାବାସରେ ସଚିବ ଭାବେ ୧୯୮୫ରୁ ୧୯୮୮ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବାର ସୁଯୋଗ ମିଳିଥିଲା। ୧୯୮୮ରୁ ୧୯୯୦ ମଧ୍ୟରେ ସେ ଶ୍ରୀଲଙ୍କାରେ ଭାରତୀୟ ଦୂତାବାସରେ ସଚିବ ଭାବେ ଅବସ୍ଥାପିତ ଥାଇ ଭାରତୀୟ ଶାନ୍ତିରକ୍ଷା ବାହିନୀର ରାଜନୈତିକ ପରାମର୍ଶଦାତା ହୋଇଥିଲେ। ୧୯୯୦ରୁ ୧୯୯୩ ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟସ୍ଥିତ ଇଣ୍ଡିଆନ୍ ମିଶନ୍‌ରେ ବାଣିଜ୍ୟିକ ଉପଦେଷ୍ଟା ରୂପେ କାର୍ଯ୍ୟକରି ନୂଆଦିଲ୍ଲୀ ଫେରିଥିଲେ। ଏହି ସମୟରେ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ (ପୂର୍ବ ୟୁରୋପ ବ୍ୟାପାର) ଏବଂ ତତ୍କାଳୀନ ରାଷ୍ଟ୍ରପତି ଶଙ୍କରଦୟାଳ ଶର୍ମାଙ୍କ ପ୍ରେସ୍ ସେକ୍ରେଟାରି ତଥା ଅଭିଭାଷଣ ଲେଖକ ଭାବେ ନିଯୁକ୍ତି ପାଇ ବିଚକ୍ଷଣତାର ପରିଚୟ ଦେଇଥିଲେ। ୧୯୯୬ରୁ ୨୦୦୦ ପର୍ଯ୍ୟନ୍ତ ତାଙ୍କୁ ଟୋକିଓସ୍ଥିତ ଭାରତୀୟ ଦୂତାବାସର ମିଶନ୍‌ରେ ଉପମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ପୋଖରାନ୍–୨ ଆଣବିକ ପରୀକ୍ଷଣକୁ ନେଇ ଭାରତ ଓ ଜାପାନ ମଧ୍ୟରେ ସମ୍ପର୍କ ବିଗିଡ଼ିବାକୁ ଯାଉଥିବା ବେଳେ ଜୟଶଙ୍କରଙ୍କ କୂଟନୀତି ତାହାକୁ ଏଡ଼ାଇ ଦେଇଥିଲା। ୨୦୦୦ରେ ସେ ଚେକ୍ ରିପବ୍ଲିକ୍‌ରେ ଭାରତର ରାଷ୍ଟ୍ରଦୂତ ହୋଇଥିଲେ। ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆମେରିକା ବ୍ୟାପାର) ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବଧି ମଧ୍ୟରେ ଭାରତ–ଆମେରିକା ବେସାମରିକ ଅଣୁ ଚୁକ୍ତି ସମ୍ପର୍କରେ ଚାଲିଥିବା ଆଲୋଚନାରେ ସକ୍ରିୟ ଭାଗ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଆମେରିକା ସହ ୧୨୩ ରାଜିନାମା ବେଳେ ଜୟଶଙ୍କର ଭାରତ ପକ୍ଷରୁ ନେତୃତ୍ୱ ନେଇଥିଲେ। ୨୦୦୭ରୁ ୨୦୦୯ ମଧ୍ୟରେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଭାବେ ଅବସ୍ଥାପିତ ଥିବା ବେଳେ ବ୍ୟାପକ ଅର୍ଥନୈତିକ ସହଯୋଗ ରାଜିନାମା (ସିଇସିଏ)କୁ କାର୍ଯ୍ୟକାରୀ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଚାଇନାରେ ଭାରତର ସର୍ବାଧିକ କାଳ ରାଷ୍ଟ୍ରଦୂତ ହେବାରେ ସେ ଗୌରବ ଅର୍ଜନ କରିଛନ୍ତି। ବେଜିଂରେ ସାଢ଼େ ୪ ବର୍ଷର ରହଣି ବେଳେ ଜୟଶଙ୍କର ଭାରତ–ଚାଇନା ମଧ୍ୟରେ ଅର୍ଥନୈତିକ, ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ସହ ଦୁଇ ଦେଶର ସୀମା ବିବାଦର ସମାଧାନ ଦିଗରେ ଯତ୍ନବାନ ହୋଇଥିଲେ। ୨୦୧୩ ସେପ୍ଟେମ୍ବରରେ ଜୟଶଙ୍କର ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନ ଜିତି ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସେପ୍ଟେମ୍ବରରେ ପ୍ରଥମ ଥର ପାଇଁ ଆମେରିକା ଗସ୍ତ କରିଥିଲେ। ଏହି ସମୟରେ ଆମେରିକୀୟ ନେତାଙ୍କ ସହ ସାକ୍ଷାତ୍ ଓ ମାଡିସନ ସ୍କୋୟାରରେ ଭାରତୀୟ ବଂଶୋଦ୍ଭବଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମର ସଫଳ ସ୍ଥପତି ପାଲଟିଥିଲେ ଜୟଶଙ୍କର। ଏହିଠାରୁ ଆରମ୍ଭ ହୋଇଥିଲା ମୋଦି ଓ ଜୟଶଙ୍କରଙ୍କ କେମିଷ୍ଟ୍ରି।

କେବଳ ଇଂଲିଶ ଓ ହିନ୍ଦୀ ନୁହେଁ, ତାମିଲ, ରୁଷୀୟ, ମାଣ୍ଡାରିନ୍, ଜାପାନୀ ଓ ହଙ୍ଗେରୀ ଭାଷାରେ ପାରଗତା ହାସଲ କରିଥିବା ଏହି ବିଚକ୍ଷଣ କୂଟନୀତିଜ୍ଞଙ୍କୁ ୨୦୧୫ ଜାନୁୟାରୀ ୨୯ରେ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ଦିଆଯାଇଥିଲା। ସୁଷମା ସ୍ୱରାଜ ବହିର୍ବ୍ୟାପାର ମନ୍ତ୍ରୀ ଥିବା ବେଳେ ୨୦୧୭ ଜୁନ୍‌ରୁ ପ୍ରାୟ ୩ ମାସ ଧରି ଭାରତ–ଚାଇନା ମଧ୍ୟରେ ଡୋକଲାମ୍‌କୁ ନେଇ ବିବାଦ ଲାଗି ରହିଥିଲା। ସେତେବେଳେ ନିଜ କୂଟନୀତି ପ୍ରୟୋଗ କରି ସେ ଏହି ସମସ୍ୟାର ସମାଧାନ କରିପାରିଥିଲେ। ୨୮ ଜାନୁୟାରୀ ୨୦୧୮ରେ ଚାକିରିରୁ ଅବସର ଗ୍ରହଣ କରିବା ପରେ ଜୟଶଙ୍କର ଟାଟା ସନ୍ସର ଅନ୍ତର୍ଜାତୀୟ କମ୍ପାନୀ ବ୍ୟାପାର ଅଧ୍ୟକ୍ଷ ଭାବେ ନୂଆ କାର୍ଯ୍ୟରେ ଯୋଗ ଦେଇଥିଲେ।

ଜୟଶଙ୍କରଙ୍କ କର୍ମମୟ ଜୀବନ ଓ ସେବା ପାଇଁ ୨୦୧୯ ଜାନୁୟାରୀରେ ତାଙ୍କୁ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯାଇଛି। କୂଟନୈତିକ ଦୃଷ୍ଟିଭଙ୍ଗୀ, କର୍ମକୁଶଳତା ଓ ବିବିଧ କ୍ଷେତ୍ରରେ ଉତ୍କର୍ଷ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଜୟଶଙ୍କରଙ୍କ ବ୍ୟକ୍ତିତ୍ୱ ଯୁବପିଢ଼ି ପାଇଁ ଅନୁସରଣୀୟ ଓ ଅନୁକରଣୀୟ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରେମ ବାଧାବନ୍ଧନ ମାନି ନ ଥାଏ। କେତେକ ପ୍ରେମୀଯୁଗଳ ଘରୁ ଲୁଚି ପଳାଇଯାଇ ପରିବାର ସଦସ୍ୟ ଓ ସମାଜର ନିୟମକୁ ନ ମାନି ଅନ୍ୟତ୍ର ବିବାହ କରିଥାନ୍ତି । ତେବେ ସେମାନଙ୍କ ସୁରକ୍ଷା ନେଇ ଅନେକ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ହିମାଚଳ ପ୍ରଦେଶରେ ଏମିତି ଏକ ମନ୍ଦିର ରହିଛି ଯେଉଁଠି ପ୍ରେମୀଯୁଗଳ ଘରୁ ଲୁଚି ଏଠାରେ ଆଶ୍ରୟ ନିଅନ୍ତି। ଏହା ସେମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ। ହିମାଚଳ ପ୍ରଦେଶରେ କୁଲୁସ୍ଥିତ ଶାଙ୍ଗଡ ଗ୍ରାମରେ ମହାଦେବଙ୍କର ମନ୍ଦିର ରହିଛି। ଏଠାରେ ଘରୁ ଲୁଚି ପଳାଇ ଆସିଥିବା ପ୍ରେମୀଯୁଗଳଙ୍କୁ ଆଶ୍ରୟ ମିଳେ। ମହାଦେବଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ। ପ୍ରେମୀଯୁଗଳ ବିବାହ ଉଦ୍ଦେଶ୍ୟରେ ଏହି ମନ୍ଦିରକୁ ଆସିଥାନ୍ତି। ଯେତେଦିନ ଯାଏ ଏହି ମନ୍ଦିର ପରିସରରେ ରୁହନ୍ତି ସେମାନଙ୍କୁ ମନ୍ଦିର ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଏ। ଏଠାକୁ ପୋଲିସ ମଧ୍ୟ ଆସନ୍ତି ନାହିଁ। ପରିବାର ପକ୍ଷରୁ ଅଭିଯୋଗ କରାଗଲେ ମଧ୍ୟ ପୋଲିସ ମନ୍ଦିର ପରିସରରୁ ପ୍ରେମୀଯୁଗଳଙ୍କୁ ଗିରଫ କରେନାହିଁ। ମାଦକ ଦ୍ରବ୍ୟ, ଚମଡ଼ା ତିଆରି ଜିନିଷ ମନ୍ଦିର ଭିତରକୁ ନେବାକୁ ବାରଣ କରାଯାଇଥାଏ। ଏଠାରେ ବଡ଼ପାଟିରେ ମଧ୍ୟ କଥା ହେବାକୁ ମନା କରାଯାଏ। ଏହାଦ୍ୱାରା ଶାନ୍ତିଭଙ୍ଗ ହେବ ବୋଲି ଲୋକେ କହିଥାଆନ୍ତି। ବାସ୍ତବରେ ପ୍ରେମୀଯୁଗଳଙ୍କ ପାଇଁ ଏହି ସ୍ଥାନ ମର୍ତ୍ତ୍ୟର ଅମରାବତୀ କହିଲେ ଅତ୍ୟୁକ୍ତି ହେବନାହିଁ।

### ଚିରନ୍ତନୀ

ନୀଳ ଅଞ୍ଚଳେ ତା'ର
ଖେଳେ ଆଲୋକ ଛାୟା
ଆବରି ଦଶଦିଶି
ଦେଖାଏ ରୂପମାୟା।
ରୂପସୀ ଉଠ ହସି
କେଉଁ ଗଗନେ ବସି
ଦେଖାଅ ରୂପମାୟା
ଏ ଯେ ଆଲୋକ ଛାୟା।
ଚଖାଇ ଯାଏ ସେ ଗୋ
ତପତି ହୀନ ଆଶା,
ରଖାଇ ଯାଏ ପ୍ରାଣେ
ପ୍ରକାଶ–ହୀନ ଭାଷା।
ମରମେ ରହେ ମରି
ସଦା ଯେ ମରମରି
ତୃପତିହୀନ ଆଶା
ପ୍ରକାଶହୀନ ଭାଷା।

(ଆଶ୍ୱାସନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | 1 | | 3 | 8 | E | | | | |
| | | | C | | | 7 | | E | | 5 | | | D | 2 |
| D | | | 6 | | | | C | | 2 | | | | | 9 |
| 7 | | | | | D | | | | A | | | | 4 | 0 |
| | B | 6 | 1 | 9 | 4 | A | D | | | 7 | | | | |
| 8 | | | | 5 | | 6 | | | | | | | 2 | |
| | | | B | | 3 | | 8 | 0 | | | 9 | | A | |
| 2 | | | | C | A | 4 | | | | | | 5 | | |
| 4 | | | | | | | B | | | | 7 | E | | |
| | | | | E | 0 | 9 | | | | D | | | B | |
| | 1 | | 8 | | 6 | 2 | | | | | | B | | 3 |
| A | | 3 | | | | | 0 | | | | | | | 8 |
| | | 7 | | 4 | | | 3 | 8 | | | 6 | 1 | 9 | |
| | 6 | | | | 1 | | 7 | D | | C | | | | |
| | | 8 | | | | B | 1 | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | 3 | D | 2 | 9 | 7 | 0 | A | B | C | 1 | E | 4 | 5 |
| B | 7 | 0 | 4 | 1 | A | 2 | 5 | C | 3 | E | 9 | 6 | 8 | D |
| 2 | 4 | 1 | 3 | 6 | B | 8 | D | E | 5 | A | 0 | C | 9 | 7 |
| A | D | E | 8 | C | 5 | 4 | 9 | B | 7 | 2 | 6 | 1 | 0 | 3 |
| 9 | 5 | C | 7 | E | 0 | 3 | 6 | 1 | D | 4 | 8 | B | A | 2 |
| 1 | 0 | D | 2 | 3 | E | A | C | 9 | 4 | 6 | B | 5 | 7 | 8 |
| 4 | 9 | 7 | 6 | B | D | 0 | E | 3 | C | 8 | 5 | 2 | 1 | A |
| C | E | B | 5 | 0 | 8 | 1 | 4 | 2 | A | D | 7 | 9 | 3 | 6 |
| 5 | 2 | 8 | 9 | A | 4 | D | 7 | 6 | 1 | 3 | E | 0 | B | C |
| 3 | 6 | A | 1 | 7 | C | 5 | B | 8 | 0 | 9 | 2 | 4 | D | E |
| 7 | C | 2 | 0 | 9 | 3 | B | 8 | 5 | 6 | 1 | D | A | E | 4 |
| D | 3 | 9 | E | 5 | 7 | 6 | 1 | 4 | 2 | B | A | 8 | C | 0 |
| E | B | 5 | A | D | 1 | C | 2 | 0 | 8 | 7 | 4 | 3 | 6 | 9 |
| 8 | A | 6 | B | 4 | 2 | 9 | 3 | D | E | 0 | C | 7 | 5 | 1 |
| 0 | 1 | 4 | C | 8 | 6 | E | A | 7 | 9 | 5 | 3 | D | 2 | B |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ ଦୁର୍ବିପାକ ମୁକାବିଲା

ମହାଶୟ,

ଭାରତ ଭୂଖଣ୍ଡଟିର ତିନିପାର୍ଶ୍ୱ ସମୁଦ୍ର ଦ୍ୱାରା ଆଚ୍ଛାଦିତ, ଯାହା ଜଳବାୟୁ ପରିବର୍ତ୍ତନର ପ୍ରଥମ ପ୍ରଭାବକୁ ଅନୁଭବ କରୁଛି। ଓଡ଼ିଶା ସମେତ ଉପକୂଳବର୍ତ୍ତୀ ରାଜ୍ୟସମୂହ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ବନ୍ୟା ଓ ବାତ୍ୟାପ୍ରବଣ ରାଜ୍ୟଗୁଡିକ ପାଇଁ କେନ୍ଦ୍ର ତରଫରୁ ସୁଦୃଢ଼ ବ୍ୟବସ୍ଥା କରାଯିବା ଉଚିତ।

ମଙ୍ଗୁଳି ଚରଣ ନିଶଙ୍କ, ରାମଚଣ୍ଡୀ, ନରଣଗଡ଼, ଖୋର୍ଦ୍ଧା

### ପାସ୍ ହାର ଆହୁରି କମିବ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ ହାର କମିଯାଇଛି। ଏହାର ପ୍ରତିକାର ନ ହେଲେ ଆହୁରି ପାସ୍ ହାର କମିବ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପିଲାମାନେ ଅପେକ୍ଷାକୃତ ଭଲ କରୁଛନ୍ତି। ସରକାର ସରକାରୀ ଶିକ୍ଷକଙ୍କୁ ଶିଶୁମନ୍ଦିରକୁ ବଦଳି କରନ୍ତୁ ଏବଂ ଶିଶୁମନ୍ଦିର ଶିକ୍ଷକଙ୍କୁ ସରକାରୀ ସ୍କୁଲରେ ନିଯୁକ୍ତି ଦିଅନ୍ତୁ। ବଦଳି ହୋଇଥିବା ଏହି ଉଭୟ ଶିକ୍ଷକଙ୍କୁ ସରକାରୀ ହାରରେ ଦରମା ଦିଅନ୍ତୁ। ମଧ୍ୟାହ୍ନଭୋଜନ ଏକ ପ୍ରହସନ ଛଡ଼ା କିଛି ନୁହଁ। ତେଣୁ ସରକାର ଶିକ୍ଷାର ଉନ୍ନତି ପାଇଁ ଧ୍ୟାନ ଦେବା ଉଚିତ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଲୋଭରୁ ମୃତ୍ୟୁ

ଲୋଭ ମଣିଷର ବଡ଼ ଶତ୍ରୁ। ଲୋଭ ସୀମା ଲଂଘିଲେ ଏହାର ବିଷମୟ ଫଳ ଭୋଗ କରିବାକୁ ପଡ଼େ। ଲୋଭୀ ଲୋକର ବାସନା କେବେ ପୂରଣ ହୁଏନାହିଁ। ସେ ବାରମ୍ବାର ଲୋଭ କରି ବସେ। ମନୁଷ୍ୟ ଏହା ବୁଝିପାରେନାହିଁ। ଲୋଭୀ ଲୋକ ସମାଜରେ ନିନ୍ଦିତ ଓ ସମାଲୋଚିତ ହୁଏ। ଶେଷରେ ଲୋଭ ବିନାଶ ଆଡ଼କୁ ଟାଣିନିଏ। ଈଷତ୍ ଶ୍ୱେତବର୍ଣ୍ଣର କୁଷ୍ଠ ଯେପରି ମନୁଷ୍ୟର ସମସ୍ତ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ ସେହିପରି କିଞ୍ଚିତ୍ ମାତ୍ରାର ଲୋଭ ଯଶସ୍ୱୀମାନଙ୍କର ନିର୍ମଳ ଯଶ ଓ ଗୁଣାବଳୀକୁ ବିନାଶ କରିଦିଏ। ଏଣୁ ସମସ୍ତେ ଲୋଭ ପରିହାର କରି ନିର୍ଲୋଭ ଜୀବନଯାପନ କରିବାକୁ ଉଦ୍ୟମ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇଘର,୧୫।୫(ଡି.ଏନ.ଏ): ନବରଙ୍ଗପୁର ଜିଲା ରାଇଘର ବ୍ଲକ କଚରାପାରା ପଞ୍ଚାୟତର ଗଦରାପାରା ଗ୍ରାମର ଜଗନ୍ନାଥ କଲାର (୨୨)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଶନିବାର ଉଦ୍ଧାର କରାଯାଇଛି। ଗଦରାପାରା ଗ୍ରାମର ଜଗନ୍ନାଥ ଶୁକ୍ରବାର ରାତିରେ ପରିବାର ଲୋକଙ୍କ ସହ ଖାଇସାରି ଶୋଇବାକୁ ଯାଇଥିଲେ। କିନ୍ତୁ ପରିବାର ଲୋକ ସକାଳୁ ଉଠି ଜଗନ୍ନାଥ ଘରେ ନ ଥିବା ଦେଖିବାକୁ ପାଇଥିଲେ। ଜଗନ୍ନାଥ କୁଆଡେ ଯାଇଥିବେ ଭାବି ପରିବାର ଲୋକ ଖୋଜାଖୋଜି କରି ନ ଥିଲେ। ଲୋକମାନେ ଶୌଚ ପାଇଁ ଗ୍ରାମ ନିକଟ ଡ୍ୟାମ ପାଖକୁ ଯିବା ସମୟରେ ରାସ୍ତାରେ ଥିବା କରଞ୍ଜ ଗଛରେ ବେକରେ ଗାମୁଛା ବନ୍ଧା ହୋଇ ଜଗନ୍ନାଥଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ପରେ ଜଗନ୍ନାଥଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ରାଇଘର ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

### ବିଡ଼ିପୁର କଲେଜରୁ ଚୋରି

ଭଞ୍ଜନଗର, ୧୫।୬(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ କଲେଜରୁ ଶୁକ୍ରବାର ରାତିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ଅଫିସ୍ କବାଟ ଭାଙ୍ଗି ଗୋଟିଏ କମ୍ପ୍ୟୁଟର, ଗୋଟିଏ ଟିଭି ଓ ଇନଭଟର ଲୁଟି ନେଇଛନ୍ତି।

# ଆତଙ୍କ ଖେଳାଉଥିବା ଭାଲୁକୁ କରାଗଲା କାବୁ

ନବରଙ୍ଗପୁର,୧୫।୬(ବି.ପ୍ର.)


ଉଦ୍ଧାର ହୋଇଥିବା ଭାଲୁ ।

ଖାଦ୍ୟ ଓ ପାଣି ଅନ୍ୱେଷଣରେ ଭାଲୁ ନବରଙ୍ଗପୁର ଜିଲାର ଜନବସତି ଆଡକୁ ଚାଲି ଆସୁଛନ୍ତି। ଗାଁରେ ପଶି ଆତଙ୍କ ଖେଳାଉଛନ୍ତି। ଫଳରେ ଲୋକମାନେ ଭୟଭୀତ ହୋଇପଡୁଛନ୍ତି। ଏହିଭଳି ଏକ ଘଟଣା ନନ୍ଦାହାଣ୍ଡି ଗାଁରେ ଦେଖିବାକୁ ମିଳିଛି । ଗୋଟିଏ ଭାଲୁ ଗତ କିଛି ଦିନ ହେବ ଗାଁ ଭିତରେ ପ୍ରବେଶ କରି ଆତଙ୍କ ଖେଳାଇଥିଲା । ଗାଁର ଆମ୍ବ ବଗିଚା ଭିତରେ ପ୍ରବେଶ କରି ଆମ୍ବ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରୁଥିଲା । ଲୋକଙ୍କ ଘର ବାଡିରେ ଥିବା ପେଯ ଓ ତୋରାଣି ହାଣ୍ଡିକୁ ମଧ୍ୟ ଛାଡୁ ନଥିଲା । ଭାଲୁ ଆକ୍ରମଣ ଭୟରେ ଗାଁ ଲୋକ ବାହାରକୁ ବାହାରିବାକୁ ଭୟ କରୁଥିଲେ ।ଭାଲୁକୁ କାବୁ କରିବା ପାଇଁ ଗ୍ରାମବାସୀ ନବରଙ୍ଗପୁର ରେଞ୍ଜର ପି. ସି. ନନ୍ଦଙ୍କୁ ଜଣାଇଥିଲେ। ୱାଇଲ୍ଡ ଲାଇଫ ସ୍କ୍ୱାଡ୍ ଟିମ ଲିଡର ଏ. ମନୋଜଙ୍କ ସମେତ ଲଳିତ ବିଷୋୟୀ, ନୀଳାଚଳ ବିଷୋୟୀ, ଜଗଦିଶ ଭତରା ପ୍ରମୁଖ ୪ ଦିନ ହେବ ଭାଲୁକୁ କାବୁ କରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ଓ ଫାଶ ପକାଇଥିଲେ। ଶନିବାର ଅପରାହ୍ନରେ ଭାଲୁକୁ କାବୁ କରିଥିଲେ । ପରେ ଭାଲୁକୁ ଯନ୍ତାରେ ଆଣି ପାପଡାହାଣ୍ଡି ସ୍ଥିତ ମୃଗ ବିହାରରେ ରଖାଯାଇଛି । କାବୁ ହୋଇଥିବା ଭାଲୁର ବୟସ ପାଖାପାଖି ୭ ବର୍ଷ ହେବ ବୋଲି ଟିମ ଲିଡର ଏ. ମନୋଜ କହିଛନ୍ତି।

## ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା

# ପାଲଟିଛି ରେଫରାଲ ସେଣ୍ଟର

ନବରଙ୍ଗପୁର,୧୫।୬(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ବିଶେଷଜ୍ଞ ଓ ଡାକ୍ତର ଅଭାବ ରହିଛି। ରୋଗୀ ଚିକିତ୍ସା ପାଇଁ ଆସିଲେ ଡାକ୍ତର ଅଭାବରୁ ଚିକିତ୍ସିତ ହୋଇପାରୁ ନାହାନ୍ତି। ସେମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରି ଦିଆଯାଉଛି। ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାର ଆଇସିୟୁ, ଡାଏଲିସିସ୍ ସେଣ୍ଟର ଓ ଡାକ୍ତରଖାନା ପାଇଁ ମେଡିସିନ ବିଶେଷଜ୍ଞ ନିହାତି ଆବଶ୍ୟକ ପଡିଥାଏ । ଜିଲାରେ ଜଣେ ମଧ୍ୟ ମେଡିସିନ ବିଶେଷଜ୍ଞ ନାହାନ୍ତି। ସେହିଭଳି ଆନାସ୍ଥେସିଆ ସ୍ପେଶିଆଲିଷ୍ଟ କେହି ନାହାନ୍ତି । ତାଲିମ ପ୍ରାପ୍ତ ଜଣେ ଡାକ୍ତରଙ୍କ ଦ୍ୱାରା କାମଚଳା ନିତୀରେ ଚାଲିଛି । ନବରଙ୍ଗପୁର ଜିଲାରେ ୨ ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ରହିଛନ୍ତି। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହୋଇଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ଛୁଟିରେ ରହିଛନ୍ତି। କେବଳ ଜଣେ ସଦର ମହକୁମା ଡାକ୍ତରଖାନାରେ ରହିଛନ୍ତି। ସେହିଭଳି ଆନାସ୍ଥେସିଆ ତାଲିମ ନେଇ ରୋଗୀଙ୍କୁ ଆନାସ୍ଥେସିଆ ଦେଉଥିବା ଡାକ୍ତର ମଧ୍ୟ ଛୁଟିରେ ରହିଛନ୍ତି। ଏଭଳି ସ୍ଥଳେ ଜିଲାର ଯେତେ ସବୁ ଗର୍ଭବତୀ ଡାକ୍ତରଖାନାକୁ ପ୍ରସବ ପାଇଁ ଆସୁଛନ୍ତି ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଇ ଦିଆଯାଉଛି । ଜିଲାରେ ଯେତେ ସବୁ ଡାକ୍ତରଖାନା ରହିଛି ସେଠାରେ ବିଶେଷଜ୍ଞ ଅଭାବ ରହିଥିବାରୁ ସେଠାରୁ ଜିଲା ସଦର ମହକୁମା ଡାକ୍ତରାଖାନାକୁ ରୋଗୀଙ୍କୁ ପଠାଇ ଦିଆଯାଉଛି। ସେଠାରୁ ରୋଗୀଙ୍କୁ କୋରାପୁଟ ପଠାଇ ଦିଆ ଯାଉଛି। ନବରଙ୍ଗପୁର ଜିଲାରେ ସଦର ମହକୁମା ଡାକ୍ତରଖାନା ଏବେ ଏକ ରେଫରାଲ ସେଣ୍ଟର ଭାବେ ବେଶ ପରିଚିତ ହୋଇ ସାରିଲାଣି । ଏନେଇ ଜିଲାପରିଷଦ ବୈଠକରେ ଜିଲାପାଳ ମଧ୍ୟ ବିରକ୍ତ ପ୍ରକାଶ କରିଥିଲେ। ରୋଗୀ କିପରି ସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ । ଅନ୍ୟ ପକ୍ଷେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ମେଡିକାଲ) ମଧ୍ୟ ଛୁଟିରେ ରହିଛନ୍ତି ।

## ଡିଜିଟାଲ ଡିସପେନସାରୀ

# ଦରମାରୁ ବଞ୍ଚିତ କର୍ମଚାରୀ ରୋଗୀଙ୍କୁ ସେବା ଦେବାକୁ ନାରାଜ

ନବରଙ୍ଗପୁର,୧୫।୬(ବି.ପ୍ର.)

ନବରଙ୍ଗପୁର ଜିଲାରେ ରହିଥିବା ୨୫ଟି ଡିଜିଟାଲ ଡିସପେନସାରୀ ମଧ୍ୟରୁ ୨୨ଟି ଡିସପେନସାରୀ କାର୍ଯ୍ୟକାରୀ ହେଉଛି । ତେବେ କାର୍ଯ୍ୟରତ ଫର୍ମାସିଷ୍ଟ, ଏଏନଏମ, ଜିଏନଏମ ଓ ଅଫିସ ଏକ୍ଜିକ୍ୟୁଟିଭମାନେ ଫେବୃୟାରୀ ମାସରୁ ଦରମା ମିଳି ନାହିଁ। ସେଥିପାଇଁ ସେମାନେ ଶନିବାର ଠାରୁ ରୋଗୀ ସେବା ଯୋଗାଇବା ବନ୍ଦ କରିଦେଇଛନ୍ତି । ଗତ ୬ ତାରିଖରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଗ୍ଲୋବାଲ ହେଲ୍ଥ କେୟାର ସର୍ଭିସ ଲିମିଟେଡ ସିଇଓଙ୍କ ସହ ଚୁକ୍ତି ନବୀକରଣ କରିଥିଲେ । ୨୦୧୮ ଜାନୁୟାରୀ ମାସରୁ ଚୁକ୍ତି ଶେଷ ହୋଇ ଯାଇଥିଲା । ତେବେ କର୍ମଚାରୀମାନଙ୍କୁ ଫେବୃୟାରୀ ମାସରୁ ମେ ମାସ ପର୍ଯ୍ୟନ୍ତ ଦରମା ମିଳି ନାହିଁ। ଚୁକ୍ତି ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍ଥ କେୟାର ସର୍ଭିସ ଲିମିଟେଡକୁ ଅନୁଦାନ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ହୋଇ ପାରିନାହିଁ । ଅନ୍ୟ ପକ୍ଷେ ଚୁକ୍ତି ପରେ ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ଦିଆଯାଇ ନାହିଁ । ବ୍ୟାଙ୍କ ଗ୍ୟାରେଣ୍ଟି ନଥାଇ କିଭଳି ଅନୁଦାନ ଯୋଗାଇ ଦିଆଯିବ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦୁର୍ଗମ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାରଙ୍କ ମହତ ଉଦ୍ଦେଶ୍ୟ ଏବେ ଏଭଳି ଅବ୍ୟବସ୍ଥା ମଧ୍ୟରେ ମଉଳି ଯାଉଛି । ଏନେଇ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ସିଡିଏମଓଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ କହିଥିଲି। ତେବେ ସେ ଅନୁଦାନ ପ୍ରଦାନ କରି ନାହାନ୍ତି । ସିଡିଏମଓ ମଧ୍ୟ ଏବେ ଛୁଟିରେ ରହିଛନ୍ତି ।


ପୂଜାର୍ଚ୍ଚନା କରାଯାଉଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୧୫।୬(ଡି.ଏନ.ଏ)

ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରର ୪ର୍ଥ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଏଥିରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ ପୁରୋହୀତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ବରିଷ୍ଠ ପଣ୍ଡିତ ପ୍ରମୋଦ ତ୍ରିପାଠୀ ହୋମ ଆଦି ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଜଗନ୍ନାଥ ମନ୍ଦିର ପରିଚାଳନା ଓ ଉନ୍ନୟନ କମିଟି ଏବଂ ଜନସାଧାରଣଙ୍କ ପ୍ରଚେଷ୍ଟାରେ ସମ୍ପନ୍ନ ହୋଇପାରିଥିଲା। ଉକ୍ତ ସମୟରେ ପାଞ୍ଚଦିନ ବ୍ୟାପୀ ହୋମ ଯଜ୍ଞ ଆଦି ପୂଜାବିଧି ସମ୍ପନ୍ନ କରି ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ରତ୍ନ ସିଂହାସନରେ ଅବସ୍ଥାପନା କରାଯାଇଥିଲା। ତେବେ ଏହି ପ୍ରତିଷ୍ଠା ଦିବସରେ କମିଟିର ସଭାପତି ନରସିଂହନାଥ ତ୍ରିପାଠୀ, ଉପସଭାପତି ଶଶାଙ୍କ ଶେଖର ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ, କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ରାଜେନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମନ୍ଦିର ପୂଜକ ଶେଷଦେବ ବ୍ରହ୍ମା,ଦେବୀ ପ୍ରସାଦ ନାୟକ ଓ ମହାଲକ୍ଷ୍ମୀ ମନ୍ଦିର ପୂଜକ ରବି ଶତପଥି ପ୍ରମୁଖ ସହଯୋଗ କରିଥିଲେ।


DIRECTORATE OF DISTANCE & CONTINUING EDUCATION
FAKIR MOHAN UNIVERSITY
VYASA VIHAR, BALASORE-756019

ADMISSION ANNOUNCEMENT : 2019-20

No: DDCE/FMU/683/2019 Date: 13.06.19

Eligible candidates are invited for direct admission (first-cum-first basis) into the following UGC approved programmes under distance mode for the academic session 2019-20.

Admission Opening Date: 20.06.2019 Closing Date: 31.08.2019

COURSES OFFERED

| Courses | Duration | Eligibility |
|---|---|---|
| UG Programmes | | |
| Bachelor of Copmuter Application (BCA) | 3 years | 10+2 or equivalent |
| Bachelor of Library & Information Science (BLIS) | 1 year | Any Graduate or its equivalent |
| Bachelor of Commerce (B.Com) (Hons.) | 3 years | 10+2 or equivalent |
| B.A. (Education Hons.) | 3 years | 10+2 or equivalent |
| Post-Graduate (PG) Programmes | | |
| Master of Library & Information Science (MLIS) | 1 year | BLIS or its equivalent |
| MA in Odia | 2 years | Graduate with Odia as a subject |
| MA in English | 2 years | Graduate with English as a subject |
| MA in History | 2 years | Graduate with History as a subject |
| MA in Pol. Science | 2 years | Graduate with Pol. Science as a subject |
| MA in Economics | 2 years | Graduate with Economics as a subject |
| MA in Sociology | 2 years | Graduate with Sociology as a subject |
| MA in Education | 2 years | Graduate with Education as a subject /B.Ed |
| Master of Commerce (M.Com) | 2 years | B.Com/BBA/ MBA/CA/CS |
| PG Diploma Programmes | | |
| PG Diploma in Computer Education (PGDCA) | 1 year | Any Graduate |

Admission Procedure :
Visit website at **www.fmuddce.org / www.fmuniversity.nic.in** and click on **"Admission to Distance Mode Programs 2019"** link for detail information. The Candidates can download the application form and prospectus from the website. The filled in application form be submitted in the office of the Director, DDCE with copies of all documents and money receipt of requisite fee paid online for admission into concerned programme. For Online payment visit our website **www.fmuddce.org** → Online Payment.
For details contact : 06782-241840 (Office) Contact Time : 10.30 A.M-5 P.M

*Sd./-*
**DIRECTOR**


# ଦାଦାବଟି ପାଇଁ ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ

ଦିଗପହଣ୍ଡି,୧୫।୬(ଡି.ଏନ.ଏ.)

- ବୋମାମାଡ଼ରୁ ଅଳ୍ପକେ ବର୍ତ୍ତିଲେ
- ବୋମା ଫୁଟି ହାର୍ଡକୋର କ୍ରିମିନାଲ ଚେରୁ ଗୁରୁତର


ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଚେରୁ ।

ଦିଗପହଣ୍ଡି ଥାନା ବଛପଲ୍ଲୀ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁଙ୍କୁ ଦାଦାବଟି ପାଇଁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ବୋମାମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପ୍ରଶାନ୍ତ। ଶୁକ୍ରବାର ରାତି ପ୍ରାୟ ୮ଟାରେ ଚାଞ୍ଚଡ଼ାପଲ୍ଲୀ ଗାଁ ମୁଖ୍ୟ ରାସ୍ତାରେ ପୂର୍ବ ଯୋଜନା ପ୍ରକାରେ ଲାଠୀଗାଁର ହାର୍ଡକୋର କ୍ରିମିନାଲ ଚେରୁ ଓରଫ ଶ୍ୟାମ ସୁନ୍ଦର ଗୌଡ଼ ଓ ତାଙ୍କ ୨ ସହଯୋଗୀ ସରପଞ୍ଚଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ସରପଞ୍ଚଙ୍କ ସହ ସେମାନଙ୍କ ଯୁକ୍ତିତର୍କ ଓ କଥା କଟାକଟି ହେବା ପରେ ତାଙ୍କ ସମର୍ଥକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଚେରୁ ଓ ତାଙ୍କ ସହ ଥିବା ୨ ସହଯୋଗୀଙ୍କୁ ଲୋକେ ଧରିବାକୁ ଗୋଡ଼ାଇଥିଲେ। ଅସାବଧାନତା କାରଣରୁ ଚେରୁ ହାତରେ ଧରିଥିବା ବୋମା ବିସ୍ଫୋରଣ ହେବାରୁ ତାଙ୍କ ଡ଼ାହାଣ ହାତ ପାପୁଲି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚେରୁଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଛି। ସରପଞ୍ଚଙ୍କ ଏତଲାକ୍ରମେ ଦିଗପହଣ୍ଡି ଆଇଆଇସି ଗୌରାଙ୍ଗ ଚରଣ ସାହୁ ମାମଲା ନଂ ୧୦୯/୧୧ ଦଫା ୩୦୭/୩୨୩/୩୪୧/୫୦୬/୩୪ ଆଇପିସି ଏବଂ ବିସ୍ଫୋରକ ସାମଗ୍ରୀ ନିୟନ୍ତ୍ରଣ ଆଇନର ଧାରା ୪ ଓ ୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଚେରୁଙ୍କୁ ପୋଲିସ କର୍ଡନରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କ ୨ ସହଯୋଗୀ ଫେରାର ଥିବା ଆଇଆଇସି କହିଛନ୍ତି। ପୂର୍ବରୁ ମହୁଡ଼ା ବଛପଲ୍ଲୀ ନିକଟ ଏ. ରଘୁନାଥପୁର ଛକରେ ଦାଦାବଟି ଆଦାୟକୁ କେନ୍ଦ୍ରକରି ଦୁଇ ଅସାମାଜିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଜଳଖିଆ ଦୋକାନୀ ସୀମାଞ୍ଚଳ ବେହେରାଙ୍କୁ ଚେରୁଙ୍କ ସହଯୋଗୀ ଶିବ ନାୟକ ଓ ଅରୁଣ ନାୟକ ଦାଦାବଟି ପାଇଁ ମାଡ଼ ମାରି ଗିରଫ ହୋଇ ଜେଲ ଯାଇଥିଲେ। ବୋମାମାଡ଼ ମାମଲାରେ ଫେରାର ଥିବା ଚେରୁଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ୨୦୧୬ ଡିସେମ୍ବରରେ ଗିରଫ କରିଥିଲା ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଦଖଲ ନୋଟିସ୍
[illegible]

| [illegible] | [illegible] | [illegible] | [illegible] | ଦଖଲ ତାରିଖ | [illegible] |
|---|---|---|---|---|---|
| [illegible] | [illegible] | [illegible] | ୨୦.୦୧.୨୦୧୮ | ୧୦.୦୬.୨୦୧୯ | [illegible] |
| [illegible] | [illegible] | [illegible] | ୨୮.୦୩.୨୦୧୯ | ୧୦.୦୬.୨୦୧୯ | [illegible] |

[illegible]


# ବାଇକ ଗଛରେ ପିଟି ଜଣେ ମୃତ

ପାପଡାହାଣ୍ଡି, ୧୫।୬(ଡି.ଏନ.ଏ)

ପାପଡାହାଣ୍ଡି ବ୍ଲକ କୁମ୍ଭାରଗୁଡା ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଗଛରେ ପିଟି ଦେବାରୁ ବାଇକ ଆରୋହୀ ପ୍ରୀତମ ଭତରାଙ୍କ ମୃତ୍ୟୁ ଘଟିଛି। ପ୍ରୀତମ ବାଇକ (ନଂ.ଓଡି-୨୪-୩୯୮୪)ରେ ଖୁଟିଗୁଡ଼ାରୁ ଭଣ୍ଡାରିଗୁଡା ଫେରିବା ବେଳେ ଭାରସାମ୍ୟ ହରାଇ ବାଇକଟି ଗଛକୁ ପିଟି ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । କୋଡ଼ିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି । ମଦ୍ୟପାନ ଯୋଗୁଁ ପିତମଙ୍କ ଦୁର୍ଘଟଣା ହୋଇଥିବା ସନ୍ଦେହ କରାଯାଉଛି।







## ସଂକ୍ଷେପରେ



### ଆରପିଏଫର ଚଢାଉ
## ୨୬ ବସ୍ତା ଖଇନି ଜବତ

**ରାୟଗଡା ଅଫିସ୍, ୧୫।୬:** ରାୟଗଡା ରେଳବାଇ ପୋଲିସ(ଆରପିଏଫ୍) ପକ୍ଷରୁ ଚୋରାଚାଲାଣ ବେଳେ ୨୬ ବସ୍ତା ଖଇନି ଜବତ କରିଛି । ଏଥିରେ ଜଡିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ। ଶୁକ୍ରବାର ରାତିରେ ରାୟଗଡା-ବିଶାଖପାଟଣା ପାସେଞ୍ଜର ଟ୍ରେନ ଯୋଗେ ୨୬ଟି ଖଇନି ବସ୍ତା ବିଶାଖପାଟଣାରୁ ରାୟଗଡା ଆସିଥିଲା । ରେଳବଗିରୁ ଶ୍ରମିକମାନେ ଏହି ଖଇନି ବସ୍ତାଗୁଡିକୁ ଓହ୍ଲାଇ ମାଲ ଗୋଦାମରେ ରଖିଥିଲେ। ପ୍ଲାଟଫର୍ମରେ କାର୍ଯ୍ୟରତ ଆର୍‌ପିଏଫ୍ ପୋଲିସ ପାଟ୍ରୋଲିଂ ବେଳେ ବସ୍ତାଗୁଡିକୁ ଦେଖି ସନ୍ଦେହ କରିଥିଲେ। ମାଲ ଗୋଦାମକୁ ଯାଇ ବସ୍ତାଗୁଡିକ ଯାଞ୍ଚ କରିବା ପରେ ସେଥିରେ ଖଇନି ଥିବା ଜଣାପଡିଥିଲା । ଉକ୍ତ ବସ୍ତାଗୁଡିକରେ କୌଣସି ପ୍ରକାର ସିଲ କିମ୍ବା ବୁକିଂ ଟ୍ୟାଗ ନ ଥିବା ଯାଞ୍ଚ ବେଳେ ଦେଖିବାକୁ ମିଳିଥିଲା । ପୋଲିସ ଖଇନି ବସ୍ତାଗୁଡିକୁ ଜବତ କରି ସିଲକରି ରଖିଛି । ଉକ୍ତ ଖଇନି ବସ୍ତାଗୁଡିକ ବିଶାଖପାଟଣାରୁ ରାୟଗଡା ଦେଇ ଝାଡଖଣ୍ଡର ଟାଟାକୁ ପଠାଯିବା ଯୋଜନା ଥିଲା ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ରାୟଗଡା ରେଳ ଷ୍ଟେଶନ୍, ଆନ୍ଧ୍ରପ୍ରଦେଶ, ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟର ଅତି ନିକଟରେ ରହିଥିବାରୁ ଗୁଟୁଖା ଏବଂ ଖଇନି ଚୋରା ଚାଲାଣର ଏହା ଜଙ୍କସନ ପାଲଟିଛି ।

### ଦିନରେ ଭାରିଯାନ ଚଳାଚଳ ନିଷ୍ପତ୍ତିକୁ ବିରୋଧ
# ଆନ୍ଦୋଳନ ଘୋଷଣା କଲେ ଏମ୍‌ପି

**ରାୟଗଡା ଅଫିସ୍, ୧୫।୬**

ରାୟଗଡା ସହର ମଧ୍ୟଦେଇ ଦିନରେ ଭାରିଯାନ ଚଳାଚଳ ବର୍ତ୍ତମାନ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହୋଇଛି । ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଟ୍ରକ୍ ମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ପରିବହନ ବିଭାଗ ଓ ପୋଲିସ ଏଭଳି ନିଷ୍ପତ୍ତି ନେଇଥିବା ଅଭିଯୋଗ କରିଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା । ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରି ସେ ସହର ମଧ୍ୟରେ ଦିନରେ ଭାରିଯାନ ଚଳାଚଳକୁ ତୀବ୍ର ବିରୋଧ କରିଛନ୍ତି। ଏନେଇ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଗତ ୧୦ରେ ଜିଲା ଟ୍ରାଫିକ୍ ନିୟନ୍ତ୍ରଣ ଓ ସଡକ ସୁରକ୍ଷା ବୈଠକ ହୋଇଥିଲା । ଏହି ବୈଠକରେ ପୂର୍ବରୁ ଦିନ ସମୟରେ ବନ୍ଦ ରହିଥିବା ଭାରିଯାନ ଚଳାଚଳକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା । ଟ୍ରକ୍ ମାଲିକ ସଂଘ ସଭାପତି ତଥା ରାଜ୍ୟସଭା ଏମପି ଏନ୍.ଭାସ୍କର ରାଓଙ୍କ ଚାପରେ ଏଭଳି



ଖବରଦାତା ସମ୍ମିଳନୀରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ସୂଚନା ଦେଉଛନ୍ତି।

ନିଷ୍ପତ୍ତି ନିଆଯାଇଥିବା ଉଲ୍ଲାକା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ରାଓ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ନିଜ ବ୍ୟବସାୟିକ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏପରିକି ଜିଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ ଓ ଏସ୍‌ପି ମଧ୍ୟ ଟ୍ରକ୍ ମାଲିକଙ୍କ ସ୍ୱରରେ ସ୍ୱର ମିଶାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଉଲ୍ଲାକା କହିଛନ୍ତି। ପୂର୍ବତନ ଜିଲାପାଳ ୨ଟି ନୋଟିସ୍‌ରେ ଭାରିଯାନ ଚଳାଚଳକୁ ବନ୍ଦ କରିଥିବା ବେଳେ କେଉଁ ଉଦ୍ଦେଶ୍ୟ ରଖି ବର୍ତ୍ତମାନ ଭାରିଯାନ ଚଳାଚଳ କରିବାକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଉପରୋକ୍ତ ବୈଠକ ସମ୍ପର୍କରେ ଜିଲାର କୌଣସି ଏମପି କିମ୍ବା ବିଧାୟକଙ୍କୁ ସୂଚନା ପ୍ରଦାନ କରାଯାଇନାହିଁ । ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ। ଅପରପକ୍ଷରେ ଜିଲାର ଏମପି, ସମସ୍ତ ବିଧାୟକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ଖବରଦାତାଙ୍କୁ ନେଇ ଏକ ବୈଠକ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଉକ୍ତ ବୈଠକରେ ଯାହା ନିଷ୍କର୍ଷ ବାହାରିବ ତାହା ହିଁ କାର୍ଯ୍ୟକାରୀ ହେବ । ଟ୍ରକ୍ ମାଲିକଙ୍କ ସ୍ୱାର୍ଥ ପାଇଁ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଘଟଣାକୁ କଂଗ୍ରେସ ଦଳ ତୀବ୍ର ନିନ୍ଦା କରୁଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି । ଗତ ୧୫ ବର୍ଷହେବ ଏକ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଦାବି କରାଯାଇଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇନାହାନ୍ତି । ଦିନରେ ସହର ମଧ୍ୟରେ ଟ୍ରକ୍ ଚଳାଚଳ କଲେ ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ଯିବା ମୁସ୍କିଲ ହୋଇପଡିବ । ସମସ୍ୟା ଆମ୍ବାଦୋଳାଠାରୁ ଆରମ୍ଭକରି ମୁନିଗୁଡା, ବିଷମକଟକ, ଥେରୁବାଲି, ଜେକେପୁର ଓ ରାୟଗଡା ପର୍ଯ୍ୟନ୍ତ ଲାଗିରହିବ । ତେଣୁ ଭାରିଯାନ କେବଳ ରାତି ୧୧ରୁ ସକାଳ ୬ଟା ପର୍ଯ୍ୟନ୍ତ ଚଳାଚଳ କରିବାକୁ ପଣ୍ଡା ଦାବି କରିଛନ୍ତି । ସେହିଭଳି ଟ୍ରକଗୁଡିକରେ ଓଭରଲୋଡ ନେଇ ପଣ୍ଡା ପ୍ରଶ୍ନ ଉଠାଇ ଏହାର ତଦନ୍ତ ଦାବି କରିଛନ୍ତି। ମଧ୍ୟ ସେ ଦାବି କରିଛନ୍ତି । ସେ କହିଛନ୍ତି ୨୫ଟନ୍ ଟ୍ରକ୍‌ରେ ୪୦ଟନ୍ ଓ ୪୦ଟନ୍ ଟ୍ରକ୍‌ରେ ୬୦ଟନ୍ ସାମଗ୍ରୀ ପରିବହନ ହେଉଛି । ଭୋରରୁ ପିତାମହଲ ଓ ବିଷ୍ଣୁଗୁଡା ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରକ୍‌ଗୁଡିକ ଅଟକାଇ ଯାଞ୍ଚ ଆଳରେ ଜରିମାନା ଅର୍ଥ ପରିବହନ ବିଭାଗ କର୍ମଚାରୀ ହଡପ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ' ଠାକୁର ଖା ଖିରି,**
**ବାପା ଯାଇଛନ୍ତି ଲଳିତଗିରି ।**

ଭକ୍ତି ରୂପକ ଧନ ହିଁ ପ୍ରକୃତ ଧନ। ଆନ୍ତରିକ ଭକ୍ତିଭାବ ତଥା ପ୍ରାର୍ଥନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ। ଏପରି ଉପରଠାଉରିଆ ପୂଜାରେ ଲାଭ କିଛି ମିଳି ନ ଥାଏ। ଦିଅଁ ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖି ନାହିଁ ଯାହାର,**
**ସାକ୍ଷୀ ନାହିଁ ତାହାର ।**

ଆଖିରେ ଦେଖିଥିବା କଥା କେବେ ଭୁଲ୍ ହୋଇ ନ ଥାଏ। ଆଖି ଦେଖା କଥା ଦୃଢ଼ ପ୍ରମାଣ ହେବା ସହ ଏହାକୁ ସତ ବୋଲି ମାନିନେବାକୁ ସମସ୍ତେ ବାଧ୍ୟ ହୋଇଥାନ୍ତି। ତେବେ ଯାହା ଆଖିରେ ଦେଖାଯାଉ ନ ଥାଏ ବା ଶୁଣାକଥା ହୋଇଥାଏ ତାହା କୌଣସି ପରିସ୍ଥିତିରେ ବିଶ୍ୱାସଯୋଗ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମହିଳା ସଂସ୍କୃତି କ୍ଲବ୍ ପକ୍ଷରୁ ରଜ ଉତ୍ସବ

**ରାୟଗଡା ଅଫିସ୍, ୧୫।୬**

ମହିଳା ସଂସ୍କୃତି କ୍ଲବ୍ ପକ୍ଷରୁ ରଜ ଉତ୍ସବ ପାଳନ ଅବସରରେ ଶୁକ୍ରବାର ପହିଲି ରଜ ଅବସରରେ ମହିଳାଙ୍କ ପାଇଁ ରଜ ସଜବାଜ ଓ ବିଭିନ୍ନ ଖେଳ, ମେହେନ୍ଦି, ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଓ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ସିଆର୍‌ପିଏଫ୍ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ମିତୁ ରୟ, ସ୍ୱାତୀ ଭଞ୍ଜ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ଦାଶ, ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା କ୍ରିଷ୍ଟପ୍ରିୟା ସାହାଣୀ,ନନ୍ଦିତା ମହାନ୍ତି, ଶିକ୍ଷକ ବିଶ୍ୱପ୍ରକାଶ ଦାସ ଓ ଲଳିତା ଜେନ ବିଚାରକ ଭାବେ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିନରେ ଓଡ଼ିଶାର ପାରମ୍ପାରିକ ପିଠାର ଏକ ଷ୍ଟଲ୍ ଖୋଲିଥିଲା। ୨୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ। ରଜର ଶେଷ ଦିନରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କୃତୀ ମହିଳାଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ରୀତାରାଣୀ ମିଶ୍ର ସଂଯୋଜନା କରିଥିଲେ। ସଭାପତି ସୁଜତା ମାଦଳା, ସମ୍ପାଦିକା ମାଳତୀ ଚୌଧୁରୀ, ସ୍ୱପ୍ନାରାଣୀ ରଥ, ବିଜୟଲକ୍ଷ୍ମୀ ମିଶ୍ର ସହଯୋଗ କରିଥିଲେ।



ରାୟଗଡ଼ାରେ ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳା ଓ ଯୁବତୀମାନେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଆତ୍ମଭାବ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ — ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହିଁଥିବା ଭଲପାଉଥିବା, କଳାଯାଦୁ, ଶତ୍ରୁ ମୁକ୍ତି, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା, ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଲୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପଟପ୍
9450268843
9499322173
H. No. 412, Subhash Nagar Jind, Haryana.

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548
08126562722
Add.: Sector-1, Pushp Vihar, Delhi

DHARITRI Career appointment Every Wednesday and Saturday

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ 5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph.No 09598246628
09517415755
9454715754

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ୍ୟ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar
Karol Bagh, New Delhi-5
8986532690, 9117913124

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବେଦାଂଶୀ ଫାଇନାନ୍ସ ପ୍ରା.ଲି.
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

TO LET TO LET

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION
Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ବିନା ପ୍ରତିବାଦରେ ତୁମର ସବୁ କଥା ମାନିଯାଆନ୍ତି, ସେମାନଙ୍କୁ କେବେହେଲେ ବିଶ୍ୱାସ କର ନାହିଁ।
- ଚାଣକ୍ୟ

# ଏମିତି ବି ଆସେ ମୃତ୍ୟୁ ...



ଦାମନଯୋଡ଼ି ଅଞ୍ଚଳର ଭେଜାପୁଟସ୍ଥିତ ବସ୍ତିରେ ଆନନ୍ଦ ଖୋସଲାଙ୍କ ଘରକୁ ଟିପ୍ପର ଚଢ଼ିଯାଇଛି।



ଦୁର୍ଘଟଣାରେ ଖୋସଲା ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ଶୋକାକୁଳ ସାହିବାସିନ୍ଦା।



କ୍ଷତିପୂରଣ ଦାବିରେ ଭେଜାପୁଟ-ମାଥାଲପୁଟ ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରାଯାଇଛି।

## ସଂକ୍ଷେପରେ

### ୧୮ ବର୍ଷ ହେଲା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କୋଲାବବାସୀ

କୋଲାବନଗର,୧୫ା୬(ଡି.ଏନ୍.ଏ.): କୋରାପୁଟ ସଦର ଅନ୍ତର୍ଗତ କୋଲାବ ଯୋଜନା ଅଞ୍ଚଳ ତଥା ଦେବୀଘାଟ ପଞ୍ଚାୟତ, ପେଟା ପଞ୍ଚାୟତ ଓ ବଡ଼କେରେଙ୍ଗା ପଞ୍ଚାୟତର ଜନସାଧାରଣ ୧୮ ବର୍ଷ ହେଲା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଆସୁଛନ୍ତି। ସୂଚନାଯୋଗ୍ୟ କୋଲାବ ନଗରଠାରେ ଭାରତୀୟ ରିଜର୍ଭ ବାଟାଲିୟନ ହସ୍ପିଟାଲ ୨୦୦୦ରୁ ଚାଲିଥିବା ବେଳେ ୨୦୦୫ ନଭେମ୍ବର ମାସରେ ବାଟାଲିୟନ କୋରାପୁଟସ୍ଥିତ ବିଦାଘାଟିକୁ ସ୍ଥାନାନ୍ତର ହୋଇଥିଲା। ଫଳରେ ୨୦ ହଜାର ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ନାନା ଅସୁବିଧା ସହିତ ଜୟପୁର, କୋରାପୁଟ ଓ ବିଶାଖାପାଟଣାକୁ ସ୍ୱାସ୍ଥ୍ୟସେବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ୩ଟି ପଞ୍ଚାୟତର ଆଦିବାସୀ କ୍ୱାକ୍‌ମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନକୁ ବହୁବାର ସମସ୍ୟା ବାବଦରେ ଜଣାଇଥିଲେ ମଧ୍ୟ ଫଳ ଶୂନ ହୋଇଛି। ୨୦୧୭ ଅଗଷ୍ଟରେ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ କୋଲାବନଗର ଗସ୍ତରେ ଆସିଥିଲେ ଓ ସେ ଅଞ୍ଚଳ ପାଇଁ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇ ଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ପ୍ରତିଶ୍ରୁତି ପାଣିର ଗାର ହେଲା। ୨୦୧୭ରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବାକୁ ଆସି ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇ ଯାଇଥିଲେ ମଧ୍ୟ ଫଳଶୂନ୍ୟ। ଲୋକଙ୍କ ପ୍ରଶାସନ ଉପରେ ଭରସା ତୁଟିଗଲାଣି। ଏବେ ବର୍ଷାଋତୁ ଆରମ୍ଭ ହେଲେ ଏହି ଅଞ୍ଚଳରେ ହଇଜା, ମ୍ୟାଲେରିଆରୁ ଆରମ୍ଭ କରି ଡେଙ୍ଗୁ ଓ ଆନ୍ତ୍ରାକ୍ସ ଭଳି ରୋଗ ଏଠାରେ କାୟା ବିସ୍ତାର କରିଥାଏ। ଏପରି ପରିସ୍ଥିତିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲାପାଳ ସମସ୍ୟାର ଆଶୁ ସମାଧାନ ପାଇଁ ଜନସାଧାରଣ ଦାବି କରିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ଦିଗପହଣ୍ଡି, ୧୫ା୬(ଡି.ଏନ.ଏ.)

ଦିଗପହଣ୍ଡି-ତପ୍ତପାଣି ମୁଖ୍ୟରାସ୍ତାର ପୋଡ଼ାମାରି ଗ୍ରାମ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଶନିବାର ସନ୍ଧ୍ୟାରେ ଏକ କାର ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପାଟପୁର ଥାନା ଖଣ୍ଡଦେଉଳି ଗ୍ରାମର ପ୍ରମୋଦ ସେଠୀ। ପ୍ରମୋଦ ବାଇକ୍ ଯୋଗେ ମୋହନା ଯାଉଥିବା ବେଳେ ବିପରୀତ ଦିଗରୁ ବ୍ରହ୍ମପୁର ଆସୁଥିବା ଇଣ୍ଡିଗୋ ତାଙ୍କୁ ଧକ୍କା ଦେଇଥିଲା।

# ସ୍ଥାୟୀ ବେଞ୍ଚ ପାଇଁ ତେଜିଲା ସମ୍ମିଳିତ ସ୍ୱର

## ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବେ ଅବିଭକ୍ତ କୋରାପୁଟର ଏମ୍‌ପି, ବିଧାୟକ

ଜୟପୁର,୧୫ା୬(ଡି.ଏନ୍.ଏ./ନି.ପ୍ର.)



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିବା ଅବିଭକ୍ତ କୋରାପୁଟର ନେତୃବୃନ୍ଦ।

ଜୟପୁରରେ ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ହୋଇଆସୁଥିବା ଦାବିକୁ ସମର୍ଥନ ଜଣାଇଛନ୍ତି ଅବିଭକ୍ତ କୋରାପୁଟର ଏମ୍‌ପି, ମନ୍ତ୍ରୀ ଓ ବିଧାୟକଗଣ। ସେମାନେ ଆଗକୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟି ଏହି ଉପସ୍ଥାପନ କରିବେ। ଜୟପୁରରେ ଜିଲା କୋର୍ଟରେ ଆଇନଜୀବୀ ସଂଘ ସମ୍ମିଳନୀ କକ୍ଷରେ ଶନିବାର ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଓକିଲ ସଂଘକୁନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟିର ସମ୍ବର୍ଦ୍ଧନା ସଭାରେ ଏଭଳି ସମ୍ମିଳିତ ସ୍ୱର ଉଠିଛି।

କ୍ରିୟାନୁଷ୍ଠାନ କମିଟିର ଆବାହକ ରବୀନ୍ଦ୍ର ପାତ୍ରଙ୍କ ଆବାହକତ୍ୱ ଓ ସଭାପତି ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିଲା। ସମ୍ବର୍ଦ୍ଧନା ସଭାକୁ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲାର ୧୪ ଜଣ ବିଧାୟକ ଏବଂ ୨ଜଣ ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ କୋଟପାଡ଼ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ପଦ୍ମିନୀ ଦିଆନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ୨୫ ତାରିଖ ସୁଦ୍ଧା ଲୋକ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବେଞ୍ଚ ଦାବି ଜଣାଇବେ ବୋଲି କହିଥିଲେ। ମନ୍ତ୍ରୀ ଦିଆନ ନିଜ ବକ୍ତବ୍ୟରେ କୋରାପୁଟ ଜିଲାର ଆଦିବାସୀ, ଦଳିତ ଏବଂ ସାଧାରଣ ଲୋକଙ୍କ ସୁବିଧା ପାଇଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଏହି ଜିଲାରେ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ସମସ୍ତ ବିଧାୟକ ଦଳ ମତ ନିର୍ବିଶେଷରେ ଅବିଭକ୍ତ କୋରାପୁଟ ଜିଲାର ମାଟି ପାଇଁ ଏହି ଦାବିକୁ ସମର୍ଥନ ଜଣାଇବାକୁ ବିଧାୟକ ବାହିନୀପତି ଆହ୍ୱାନ ଦେଇଥିଲେ। ବିଧାୟକ ଗଣ୍ଡ, ମାଢ଼ି ଓ ଜାନି ମଧ୍ୟ ଦାବିକୁ ସମର୍ଥନ ଘୋଷଣା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, କୋରାପୁଟ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ପଟ୍ଟାଙ୍ଗି ପ୍ରତିନିଧି ବାଲା ରାୟ, ରବି ପାତ୍ର, ଆଇନଜୀବୀ ଦାଶରଥୀ ପଟ୍ଟନାୟକ, ଶଶାନନ୍ଦ ମିଶ୍ର, ଗିରିଧର ଖରା, ହରିଶ ମୁଦୁଲି, କେ. ଦିବାକର ରାଓ, ଦିବାକର ଗୌଡ଼ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅବିଭକ୍ତ କୋରାପୁଟ ଜିଲାରେ ସ୍ଥାୟୀ ବେଞ୍ଚ ଦାବି ନେଇ ୮ ମାସ ହେଲା କୋର୍ଟ ବର୍ଜନ, କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଫଳରେ ଅଦାଲତରେ ବିଭିନ୍ନ ମାମଲା ରହିଥିବା ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଆଗାମୀ ୩୦ ତାରିଖ ସୁଦ୍ଧା ଆନ୍ଦୋଳନ ଚାଲିବ।

## ■ ନଗର କଂଗ୍ରେସ ସଭାପତିଙ୍କ ପ୍ରେସ୍ ଇସ୍ତାହାର

# 'ବିଜେଡି ନିଜ ଲୋକଙ୍କୁ ପୁଣି ଦଳରେ ମିଶାଉଛି'

ଜୟପୁର,୧୫ା୬(ନି.ପ୍ର.)

ଜୟପୁରରେ ଶୁକ୍ରବାର ମିଶ୍ରଣ ପର୍ବ ଆୟୋଜନ କରି କଂଗ୍ରେସର ଅଶୋକ ମିଶ୍ର, ପ୍ରମୋଦ ଦାଶ ଓ ବାଲାଜୀ ପଣ୍ଡାଙ୍କୁ ନିଜ ଦଳରେ ମିଶାଇଥିବା ବିଜେଡି ସୂଚନା ଦେଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ପ୍ରେସ ଇସ୍ତାହାର ଜରିଆରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଉପରୋକ୍ତ ତିନି ଜଣ କେବେ ମଧ୍ୟ କଂଗ୍ରେସର ସଭ୍ୟ ନଥିଲେ କି କଂଗ୍ରେସ ସହ ସାମିଲ ହୋଇ ନଥିଲେ। ବହୁ ପୂର୍ବରୁ ସେମାନେ ବିଜେଡି ପାଇଁ କାମ କରୁଥିଲେ। ଗତ ନିର୍ବାଚନ ସମୟରେ ମଧ୍ୟ ବିଜେଡି ପକ୍ଷରୁ ପ୍ରଚାର କାର୍ଯ୍ୟରେ ସେମାନେ ନିୟୋଜିତ ଥିଲେ। ସେହି ୩ ଜଣ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିବା ଖବର ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅଟେ ବୋଲି ନରେନ୍ଦ୍ର କହିଛନ୍ତି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟର ମାସେ ନ ପୂରୁଣୁ ଏ ପ୍ରକାର ବିଭ୍ରାନ୍ତିକର ଖବର ପ୍ରଚାର କରି ଲୋକଙ୍କୁ ପ୍ରଭାବିତ କରିବାର ପ୍ରଚେଷ୍ଟା କେବେ ବି ସଫଳ ହେବନାହିଁ। ଏହା ଏକ ହୀନ ରାଜନୀତି ଏବଂ ବିଜେଡି ନିଜ ଲୋକଙ୍କୁ ପୁଣି ନିଜ ଦଳରେ ସାମିଲ କରିବା ଏକ ଆଦର୍ଶହୀନ ଚକ୍ରାନ୍ତ ଯାହା ବିଜେଡି ସୁପ୍ରିମୋଙ୍କୁ ମିଥ୍ୟା ଖବର ଦେଇ ସନ୍ତୁଷ୍ଟ କରିବା ପାଇଁ ହୋଇଥିବା ନରେନ୍ଦ୍ର କହିଛନ୍ତି।

# ସତ୍‌ସଙ୍ଗ ବିହାରରେ ଜମିଲା ରଜ



ସତ୍‌ସଙ୍ଗ ବିହାରରେ ଦୋଳିର ମଜା ନେଉଛନ୍ତି କୁମାରୀ ଓ ବାଳିକା।

ଜୟପୁର,୧୫ା୬(ନି.ପ୍ର.)

ଜୟପୁର ସହରର ଗଛରେ ଏବେ ରଜଦୋଳିର ମଜା ନେଉଛନ୍ତି ବାଳିକା ଓ ତରୁଣୀ। ଡଙ୍ଗାଗୁଡ଼ାସ୍ଥିତ ସତ୍‌ସଙ୍ଗ ବିହାରରେ ରଜ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ନାନୀ ସଦନ ତରଫରୁ ଆୟୋଜିତ ଏହି ରଜ ମଉଜରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା।

## ■ ପଶ୍ଚିମବଙ୍ଗ ଡାକ୍ତରଙ୍କୁ ଆକ୍ରମଣର ପ୍ରତିବାଦ

# କଳାବ୍ୟାଜ୍ ପିନ୍ଧି ଧାରଣା ଦେଲେ ଡାକ୍ତର

ଜୟପୁର,୧୫ା୬(ଡି.ଏନ୍.ଏ.)



ଜିଲା ଚିକିତ୍ସାଳୟ ଆଗରେ କଳାବ୍ୟାଜ ପିନ୍ଧି ଧାରଣାରେ ଡାକ୍ତର।

କଲିକତାରେ ଡାକ୍ତରଙ୍କ ଉପରେ ଆକ୍ରମଣକୁ ବିରୋଧ କରି ଜୟପୁର ଜିଲା ଚିକିତ୍ସାଳୟରେ ଡାକ୍ତରମାନେ ଶନିବାର କଳାବ୍ୟାଜ୍ ପିନ୍ଧି ଧାରଣା ଦେଇଛନ୍ତି। ସିଡିଏମ୍‌ଓ ଡା. ଦଧିବାମନ ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତେ ଏହି ଧାରଣାରେ ସାମିଲ ହୋଇଥିଲେ। ଚିକିତ୍ସାଳୟରେ ରୋଗୀସେବା ଓ ପରିଚାଳନା ସହ ସେମାନେ ଡାକ୍ତରମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି ଜଣାଇଥିଲେ। ଅଖିଳ ଭାରତୀୟ ମେଡିକାଲ ଡାକ୍ତର ସଂଘର ଆହ୍ୱାନକୁ ସମର୍ଥନ ଜଣାଇ ରାଜ୍ୟ ମେଡିକାଲ ଡାକ୍ତର ସଂଘ ରାଜ୍ୟବ୍ୟାପୀ ପ୍ରତିବାଦ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଶନିବାର ଏହି ପ୍ରତିବାଦ ଧାରଣାରେ ଜିଲା ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡା. କାଳୀପ୍ରସାଦ ବେହେରା, ଡା. ବି.ବି. ଜେନା, ଡା. ଅରବିନ୍ଦ ନନ୍ଦି, ଡା.ଐଶ୍ୱର୍ଯ୍ୟ ପୃଷ୍ଟି, ଡା. ବାଲି ଜୟାବାବୁ, ଡା. ଗୋପାଳକୃଷ୍ଣ ସାହୁ, ଡା. ଗଙ୍ଗାଧର ବେହେରା, ଡା. ଏସ୍.ଏସ୍. ମିଶ୍ର, ଡା. ଦେବୀଦତ୍ତ ମିଶ୍ର, ଡା. ନିରଞ୍ଜନ ପାତ୍ର ଉପସ୍ଥିତ ଥିଲେ।

# ହିନ୍ଦୁ ସାମ୍ରାଜ୍ୟ ଦିବସରେ ଶୋଭାଯାତ୍ରା

କୋରାପୁଟ,୧୫ା୬(ସ୍ୱ.ପ୍ର.)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶନିବାର କୋରାପୁଟରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ ହୋଇଛି। ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ଅର୍ଥାତ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକ ଅବସରରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ ହୋଇଆସୁଛି। ସଂଘର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହେବା ସହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଧ୍ୱଜାରୋପଣ ଓ ବୌଦ୍ଧିକ କାର୍ଯ୍ୟକ୍ରମ କରାଯାଇଛି। ସଂଘର ଜିଲା କାର୍ଯ୍ୟବାହକ ସନ୍‌ସାଇ ଗାଦବା ଓ ସ୍ୱୟଂସେବକ ଦେବୀ ପ୍ରସାଦ କରଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ୫ଶହରୁ ଅଧିକ ସେବକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଅଣ୍ଡର-୨୩ କ୍ରିକେଟର ସ୍ୱସ୍ତିକ ସାମଲଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୫ା୬(ସ୍ୱ.ପ୍ର.)

ଓଡ଼ିଶା ଅଣ୍ଡର-୨୩ ଦଳରେ ଖେଳି କୋରାପୁଟ ପାଇଁ ସୁନାମ ଆଣିଥିବା ସ୍ୱସ୍ତିକ ସାମଲଙ୍କୁ କୋରାପୁଟଠାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର କୋରାପୁଟ ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱସ୍ତିକଙ୍କ ବାପା ପିୟୂଷ ପ୍ରକାଶ ସାମଲ ଓ ମଧୁସ୍ମିତା ସାମଲ କୋରାପୁଟରେ ରହୁଛନ୍ତି।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଫୁଟବଲ ଖେଳାଳିମାନେ।

କୋରାପୁଟ,୧୫ା୬(ସ୍ୱ.ପ୍ର.)

ସ୍ଥାନୀୟ ଆଲିସାନ ହୋଟେଲରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ପୁରୁଣା ଫୁଟବଲ ଖେଳାଳିମାନଙ୍କୁ ନେଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। କୋରାପୁଟରେ ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ସେମାନେ ନିଜ ପୁରୁଣା ସ୍ମୃତି ରୋମନ୍ଥନ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ସରକାରୀ ମହାବିଦ୍ୟାଳୟରୁ ଅବସର ନେଇଥିବା ଖେଳ ଶିକ୍ଷକ ଏମ୍.ଏ. ସରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ଛାତ୍ର ସନ୍ଦୀପ ପଟ୍ଟନାୟକ ସନ୍ତୋଷ ଟ୍ରଫିରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ଗିରିଜା ଶଙ୍କର ନାୟକ, ମୋହିତ କୁମାର, ସନ୍ତୋଷ ନାୟକ, ଶ୍ରୀନିବାସ ରାଓ, ଗୁପ୍ତେଶ୍ୱର ସାହୁ, କାମାକ୍ଷାପ୍ରସାଦ ମାଝି, ପ୍ରଶାନ୍ତ କୁମାର ମୁଳି ଉପସ୍ଥିତ ଥିଲେ।

# ମଣ୍ଡିରୁ ଧାନ ଉଠୁନି, ଚାଷୀ ଅସନ୍ତୁଷ୍ଟ

ଜୟପୁର,୧୫ା୬(ଡି.ଏନ୍.ଏ.)

ଜୟପୁର ବ୍ଲକର ବଡ଼ଜିଉନା ରବିଧାନ ମଣ୍ଡିରେ ଶନିବାର ଧାନ କିଣାଯାଇପାରି ନାହିଁ। ପୂର୍ବାହ୍ନରେ ୫ ହଜାର ଧାନ ଉଠିବା ନେଇ ମଣ୍ଡିରେ ସୂଚୀ ମରାଯାଇଥିଲା। କିନ୍ତୁ ସନ୍ଧ୍ୟା ସୁଦ୍ଧା କୌଣସି ରବିଧାନ ଉଠି ନ ଥିବା ଯୋଗୁ ଚାଷୀମାନେ କ୍ଷୁବ୍ଧ ହେବା ସହ ଏନେଇ ଅଭିଯୋଗ କରିଛନ୍ତି। ସେମାନେ ଯୋଗାଣ ବିଭାଗ ଅଧିକାରୀ ଏବଂ କ୍ରୟକାରୀ ସଂସ୍ଥାକୁ ଯୋଗାଯୋଗ କରିଥିଲେ। କଷ୍ଟମ ମିଲିଂ ପାଇଁ ଯେଉଁ ମିଲ ମାଲିକଙ୍କୁ ନିର୍ଦ୍ଦେଶ ହୋଇଥିଲା, ସେମାନେ ଆସି ନଥିବା ଯୋଗୁ ଏଭଳି ସମସ୍ୟା ହୋଇଥିବା ଚାଷୀ କହିଛନ୍ତି। ଚାଷୀ ଚନ୍ଦ୍ରଶେଖର ପାଢ଼ୀ ଗାଡ଼ିରେ ଦେଢ଼ କୁଇଣ୍ଟାଲ ଧାନ ମଣ୍ଡିକୁ ଆଣିଥିଲେ କିନ୍ତୁ ତାଙ୍କର ଧାନ କିଣାଯାଇ ନଥିବାରୁ ସନ୍ଧ୍ୟା ସୁଦ୍ଧା ଅପେକ୍ଷା କରିଥିବା ଅଭିଯୋଗ କରିଛନ୍ତି। କଷ୍ଟମ ମିଲିଂ ପାଇଁ କିଣାଯାଇଥିବା ରବିଧାନ ବଲାଙ୍ଗିରରୁ ପରିବହନ କରାଯିବା ଲାଗି ଟ୍ରକ୍‌ର ଅଭାବ ଯୋଗୁ ଏହିପରି ସମସ୍ୟା ହେଉଥିବା ଯୋଗାଣ ବିଭାଗ ଏବଂ କ୍ରୟକାରୀ ସଂସ୍ଥା କହିଛି। ଟ୍ରକ ମାଲିକ ସଂଘର ସଭାପତି ମୁନା ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସଂଘ ପକ୍ଷରୁ ଧାନ ପରିବହନ ପାଇଁ ୪୫୦ଟି ଟ୍ରକ୍ ଦିଆଯାଇଛି। କିନ୍ତୁ ବଲାଙ୍ଗିରରେ ଅନଲୋଡ଼ିଂ ପାଇଁ ମିଲଗୁଡ଼ିକରେ ୩ରୁ ୪ ଦିନ ବିଳମ୍ବ ହେଉଥିବା ଯୋଗୁ ଏହି ଅସୁବିଧା ଉପୁଜୁଛି। ବର୍ତ୍ତମାନ ସଂଘର ପ୍ରାୟ ୧୫୦ଟି ଟ୍ରକ୍ ବଲାଙ୍ଗିରରେ ଅନଲୋଡ଼ିଂ ଅପେକ୍ଷାରେ ଅଟକି ରହିଛି। ଶନିବାର ସଂଘ ୬୦ ଗାଡ଼ି ଧାନ ପରିବହନ ପାଇଁ ଦେଇଛି।

## ■ କଷ୍ଟମ ମିଲିଂ ପାଇଁ ବଲାଙ୍ଗୀର ଯାଉଥିଲା ଧାନଟ୍ରକ୍

# ୭ ଟ୍ରକ୍‌ର କାଚ ଭାଙ୍ଗିଲେ, ଚାଳକଙ୍କୁ ମାଡ଼

ଜୟପୁର,୧୫ା୬(ଡି.ଏନ୍.ଏ.)

କୋରାପୁଟରୁ ରବିଧାନ କିଣାଯାଇ ବଲାଙ୍ଗିର ଜିଲା କଣ୍ଟାବାଞ୍ଜିର ଏକ ମିଲ୍‌କୁ କଷ୍ଟମ ମିଲିଂ ପାଇଁ ଯାଉଥିବା ଟ୍ରକ୍ ଉପରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ସେମାନେ ୭ଟି ଟ୍ରକ୍‌ର କାଚ ଭାଙ୍ଗି ଦେଇଥିବା ବେଳେ ଦୁଇଜଣ ଡ୍ରାଇଭରଙ୍କୁ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଛନ୍ତି। ଏନେଇ ଜୟପୁର ଟ୍ରକ ମାଲିକ ସଂଘ କଣ୍ଟାବାଞ୍ଜି ଥାନାରେ ଲିଖିତ ଏତଲା ଦେଇଛି। ସେହିପରି ଜିଲା ପ୍ରଶାସନ ଓ ପୋଲିସକୁ ମଧ୍ୟ ଅବଗତ କରାଯାଇ ସୁରକ୍ଷା ଦାବି କରାଯାଇଛି। ଜୟପୁର ଟ୍ରକ ମାଲିକ ସଂଘ ସଭାପତି ମୁନା ନାୟକଙ୍କ ସୂଚନା ଅନୁଯାୟୀ ତିନିଦିନ ତଳେ ଜିଲାର ବିଭିନ୍ନ ମଣ୍ଡିରୁ କିଣାଯାଇଥିବା ଧାନ ଟ୍ରକ୍ ଯୋଗେ ବଲାଙ୍ଗିର ଜିଲାର ବିଭିନ୍ନ ମିଲକୁ କଷ୍ଟମ ମିଲିଂ ପାଇଁ ଯାଇଥିଲା। ସେହି ଟ୍ରକ୍ ସବୁ କଣ୍ଟାବାଞ୍ଜି ସ୍ଥିତ ଏକ ମିଲ୍‌ରେ ଅନଲୋଡ଼ିଂ ପାଇଁ ବାହାରେ ଅପେକ୍ଷା କରିଥିଲା। ବିଳମ୍ବିତ ରାତିରେ ଅଟୋ ଓ ବୋଲେରୋରେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଟ୍ରକ୍‌ଗୁଡ଼ିକର କାଚ ଭାଙ୍ଗିବା ଆରମ୍ଭ କରିଥିଲେ। ଶୋଇଥିବା ଡ୍ରାଇଭର ଓ ହେଲପର ଏହାର ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଦୁଇଟି ଟ୍ରକର ଡ୍ରାଇଭର ଆହତ ହୋଇଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୧୬ ଜୁନ୍, ୨୦୧୯



# ଆଉଟ୍‌ଫିଟ୍ କଲର ଆଉ ମୁଡ୍

ମଣିଷର ମୁଡ୍ ବିଭିନ୍ନ କାରଣକୁ ନେଇ ପ୍ରଭାବିତ ହୋଇଥାଏ। ଯେଉଁଥିରୁ ବାଦ୍ ପଡିନି ରଙ୍ଗ। ଅର୍ଥାତ୍ ନିଜ ଆଉଟ୍‌ଫିଟ୍ ରଙ୍ଗର ମଧ୍ୟ ମୁଡ୍ ଉପରେ ବିଶେଷ ପ୍ରଭାବ ପଡିଥାଏ। ଆସନ୍ତୁ ଜାଣିବା ଏ ସମ୍ପର୍କରେ...



**ରେଡ୍:** ଏହି ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ଆତ୍ମବିଶ୍ୱାସ ବଢିଥାଏ। ତା' ଛଡା ଏହି ରଙ୍ଗ ସାଧାରଣତଃ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ତେଣୁ କୌଣସି ବିଶେଷ ଅବସରରେ କିମ୍ବା ଅନ୍ୟ ସମୟରେ ଯଦି ଆପଣ ନିଜକୁ ହାଇଲାଇଟ୍ କରିବାକୁ ଚାହାନ୍ତି ତେବେ ରେଡ୍ କଲର ଡ୍ରେସ୍ ବାଛନ୍ତୁ।

**ଅରେଞ୍ଜ:** ଲାଲ୍ ଭଳି ଏହି ରଙ୍ଗ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥାଏ। ଏହି ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ମୁଡ୍ ପଜିଟିଭ୍ ଏବଂ ଏନର୍ଜେଟିକ ରହିଥାଏ। ହେଲେ ଏହି ରଙ୍ଗ ସବୁ ସ୍କିନ୍ ଟୋନ୍‌କୁ ମ୍ୟାଚ୍ କରି ନ ଥାଏ। ତେଣୁ ଅରେଞ୍ଜ ଆଉଟ୍‌ଫିଟ୍ ବାଛିବା ବେଳେ ନିଜ୍ ସ୍କିନ୍ ଟୋନ୍ ପ୍ରତି ଧ୍ୟାନ ଦିଅନ୍ତୁ।

**ୟେଲୋ:** ବୋର୍, ମାନ୍ଦା ବା ଅଳସୁଆ ଲାଗୁଥିଲେ ହଳଦିଆ ରଙ୍ଗ ପୋଷାକ ପିନ୍ଧିବା ଦ୍ୱାରା ଏହା ମୁଡ୍ ଫ୍ରେଶ୍ କରିବାରେ ସାହାଯ୍ୟ କରେ। ତା'ଛଡା ଏହି ରଙ୍ଗ ପିନ୍ଧି ପରୀକ୍ଷା କିମ୍ବା ଇଣ୍ଟରଭ୍ୟୁକୁ ଗଲେ କନ୍‌ଫିଡେନ୍ସ ବଢିଥାଏ।

**ଗ୍ରୀନ୍:** ଏହି ରଙ୍ଗର ଆଉଟ୍‌ଫିଟ୍ ସାଧାରଣତଃ ଏକ ନିଶ୍ଚଳ ଓ ସ୍ଥିର ମାନସିକତା ପ୍ରଦାନ କରିଥାଏ। ଏହାକୁ ପିନ୍ଧିବା ଦ୍ୱାରା କୌଣସି ପ୍ରକାର ଷ୍ଟ୍ରେସ୍ ଥିଲେ ତାହା ଦୂର ହୋଇ ରିଲାକ୍ସ ଲାଗିଥାଏ।

**ବ୍ଲୁ:** ମନକୁ ଶାନ୍ତ ଏବଂ ସ୍ଥିର ରଖିବାରେ ଏହି ରଙ୍ଗର ପୋଷାକ ମଧ୍ୟ କାମରେ ଆସିଥାଏ। ଏକ ସଫା ବ୍ଲୁ ରଙ୍ଗ ପୋଷାକ ପିନ୍ଧିବା ଦ୍ୱାରା ମନ ଚିନ୍ତାମୁକ୍ତ ଲାଗିବା ସହ ଅଧିକ ରଚନାତ୍ମକ ଭାବନା ବୃଦ୍ଧି ପାଇଥାଏ।

> ସାଧାରଣତଃ ଆଉଟ୍‌ଫିଟ୍‌ର ରଙ୍ଗ ସୁନ୍ଦର ହୋଇଥିଲେ ତାହା ପର୍ସନାଲିଟିକୁ ଆହୁରି ଆକର୍ଷଣୀୟ କରିଥାଏ। ତେବେ ଏହା କେବଳ ଲୁକ୍ ନୁହେଁ ମୁଡ୍‌କୁ ମଧ୍ୟ ପ୍ରଭାବିତ କରିଥାଏ...



**ପର୍‌ପଲ୍:** ଏହି ରଙ୍ଗର ଆଉଟ୍‌ଫିଟ୍ ଏକ ବିଳାସପୂର୍ଣ୍ଣ ମନୋଭାବ ସୃଷ୍ଟି କରିଥାଏ। କୌଣସି ପ୍ରକାର ଦ୍ୱନ୍ଦ୍ୱରେ ଥିଲେ ଏହି ରଙ୍ଗର ଆଉଟଫିଟ୍ ପିନ୍ଧିବା ଦ୍ୱାରା ମନକୁ ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ ଏହି ରଙ୍ଗ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥାଏ।

**ପିଙ୍କ୍:** ଏମିତିରେ ପିଙ୍କ୍ ଅଧିକାଂଶ ଝିଅଙ୍କର ଫେଭରେଟ୍ କଲର। ଏହାକୁ ପିନ୍ଧିବା ଦ୍ୱାରା ମନ ଖୁସି ଏବଂ ଶାନ୍ତ ରହିଥାଏ। ତା' ଛଡା ମୁଡ୍‌କୁ ରୋମାଣ୍ଟିକ କରିବାରେ ବି ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ କନ୍ଫିଡେନ୍ସ ଲେଭଲ୍ ବଢାଇବାରେ ବି ଏହି ରଙ୍ଗ ବେଶ୍ କାମରେ ଆସିଥାଏ।

**ହ୍ୱାଇଟ୍:** ଏହି ରଙ୍ଗର ପୋଷାକ ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ଏହା ଏକ ପରିଷ୍କାର, ଶାନ୍ତ ଏବଂ ସରଳ ମାନସିକତା ସୃଷ୍ଟି କରିଥାଏ। ଏହା ମଧ୍ୟ କଳାତ୍ମକ ଭାବନା ସୃଷ୍ଟି କରିବା ସହ ପ୍ରତ୍ୟେକ କାର୍ଯ୍ୟକୁ ନିଜର ଭାବେ କରିବାର ସାହସ ଯୋଗାଇଥାଏ। ଏହା ପ୍ରତ୍ୟେକ ସ୍କିନ୍‌ଟୋନ୍‌କୁ ଭଲ ଲାଗିବା ସହ ଯେକୌଣସି କଲର ସହିତ ମିକ୍ସ ମ୍ୟାଚ୍ କରି ହେଉଥିବାରୁ ନିଜକୁ ସର୍ବସମ୍ମୁଖରେ ସ୍ମାର୍ଟ ତଥା ପ୍ରେଜେଣ୍ଟେବଲ୍ ଲାଗିଥାଏ।

**ବ୍ଲାକ୍:** ଏହା ଏମିତି ଏକ ରଙ୍ଗ ଯାହା ସମସ୍ତଙ୍କ ପର୍ସନାଲିଟିକୁ ସୁଟ୍ କରିଥାଏ। ଏହି ରଙ୍ଗର ଆଉଟ୍‌ଫିଟ୍ ବ୍ୟବହାର କରିବା ଦ୍ୱାରା ଦାୟିତ୍ୱବୋଧ, ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ।



## କ'ଣ କୁହନ୍ତି ଏମାନେ...



"ଆଉଟ୍‌ଫିଟ୍ ରଙ୍ଗର ମୁଡ୍ ଉପରେ ପ୍ରଭାବ ରହିଥାଏ ନିଶ୍ଚୟ। କାରଣ ଯଦି କେବେ କୌଣସି ଡ୍ରେସ୍‌ର କଲର ଶରୀରକୁ ନ ମାନେ କିମ୍ବା କେହି ଏନେଇ କିଛି ନେଗେଟିଭ୍ କମେଣ୍ଟ ଦେଇଦିଅନ୍ତି ତେବେ ମନ ଊଣା ହୋଇଯାଏ ଏବଂ କନ୍‌ଫିଡେନ୍ସ ଲେଭଲ୍ କମିଯାଏ। ହେଲେ ଯଦି ଆଉଟ୍‌ଫିଟ୍‌ର କଲର ନିଜକୁ ପସନ୍ଦ ଥାଏ ତେବେ ମନ ଖୁସି ରହିବା ସହ ଆତ୍ମବିଶ୍ୱାସ ବୃଦ୍ଧି ପାଉଥିବା ନିଜେ ଅନୁଭବ କରିଛି। ଯଦିଓ ପ୍ରତ୍ୟେକ ରଙ୍ଗ ମୋତେ ଭଲ ଲାଗେ ହେଲେ ଆଉଟ୍‌ଫିଟ୍‌ରେ ବ୍ଲାକ୍ ଏବଂ ବ୍ଲୁ ପିନ୍ଧିଲେ ମୁଡ୍ ଫ୍ରେସ୍ ରହିଥାଏ।

- ପ୍ରଜ୍ଞା ପାରମିତା ସେନାପତି (ଛାତ୍ରୀ, କଟକ)



"ସ୍ଥାନ କାଳ ଦେଖି ନିଜ ଆଉଟ୍‌ଫିଟ୍ ସିଲେକ୍ସନ କରିବାରେ ମୁଁ ଆଦୌ ଅବହେଳା କରେନି। କାରଣ ଏହାର ଯଥେଷ୍ଟ ପ୍ରଭାବ ପଡିଥାଏ ମୁଡ୍ ଉପରେ। ଯେମିତି କୌଣସି ଇଣ୍ଟରଭ୍ୟୁ ଲାଗି ମୁଁ ଲାଇଟ୍ କିମ୍ବା ସିଙ୍ଗଲ୍ କଲର ଫର୍ମାଲ, ମ୍ୟାରେଜ କିମ୍ବା ଅନ୍ୟ ପାର୍ଟି ଲାଗି ଡିପ୍ କଲର ଏବଂ ସାଙ୍ଗସାଥୀଙ୍କ ସହ ବୁଲାବୁଲି ବେଳେ ପ୍ରିଣ୍ଟେଡ୍, ଷ୍ଟ୍ରାଇପ୍ ଭଳି କାଜୁଆଲ ଆଉଟ୍‌ଫିଟ୍ ବାଛିଥାଏ। ନଚେତ୍ ଏହି ସାମାନ୍ୟ କାରଣ ଲାଗି ଏକାଗ୍ରତା ଭଙ୍ଗ ହୋଇଥାଏ।

- ଅମରେନ୍ଦ୍ର ପ୍ରସାଦ ଦାଶ (କର୍ମଜୀବୀ, ଭୁବନେଶ୍ୱର)

## ଏ ସପ୍ତାହର ପ୍ରଶ୍ନ

୧– ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଥିବା ପ୍ରଥମ ଏସୀୟ ଦେଶ ........ ?
୨– ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ ଡେ' ୨୦୧୯ର ଥିମ୍............. ?
୩– କ୍ରିକେଟ୍ ୱାର୍ଲ୍ଡ କପ୍: 'ଦି ଇଣ୍ଡିଆନ୍ ଚ୍ୟାଲେଞ୍ଜ' ପୁସ୍ତକର ଲେଖକ............ ?
୪– ହକ୍ ଜେଟ୍ ଉଡାଇଥିବା ପ୍ରଥମ ମହିଳା ଫାଇଟର ପାଇଲଟ୍.......... ?
୫– ଏଲେଫାସ୍ ମ୍ୟାକ୍ସିମସ ..................ର ବୈଜ୍ଞାନିକଙ୍କ ନାମ ?

## ଗତ ଥରର ଉତ୍ତର

୧ ସାବା ନାକ୍ୱି
୨ ଇଥିଓପିଆ
୩ ନର୍ଥ ଆଟଲାଣ୍ଟିକ୍ ଟ୍ରିଟୀ ଅର୍ଗାନାଇଜେଶନ
୪ କେ. ଏସ୍. ରାଧାକ୍ରିଷ୍ଣନ୍
୫ ରାକେଶ ଶର୍ମା

## ଉତ୍ତର ଦାତା


ଓମ୍ ପ୍ରକାଶ ସାହୁ, କଟକ


ଅର୍ପିତା ରଣା, ବରଗଡ


ରାଜେଶ କୁମାର ଦାସ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ଟେନ୍

### ପୃଥିବୀର ସବୁଠୁ ବ୍ୟୟବହୁଳ ବିଦ୍ୟାଳୟ

୧– ଇନ୍‌ଷ୍ଟିଚ୍ୟୁଟ୍ ଲେ ରୋଜୀ, ରୋଲେ, ସ୍ୱିଜରଲାଣ୍ଡ୍... ୯୯,୫୬୬ ଡଲାର (ବାର୍ଷିକ)
୨– କଲେଜ ଆଲପାଇନ୍ ଇଣ୍ଟରନ୍ୟାଶନାଲ ବ୍ୟୁ ସୋଲେଇଲ୍, ସ୍ୱିଜରଲାଣ୍ଡ୍... ୯୩,୧୫୮ ଡଲାର (ବାର୍ଷିକ)
୩– ସେଣ୍ଟ ଆଲ୍‌ବାନ୍ସ ସ୍କୁଲ୍, ୱାଶିଂଟନ୍ ଡି.ସି.... ୫୪,୧୫୧ ଡଲାର (ବାର୍ଷିକ)
୪– ଉଡ୍‌ସାଇଡ୍ ପ୍ରାଇଓରୀ ସ୍କୁଲ୍, ପର୍ଟୋଲା ଭ୍ୟାଲୀ, କାଲିଫର୍ନିଆ... ୫୩,୯୨୫ ଡଲାର (ବାର୍ଷିକ)
୫– ଆପଲ୍‌ବାଏ କଲେଜ, ଓକ୍‌ଭିଲ୍ଲେ, ଅଣ୍ଟାରିଓ... ୫୩,୯୧୧ ଡଲାର (ବାର୍ଷିକ)
୬– ଇଡିଲ୍‌ୱିଲ୍ଡ ଆର୍ଟ୍ସ ଏକାଡେମୀ, ଇଡିଲ୍‌ୱିଲ୍ଡ, କାଲିଫର୍ନିଆ... ୫୩,୬୦୦ ଡଲାର (ବାର୍ଷିକ)
୭– ଡାନା ହଲ୍ ସ୍କୁଲ, ୱେଲ୍ସଲି, ମାସାଚ୍ୟୁସେଟ୍ସ... ୫୩.୨୧୧ ଡଲାର (ବାର୍ଷିକ)
୮– ସାଲ୍ସ୍‌ବରୀ ସ୍କୁଲ, ସାଲିସ୍‌ବରୀ, କନେକ୍ଟିକଟ୍... ୫୩, ୦୧୫ ଡଲାର (ବାର୍ଷିକ)
୯– ସ୍ୟାଣ୍ଡି ସ୍ପ୍ରିଙ୍ଗ୍ ଫ୍ରେଣ୍ଡ୍ସ ସ୍କୁଲ୍, ସ୍ୟାଣ୍ଡି ସ୍ପ୍ରିଙ୍ଗ୍, ମେରିଲାଣ୍ଡ୍... ୫୨, ୮୫୦ ଡଲାର (ବାର୍ଷିକ)
୧୦– ପର୍ନେଲ୍ ସ୍କୁଲ୍, ପୋଟର୍ସଭିଲ୍ଲେ, ନ୍ୟୁ ଜର୍ସି... ୫୨,୮୦୦ ଡଲାର(ବାର୍ଷିକ)


ଇନ୍‌ଷ୍ଟିଚ୍ୟୁଟ୍ ଲେ ରୋଜୀ, ରୋଲେ, ସ୍ୱିଜରଲାଣ୍ଡ



## ଗ୍ରୀନ୍‌ଲାଣ୍ଡ: ଦିନକରେ ତରଳିଲା ରେକର୍ଡ ମାତ୍ରାର ବରଫ

**ନ୍ୟୁୟର୍କ**

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଚଳିତବର୍ଷ ଗ୍ରୀନ୍‌ଲାଣ୍ଡରେ ଗୋଟିଏ ଦିନରେ ୨ବିଲିୟନ୍ ଟନ୍ ବରଫ ତରଳି ସମୁଦ୍ରରେ ମିଶିଯାଇଛି। ଗ୍ରୀନ୍‌ଲାଣ୍ଡ ତୁଷାର ପର୍ବତ ହ୍ରାସ ହେବାରେ ଏହା ରେକର୍ଡ ସୃଷ୍ଟି କରିଛି ବୋଲି ଗବେଷକମାନେ ମତ ଦେଇଛନ୍ତି। ଚଳିତ ସପ୍ତାହରେ ଜୁନ୍ ୧୩ରେ ଗ୍ରୀନ୍‌ଲାଣ୍ଡର ଏକ ବିସ୍ତୃତ ବରଫାଞ୍ଚଳ ତରଳିଯାଇଛି। କିନ୍ତୁ ସମିଟ୍‌କ୍ୟାମ୍ପର ତାପମାତ୍ରା ଶୂନ୍ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ନିମ୍ନରେ ରହିଥିବାରୁ ସେଠାକାର ବରଫ ତରଳିନାହିଁ। ତେବେ ପ୍ରଚୁର ମାତ୍ରାରେ ବରଫ ତରଳିବା ଅସ୍ୱାଭାବିକ ଘଟଣା ବୋଲି ଡାନିଶ ଆର୍କଟିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଜୁନ୍ ୧୩ରେ ତୁଷାର ପର୍ବତର ସର୍ବାଧିକ ଅବକ୍ଷୟ ହୋଇଛି ବୋଲି ଗ୍ରୀନ୍‌ଲାଣ୍ଡର ଜଳବାୟୁ ସମ୍ପର୍କରେ ଅଧ୍ୟୟନରତ ତଥା ଜର୍ଜିଆ ୟୁନିଭର୍ସିଟିର ରିସର୍ଚ୍ଚ ସାଇଣ୍ଟିଷ୍ଟ ଥୋମାସ ମୋଟେ ପ୍ରକାଶ କରିଛନ୍ତି। ଚଳିତବର୍ଷ ଖୁବ୍‌ଶୀଘ୍ର ଏପ୍ରିଲ ୩୦ଠାରୁ ଗ୍ରୀନ୍‌ଲାଣ୍ଡରେ ବରଫ ତରଳିବା ଆରମ୍ଭ କରିଛି। ୧୯୮୦ ପରେ ବେଳାବେଳି ବରଫ ତରଳିବାରେ ଏହା ଦ୍ୱିତୀୟ ଘଟଣା ବୋଲି ଡାନିଶ୍ ମେଟିଓରୋଲଜିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକମାନେ କହିଛନ୍ତି। ହାରାହାରି ଭାବେ ମେ ୨୬ରୁ ସାଧାରଣତଃ ଗ୍ରୀନଲାଣ୍ଡରେ ବରଫ ତରଳିବା ଋତୁ ଆରମ୍ଭ ହୋଇଥାଏ। ଚଳିତବର୍ଷ ପୂରା ମାସେ ପୂର୍ବରୁ ବରଫ ତରଳିବା ଆରମ୍ଭ ହୋଇଛି ବୋଲି ଅନ୍ୟତମ ବୈଜ୍ଞାନିକ ପିଟର ଲାଙ୍ଗେନ୍ ପ୍ରକାଶ କରିଛନ୍ତି।

## ସମାଜରୁ ପକ୍ଷପାତ ଦୂରହେବା ଆବଶ୍ୟକ: ଦିୟା ମିର୍ଜା



**ମୁମ୍ବାଇ**

ସମାଜରୁ ପକ୍ଷପାତ ଦୂରହେବା ଆବଶ୍ୟକ ବୋଲି ୱେବ୍ ସିରିଜ 'କାଫିର୍'ର ଅଭିନେତ୍ରୀ ଦିୟା ମିର୍ଜା ପ୍ରକାଶ କରିଛନ୍ତି। ସେ ଏଥିରେ ଜଣେ ପାକିସ୍ତାନୀ ଭୂମିକାରେ ଅଭିନୟ କରିଛନ୍ତି। ଶନିବାରଠାରୁ ଜିଓରେ ପ୍ରଦର୍ଶିତ ହେଉଥିବା ଉକ୍ତ ସିରିଜ୍‌ରେ ଦିୟା ପାକିସ୍ତାନର ଜଣେ ତରୁଣୀ ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେ ଅଜ୍ଞାତ ପରିସ୍ଥିତିରେ ଭାରତକୁ ଆସିଯାଇଥିଲେ ମଧ୍ୟ ଆଉ ନିଜ ଦେଶକୁ ଫେରି ପାରିନାହାନ୍ତି। ପରବର୍ତ୍ତୀ ପରିସ୍ଥିତିରେ ଜଣେ ଆତଙ୍କବାଦୀ ଭାବେ ଅଭିଯୁକ୍ତ ହୁଅନ୍ତି। ଖବରଦାତାରୁ ଆଇନଜୀବୀ ପାଲଟିଥିବା ଜଣେ ବ୍ୟକ୍ତି(ମୋହିତ ରାଇନା)ଙ୍କ ସହ ତାଙ୍କର ସାକ୍ଷାତ ହୁଏ ଏବଂ ନ୍ୟାୟ ପ୍ରଦାନ ପାଇଁ ସେ ସବୁପ୍ରକାର ଚେଷ୍ଟା କରନ୍ତି।

ପାକିସ୍ତାନୀ ଚରିତ୍ରରେ ଅଭିନୟ କରିବାକୁ ସେ କାହିଁକି ପସନ୍ଦ କଲେ ପ୍ରଶ୍ନରେ ଦିୟା କହିଲେ, ଆମ ସମାଜରେ ଥିବା ଭେଦଭାବ ଦୂର ପାଇଁ ଉକ୍ତ ସିରିଜରେ ଉଦ୍ୟମ କରାଯାଇଛି। ଜଣେ ପାକିସ୍ତାନୀ ଭୂମିକାରେ ଅଭିନୟ କରିବାରେ ଭୟଭୀତ ହେବା ସ୍ୱାଭାବିକ। ଶୋ'ରେ ଏଭଳି ପ୍ରଶ୍ନ ଉଙ୍କିମାରିଛି ଏବଂ ଏହାକୁ ଲୋକଙ୍କ ମନରୁ ହଟାଇବା ପାଇଁ ଉଦ୍ୟମ କରାଯାଇଛି। ଉକ୍ତ ସିରିୟଲ୍‌ରେ ଭାଗନେଇ ଖୁସି ଅନୁଭବ କରିଥିବା ଦିୟା କହିଛନ୍ତି। ଏହା ମାନବତାର ବାର୍ତ୍ତା ପ୍ରଚାର କରେ ଏବଂ ସେ ଆଶାବାଦୀ ଯେ, ଲୋକମାନେ କଳାକାର ଟିମ୍‌ର ଉଦ୍ୟମକୁ ଖୁବ୍ ପ୍ରଶଂସା କରିବେ।

ଏକ ବଡ଼ ସମସ୍ୟା ହେଉଛି ଆମେ ଲୋକଙ୍କୁ ସଂସ୍କୃତି, ଦେଶ ଓ ଜାତି ଦୃଷ୍ଟିରେ ଦେଖିଥାଉ। ମାନବତା ପାଇଁ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆମେ କୌଣସି ବ୍ୟକ୍ତିର ଧର୍ମ, ବର୍ଣ୍ଣ ଏବଂ ସ୍ଥାନକୁ ନେଇ ପାତରଅନ୍ତର ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। 'କାଫିର୍'ରେ ଏ ବିଷୟ ସ୍ପଷ୍ଟ ଭାବେ ବର୍ଣ୍ଣିତ ହୋଇଛି। ଏହି ଶୋ ଦେଖିବା ପରେ ଲୋକେ ଏହାର ସ୍ପଷ୍ଟ ଉତ୍ତର ପାଇପାରିବେ।

ଜୀବନର ବାସ୍ତବତାକୁ ଆଧାର କରି ନିର୍ମିତ ଏଭଳି ଏକ ଶୋ'ରେ କାମ କରିବାର ସୁଯୋଗ ଜୀବନରେ ଥରେ ଆସିଥାଏ ବୋଲି ଦିୟା ପ୍ରକାଶ କରିଥିଲେ। ନିଖିଲ ଆଡ୍‌ୱାନୀଙ୍କ ନିର୍ଦ୍ଦେଶନାରେ ତାଙ୍କର ଦ୍ୱିତୀୟ ୱେବ୍ ସିରିଜ ନିର୍ମାଣ ହେବାକୁ ଯାଉଛି। ଏହା ଏକ ଐତିହାସିକ ଡ୍ରାମା। ସଂଯୋଗବଶତଃ 'କାଫିର୍' କାହାଣୀ ରଚନା କରିଥିବା ଭବାନୀ ଲାୟର ମଧ୍ୟ ଏହାର ସ୍କ୍ରିପ୍ଟ ରାଇଟର ଅଛନ୍ତି।

## ସଂକ୍ଷେପରେ

### ବାଣ ବିସ୍ଫୋରଣ: ମେରାଇନ ବୋଟ୍ କର୍ମଚାରୀ ଗୁରୁତର

**ମହାକାଳପଡା, ୧୫।୬ (ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଜମ୍ବୁ ମେରାଇନ ଅଧୀନ ଖରିନାସୀ ମତ୍ସ୍ୟଜେଟି ନିକଟ ମେରାଇନ ଥାନାର ଷ୍ଟାଫ କ୍ୱାଟର୍ସରେ ଶନିବାର ରଜ ସଂକ୍ରାନ୍ତି ଦିନ ଏକ ଅଭାବନୀୟ ଘଟଣା ଘଟିଛି। ହାତରେ ବାଣ ଫୁଟିଯିବାରୁ ମେରାଇନ ଥାନା ହାଇପାୱାର ସ୍ପିଡ୍ ବୋଟ୍‌ର ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ରାଉରକେଲା ଅଞ୍ଚଳର ଭୂପତି ସାହୁ (୪୫)। ସେ ଜଣେ ପୂର୍ବତନ ନାଭି କର୍ମଚାରୀ ହୋଇଥିବା ବେଳେ ଏହି ଥାନା ଅଧୀନରେ ସ୍ପିଡ୍ ବୋଟ୍ କର୍ମଚାରୀ ଭାବେ କାର୍ଯ୍ୟରତ। ବାଣ ବିସ୍ଫୋରଣରେ ତାଙ୍କ ଡାହାଣ ହାତୀ ପାପୁଲିଟି ନଷ୍ଟ ହୋଇଯିବା ନେଇ ଆଶଙ୍କା କରାଯାଉଛି। ସାହୁ ଘରୁ ଅଳିଆ ସଫା କରି ଘର ସମ୍ମୁଖରେ ନିଆଁ ଲଗେଇଥିଲେ। ସେହି ଅଳିଆରେ ଏକ ଗଡ଼ମା ବାଣ ପଡିଥିବା ଦେଖି ସେ ତାକୁ ହାତରେ ଧରିଥିଲେ। ହଠାତ୍ ବାଣଟି ତାଙ୍କ ହାତରେ ଫୁଟିଯାଇଥିଲା। ଫଳରେ ହାତ ପାପୁଲି ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାମନଗର ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ତାଙ୍କର ଜଣେ ସହଯୋଗୀଙ୍କ କହିବାନୁସାରେ, ପୂର୍ବବର୍ଷ ଦୀପାବଳିରେ କିଛି ବାଣ ଅଳିଆ ଆବର୍ଜନା ମଧରେ ଘରର ଗୋଟିଏ କୋଣରେ ରହିଥିଲା। ସେହି ଅଳିଆକୁ ଘରବାହାରକୁ ଆଣି ଜାଳିଦେଇଥିଲୁ । ସେଥିରେ ରହିଥିବା ଗଡ଼ମା ବାଣରେ ନିଆଁ ଲାଗିଥିବା ନେଇ କାହାରିକୁ ଜଣା ନ ଥିଲା। ସାହୁ ଏହାକୁ ହାତରେ ଧରିଥିବା ବେଳେ ହଠାତ ବିସ୍ଫୋରଣ ହୋଇଥିଲା।

### ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର

**ପାଲଲହଡ଼ା, ୧୫।୬ (ଡି.ଏନ.ଏ.):** ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ସରୁଆଳି ପଞ୍ଚାୟତର ରେଙ୍ଗାଲି ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଭୋର ସମୟରେ ଭୁବନ ନାଏକ (୫୫) ଓ ଲମ୍ବୋଦର ନାଏକ (୪୮) ଗାଁ ନିକଟସ୍ଥ ନଦୀ ପଠାକୁ ଶୌଚ ହେବାକୁ ଯାଉଥିବାବେଳେ ଏକ ଭାଲୁ ପ୍ରଥମେ ଭୁବନଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଲମ୍ବୋଦର ସେଠାକୁ ଆସିବା ବେଳେ ଭାଲୁଟି ତାଙ୍କୁ ମଧ ଆକ୍ରମଣ କରିଥିଲା। ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ଭାଲୁକୁ ଘଉଡାଇଥିଲେ। ପରେ ଉଭୟଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିପାଇଁ କ୍ଷତିପୂରଣ ପାଇଁ ଦାବି ହୋଇଛି।

### ସାପ କାମୁଡ଼ାରେ ନାବାଳକ ମୃତ

**ବାଙ୍ଗିରିପୋଷି,୧୫।୬(ଡିଏନଏ):** କୌଣସି ବିଷାକ୍ତ ସାପ କାମୁଡିବାରୁ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଖଡିପାହାଡି ଗ୍ରାମର ଦୀପକ ନାଏକ ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ଶନିବାର ଦୀପକ ନିଦରୁ ଉଠି ହଠାତ୍ ବାନ୍ତି କରିଥିଲେ। ତାଙ୍କ ମୁଣ୍ଡ ବୁଲାଉଥିଲା । ତାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୪ ଦିନ ପରେ ଓଡ଼ିଶା ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

- ରାଜ୍ୟର ଦୁଇ ପାର୍ଶ୍ୱରେ ମୌସୁମୀ ସକ୍ରିୟ
- ପ୍ରଭାବରେ ୧୮ ପର୍ଯ୍ୟନ୍ତ କାଳବୈଶାଖୀ, ହିଟ୍ ୱେଭ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ପହଞ୍ଚିବାରେ ଯେତିକି ବିଳମ୍ବ ହେଉଛି ଉତ୍କଣ୍ଠା ସେତିକି ବଢ଼ିବାରେ ଲାଗିଛି। ହେଲେ ଏହାପୂର୍ବରୁ ତାତି ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଏଥିସହ ସନ୍ଧ୍ୟାରେ ଝଡ଼ ତୋଫାନ ମୌସୁମୀ ଆଗମନର ସୂଚନା ଦେଉଥିଲେ ମଧ ଏ ସଂକ୍ରାନ୍ତରେ ଏଯାଏ ସ୍ପଷ୍ଟ କରିପାରୁ ନାହିଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେବେ ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ୧୮ କିମ୍ବା ୧୯ରେ ମୌସୁମୀ ଓଡ଼ିଶା ପହଞ୍ଚିବାର ଆଶା କରାଯାଉଛି। କାରଣ ଓଡ଼ିଶାର ଦୁଇ ପାର୍ଶ୍ୱରେ ଏବେ ମୌସୁମୀ ସକ୍ରିୟ ହୋଇଉଠିଛି। ଏଥିସହ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେଉଁଥିପାଇଁ ମୌସୁମୀ ଖୁବ୍‌ଶୀଘ୍ର ଓଡ଼ିଶାରେ ପ୍ରବେଶ କରିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର କେତେକ ଅଞ୍ଚଳରେ ଝିପି ଝିପି ବର୍ଷା ଓ ଝଡ଼ ତୋଫାନ ହୋଇଛି। ଏହାସତ୍ତ୍ୱେ ଗୁଳୁଗୁଳି ଓ ତାତି ଜାରି ରହିଛି। ଝାଞ୍ଜି ପବନ ବି ଜନଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଯଦିଓ ଶୁକ୍ରବାର ଅପେକ୍ଷା ଶନିବାର ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି, କିନ୍ତୁ ଦେହରୁ ଝାଳ ବହିବା ବନ୍ଦ ହୋଇ ନ ଥିଲା। ଶନିବାର ରାଜ୍ୟର ୮ ସହରରେ ତାପମାତ୍ରା ୪୦ଡିଗ୍ରୀ ଟପିଥିଲା। ପଶ୍ଚିମ ଓଡ଼ିଶା ସର୍ବାଧିକ ଅଞ୍ଚଳରେ ତାପମାତ୍ରା ଅଧିକ ରହିଥିଲା। ଟିଟିଲାଗଡ଼ ଓ ମାଲକାନଗିରି ୪୩ ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହରରେ ପରିଣତ ହୋଇଥିବାବେଳେ ଝାରସୁଗୁଡ଼ା ୪୨.୮, ସମ୍ବଲପୁର ଓ ହୀରାକୁଦ ୪୨.୨, ଭବାନୀପାଟଣା ୪୧.୨, ବଲାଙ୍ଗୀର ୪୧, ଅନୁଗୋଳର ସର୍ବାଧିକ ତାପମାତ୍ରା ୪୦.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ତେବେ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଜିଲାରେ ରାତି ପର୍ଯ୍ୟନ୍ତ ହିଟ୍ ୱେଭ୍ ଜାରି ରହିଥିଲା।

ଅପରାହ୍ନ ଓ ସନ୍ଧ୍ୟାରେ ରାଜ୍ୟର ଅନେକ ଅଞ୍ଚଳରେ କାଳବୈଶାଖୀ ହୋଇଥିଲା। ବଲାଙ୍ଗୀର, ସୋନପୁର, ବରଗଡ଼, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଯାଜପୁର, କନ୍ଧମାଳ, ଗଞ୍ଜାମ, ଗଜପତିରେ କାଳବୈଶାଖୀ ବର୍ଷା ହୋଇଥିଲା। ରବିବାର ମଧ ରାଜ୍ୟର ଅନେକ ସହରରେ ଝଡ଼ ତୋଫାନ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର ଓ ବୌଦ୍ଧ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ଝଡ଼ ତୋଫାନ ଓ ବର୍ଷା ହେବ। ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ଜାରି ରହିବ ଓ ୧୯ ତାରିଖ ଦିନ ଅଧିକ ହିଟ୍ ୱେଭ୍ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନର୍କ ଯନ୍ତ୍ରଣା

## କମାଣ୍ଡାଣ୍ଟ୍‌ଙ୍କ ବିରୋଧରେ ଆଉଜଣେ ଆଣିଲେ ଅଭିଯୋଗ

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

- ଅଧିକାରୀଙ୍କ ବ୍ୟବହାରରେ ସମସ୍ତେ ଅତିଷ୍ଠ
- ପାଣି, ଖାଦ୍ୟ ପାଇଁ ଅସୁସ୍ଥ ହୋଇପଡୁଛନ୍ତି ପ୍ରଶିକ୍ଷାର୍ଥୀ
- ମୁହଁ ଖୋଲିଲେ ଚାକିରି ନେଇଯିବାର ଧମକ

ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଦିଆଯାଉଛି ଅକଥନୀୟ ନିର୍ଯାତନା। ଟ୍ରେନିଂ ନେଉଥିବା ଯବାନ, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯାଉନି ଭଲ ଖାଦ୍ୟ। ପାଣି ସମସ୍ୟା ବି ଲାଗି ରହିଛି। ଫଳରେ ଦୁର୍ବଳ ଶରୀରରେ ଦୌଡ଼ିବା ସହ ବିଭିନ୍ନ କଷ୍ଟଦାୟକ ଶାରୀରିକ ପ୍ରଶିକ୍ଷଣ ନେଉଥିବାରୁ ଅଧିକାଂଶ ସମୟରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି। ଅସୁସ୍ଥ ହେଲେ ବି ଆବଶ୍ୟକ ଚିକିତ୍ସା ଓ ବିଶ୍ରାମ ପାଇଁ ସୁଯୋଗ ଦିଆଯାଉନି। ଓଲଟା ଗାଳି ଓ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଏପରି ନର୍କ ଯନ୍ତ୍ରଣା ନେଇ ମୁହଁ ଖୋଲିଲେ ଦିଆଯାଉଛି ନିର୍ଯାତନା। ଚାକିରି ନେଇଯିବାର ଧମକ ଦିଆଯାଉଛି। ଏସ୍‌ଓଜି କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଶନିବାର ଏପରି ଅଭିଯୋଗ ଆଣିଛନ୍ତି ଟ୍ରେନିଂ ନେଉଥିବା ଆଉଜଣେ ପୋଲିସ ଏସ୍‌ଆଇ ରଶ୍ମୀରଞ୍ଜନ ମଲ୍ଲିକ (୩୧)। ତାଙ୍କୁ ଅଭିଯୋଗ ପାଇଁ ଛଡ଼ା ନ ଯିବାରୁ ସେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ରାଜ୍ୟ ପୋଲିସ ଡିଜି, ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି), ରାଜ୍ୟ ଗୃହସଚିବଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି।

କୋରାପୁଟ ଜିଲା ସିମିଳିଗୁଡା ଥାନାର ଏସ୍‌ଆଇ ରଶ୍ମୀରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ସେ ଦେଢମାସ ହେବ ଚନ୍ଦକା ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ରହି ପୋଲିସ ଟ୍ରେନିଂ ନେଉଛନ୍ତି। ମେ ୨୪ରେ ତାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ କ୍ୟାମ୍ପସରେ ଥିବା ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୨୭ ତାରିଖରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ ଜ୍ୱର ହୋଇଥିବା ଓ ସ୍ଥିତି ଜଟିଳ ଥିବାରୁ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ଡାକ୍ତର ମେଡିସିନ ଦେବା ସହ ବିଶ୍ରାମ ନେବାକୁ ପରାମର୍ଶ ଦେଇଥବଲେ। ଏହାପରେ ସେ କ୍ୟାପିଟାଲ ହସ୍ପିଟାଲରୁ ଏସ୍‌ଓଜି ଟ୍ରେନିଂ ସେଣ୍ଟରକୁ ଫେରିଥିଲେ। ହେଲେ ସେଠାରେ ପିଇବାକୁ ଓ ଶୌଚ ପାଇଁ ପାଣି ନ ଥିଲା। ଖାଇବା ଅବସ୍ଥାରେ ଖାଦ୍ୟ ନ ଥିଲା। ଜ୍ୱର ଦେହରେ ତାଙ୍କୁ ଟ୍ରେନିଂ ନେବାକୁ ପଡୁଥିଲା। ଫଳରେ ଦେହ ସୁସ୍ଥ ହେବା ପରିବର୍ତ୍ତେ ଅଧିକ ଖରାପ ହୋଇପଡିଥିଲା। ଶେଷରେ ବାଧହୋଇ ରଶ୍ମୀରଞ୍ଜନ ଗତ ୧ ତାରିଖରେ ଘରକୁ ପଳାଇଥିଲେ। ସେ ସମୟରେ କୌଣସି ଅଧିକାରୀ ନ ଥିବାରୁ ଛୁଟି ଦରଖାସ୍ତ ଦେଇପାରି ନ ଥିଲେ। ସୁସ୍ଥ ହୋଇ ଗତ ୬ ତାରିଖରେ ଟ୍ରେନିଂ ସେଣ୍ଟରକୁ ଫେରି କମାଣ୍ଡାଣ୍ଟଙ୍କୁ ଭେଟି ଏ ସଂକ୍ରାନ୍ତରେ ଜଣାଇଥିଲେ ମଧ ସେ କିଛି ନ ଶୁଣି ଓଲଟା ଗାଳିଗୁଲଜ କରିଥିଲେ। ଏପରିକି କମାଣ୍ଡାଣ୍ଟ ସିଂ ତାଙ୍କୁ ଓ ଅନ୍ୟମାନଙ୍କୁ ଏଭଳି ନାନା ଦୁର୍ବ୍ୟବହାର କରୁଥିବା ନେଇ ରଶ୍ମୀରଞ୍ଜନ ତାଙ୍କ ଅଭିଯୋଗଫର୍ଦ୍ଦରେ ଉଲ୍ଲେଖ କରିଛନ୍ତି। ଏନେଇ କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ କହିଛନ୍ତି, ଏଭଳି ଅଭିଯୋଗ ମିଛ। ସେମାନଙ୍କୁ ନିୟମ ଅନୁଯାୟୀ ଟ୍ରେନିଂ ଦିଆଯାଉଛି। ହେଲେ ମିଛ ଦେହ ଅସୁସ୍ଥ କହି ଟ୍ରେନିଂ ନ କରିବା ପାଇଁ ସେମାନେ ଏଭଳି ନାଟକ କରୁଛନ୍ତି। ଏନେଇ ପୋଲିସ ଡିଜି ଆର୍.ପି. ଶର୍ମା କହିଛନ୍ତି, ମୁଁ ଛୁଟିରେ ରାଜ୍ୟ ବାହାରେ ଅଛି। ସୋମବାର ଫେରିବା ପରେ ଘଟଣାର ତଦନ୍ତ କରାଯିବ। ଏଥିସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶର୍ମା କହିଛନ୍ତି।

# ଜଙ୍ଗଲରେ ବନ୍ଧୁକ କାରଖାନା ଠାବ, ୨ ଗିରଫ



ବନ୍ଧୁକ କାରଖାନା ଠାବ ସମ୍ପର୍କରେ ଆଇଆଇସି ଅଲେଖ ଗରଡ଼ିଆ ସୂଚନା ଦେଉଛନ୍ତି।

**ଦାରିଙ୍ଗବାଡ଼ି,୧୫।୬(ଡି.ଏନ.ଏ)**

**ବନ୍ଧୁକ ସହ ତିଆରି ସାମଗ୍ରୀ ଜବତ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଶ୍ରୀନିକେତା ପଞ୍ଚାୟତ ଗୁଞ୍ଜିଟି ଜଙ୍ଗଲରେ ଏକ ବନ୍ଧୁକ ତିଆରି କାରଖାନାକୁ ପୋଲିସ ଶନିବାର ଠାବ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆସାହିର ଟୁନା ପ୍ରଧାନ(୩୫) ଓ ଦଣ୍ଡିମା ଗାଁର ଚିତ୍ରସେନ୍ ବିଦ୍ଧାଣି (୫୫)। କାରଖାନାରୁ ୨ଟି ବନ୍ଧୁକ ସହ ଏକ ଅର୍ଦ୍ଧନିର୍ମିତ ବନ୍ଧୁକ, ବାରୁଦ, ଗନ ପାଉଡର ଆଦି ଜବତ କରାଯାଇଥିବା ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଏ ନେଇ ଦାରିଙ୍ଗବାଡ଼ି ଥାନାରେ ନଂ. ୫୮/୧୯ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଅଛନ୍ତି।

ମାଓବାଦୀ ଉପଦ୍ରୁତ ଅଞ୍ଚଳ ତଥା ଜଙ୍ଗଲ ଭିତରେ ବହୁଦିନ ହେଲା ଉକ୍ତ ବନ୍ଧୁକ ତିଆରି କାରଖାନା ଚାଲିଥିଲା। ଖବର ପାଇ ଶନିବାର ଭୋରରେ ଆଇଆଇସିଙ୍କ ନେତୃତ୍ୱରେ ଏସ୍‌ଆଇ ଆର.ଭୀମାରାଓ ରେଞ୍ଜୀ ସଦଳବଳ ଉକ୍ତ କାରଖାନା ଉପରେ ଚଢ଼ାଉ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଟୁନା କହିଛନ୍ତି ଯେ, ସେ ବନ୍ଧୁକ କାରିଗର ଚିତ୍ରସେନ୍‌ଙ୍କଠାରୁ ଏହି ଦେଶୀ ବନ୍ଧୁକ ୫ ହଜାର ଟଙ୍କା ଦେଇ କିଣିଥିଲେ।

# ବଜ୍ରପାତରେ ୫ ମୃତ, ୭ ଗୁରୁତର

## ଜମିରେ କାମ କରୁଥିବା ବେଳେ ୨ ମୃତ, ୨ ଗୁରୁତର

**ନବରଙ୍ଗପୁର/ଉମରକୋଟ,୧୫।୬ (ବି.ପ୍ର/ଡି.ଏନ.ଏ)–** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଯୁନାପାନି ଗ୍ରାମରେ ଶନିବାର ବଜ୍ରପାତରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ନୀଳାମ୍ବର ଗଣ୍ଡ ଓ ଚନ୍ଦ୍ର ଗଣ୍ଡ। ଏଥିସହ ୨ ଜଣ ଶ୍ରମିକ ପ୍ରୀତମ ଗଣ୍ଡ ଓ ଧନର ଗଣ୍ଡ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କୁର୍ସି ପଞ୍ଚାୟତର ୮ ଜଣ ଶ୍ରମିକ ନିକଟସ୍ଥ ତୋହରା ପଞ୍ଚାୟତର ଯୁନାପାନି ଗ୍ରାମକୁ ଚାଷ ଜମିରେ କାମ କରିବାକୁ ଯାଇଥିଲେ। ଅପରାହ୍ନରେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ନୀଳାମ୍ବର, ଚନ୍ଦ୍ର, ପ୍ରୀତମ ଓ ଧନର ଗୁରୁତର ହୋଇଥିଲେ। ଜିଲା ପରିଷଦ ସଭ୍ୟ ଭଜନାଥ ଗଣ୍ଡ ଓ ସାମାଜିକ କର୍ମୀ ସନନ୍ତ ଠାକୁର ଆହତମାନଙ୍କୁ ଯୁନାପାନି ଗ୍ରାମରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ସମସ୍ତଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳେ ବାଟରେ ଚନ୍ଦ୍ର ଓ ନୀଳାମ୍ବରଙ୍କ ମୃତ୍ୟୁ ଘଟିଥିଲା। ପ୍ରୀତମ ଓ ଧନର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଉମରକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସେଠାରେ ଥିବା ଅନ୍ୟ ଜଣେ ଶ୍ରମିକ ଲଖ୍ମୁ ଗଣ୍ଡଙ୍କ କହିବା ଅନୁଯାୟୀ ନୀଳାମ୍ବର ଧରିଥିବା ମୋବାଇଲଟି ବଜ୍ରପାତ ସମୟରେ ଫାଟି ଯିବାରୁ ସମସ୍ତେ ଗୁରୁତର ହୋଇଥିଲେ।

## ପିଲାଙ୍କ ଖେଳ ବେଳେ ବଜ୍ରପାତ: ବାଳକ ମୃତ, ୩ ଆହତ

**ସୁନ୍ଦରଗଡ଼,୧୫।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସୁବଲିଆ ଜାଏସରପଡ଼ାରେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ବଜ୍ରପାତ ଘଟି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୌସମ ନାଏକ (୧୦)। ରଜ ସଂକ୍ରାନ୍ତି ପାଇଁ ମୌସମ ଓ ତାଙ୍କର ୬ଜଣ ସାଙ୍ଗ ଦାଣ୍ଡ ଅଗଣାରେ ଥିବା ଏକ ଜାମୁକୋଳି ଗଛ ମୂଳରେ ଖେଳୁଥିଲେ। ଏହି ସମୟରେ ବର୍ଷା, ପବନ ହୋଇଥିଲା। ଏହାର କିଛିସମୟ ପରେ ହାଠାତ୍ ବଜ୍ରପାତ ହେବାରୁ ମୌସମ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୌସମଙ୍କ ସାଙ୍ଗ କାଳିଆ ନାଏକ, ଶୁଭମ ନାଏକ ଓ ଯଶୋଦା ନାଏକ ଏଥିରେ ଆହତ ହୋଇଛନ୍ତି।

## ମହୁଲ ଟୋଲ ଆଣିବାକୁ ଯାଇ ଯୁବତୀ ମୃତ

**ସୋହେଲା,୧୫।୬(ଡି.ଏନ.ଏ.):** ବରଗଡ ଜିଲା ମେଲଛାମୁଣ୍ଡା ଥାନା ବିଜାପାଲି ପଞ୍ଚାୟତ ଅନ୍ତର୍ଗତ ବାଦେନବାହାଲ ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜ୍ଞସେନୀ ବାଗ(୨୪)। ଅପରାହ୍ନ ପ୍ରାୟ ୪ଟାରେ ଗ୍ରାମଠାରୁ ଅଧ କିଲୋମିଟର ଦୂରରେ ଥିବା କ୍ଷେତକୁ ଯାଜ୍ଞସେନୀ ମହୁଲ (ଟୋଲ) ଗୋଟାଇବାକୁ ଯାଇଥିଲେ। ଏତିକିବେଳେ ବଜ୍ରପାତ ହେବାରୁ ଯାଜ୍ଞସେନୀ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ସୋହେଲା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବରଗଛ ତଳେ ଆଶ୍ରୟ ନେଇଥିବା ଯୁବକ ମୃତ, ୨ ଗୁରୁତର

**ବିନିକା, ୧୫।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ସର୍ଗୁଣା ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କମିରା ଗ୍ରାମର ସୁଦନ ଛନ୍ଦ(୨୪)। ଆହତ ସର୍ଗୁଣା ଗ୍ରାମର ରଣଜିତ ପଲିତା(୭୦) ଏବଂ ଦୁର୍ଲଭ କ୍ଷେତୀ(୬୦)ଙ୍କୁ ଚିକିତ୍ସା ବୁର୍ଲା ପଠାଯାଇଛି। ସବୁଦିନ ଭଳି ସୁଦନ ଶନିବାର ଫର୍ନିଚର କାମ ପାଇଁ ସର୍ଗୁଣା ଗ୍ରାମର ନିଜ ସମ୍ପର୍କୀୟ ହାଡୁ ମେଲ୍ଲୀଙ୍କ



ଘରକୁ ଆସିଥିଲେ। ଅପରାହ୍ନରେ ସେ ଗାଁ ମୁଣ୍ଡ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଘଡଘଡି ସହ ବର୍ଷା ହୋଇଥିଲା। ସେ ନାଳପାଖ ବରଗଛ ତଳକୁ ଆସି ରହିଥିଲେ। ସୁଦନଙ୍କ ସହିତ ବରଗଛ ତଳେ ସର୍ଗୁନା ଗ୍ରାମର ରଣଜିତ ପଲିତା ଓ ଦୁର୍ଲଭ କ୍ଷେତୀ ମଧ ଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ତିନି ଜଣ ଯାକ ଅଚେତ ହୋଇ ପଡି ଯାଇଥିଲେ। ବର୍ଷା ପରେ ଗାଁ ଲୋକେ ଏକ ଭଡା ଗାଡିରେ ୩ ଆହତଙ୍କୁ ଉଦ୍ଧାର କରି ବିନିକା ମେଡିକାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ସୁଦନଙ୍କୁ ମୃତ ଘୋଷଣା କରିଥିଲେ।

## ମହାନଦୀରେ ଭାସିଗଲେ ଝିଅ

# ଉଦ୍ଧାର କରିବାକୁ ଯାଇ ବାପା ମୃତ

**ଖଣ୍ଡପଡା,୧୫।୬(ସ୍ୱ.ପ୍ର.)**

ମହାନଦୀରେ ଗାଧୋଉଥିବାବେଳେ ଝିଅ ବୁଡି ଯାଉଥିବା ଦେଖି ଉଦ୍ଧାର କରିବା ପାଇଁ ପାଣିକୁ ଡେଇଁ ପଡିଥିଲେ ବାପା। ହେଲେ ଝିଅ କୂଳକୁ ଫେରି ଆସିଥିବାବେଳେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି ବାପା। ଏଭଳି ଦୁଃଖଦ ଘଟଣା ଘଟିଛି ଶନିବାର ନୟାଗଡ ଜିଲା କଣ୍ଟିଲୋସ୍ଥିତ ନୀଳମାଧବ ଜୀଉଙ୍କ ମନ୍ଦିର ନିକଟସ୍ଥ ମହାନଦୀରେ।

ନୟାଗଡ ଜିଲା ଇଟାମାଟି ଥାନା ଅନ୍ତର୍ଗତ କାଳିକା ପ୍ରସାଦ ପଞ୍ଚାୟତ ଚିନରା ଗ୍ରାମର ସୁରେଶ ରାଉତ(୪୦) ତାଙ୍କ ପରିବାରର ୮ ସଦସ୍ୟଙ୍କ ସହ ରଜ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସିଥିଲେ। ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ପୂର୍ବରୁ ମହାନଦୀରେ ଗାଧୋଇବା ପାଇଁ ତାରିଣୀ ଛକ ନିକଟସ୍ଥ ଗଙ୍ଗା ମନ୍ଦିର ତୁଠରେ ଥିବା ଏକ ମୋଟର ବୋଟରେ ନଦୀର ଅପର ପାର୍ଶ୍ୱ ବାଲି ପଠାକୁ ଯାଇଥିଲେ। ସେଠାରେ ସ୍ନାନ ସମୟରେ ସୁରେଶଙ୍କ ୧୪ ବର୍ଷର ଝିଅ ବର୍ଷା ଓ ଶାଳକ ସଞ୍ଜୟ ବରାଡ ନଦୀ ସ୍ରୋତରେ ଭାସି ଯାଉଥିବା ଦେଖି ସେମାନଙ୍କୁ ଉଦ୍ଧାର କରିବା ପାଇଁ ସୁରେଶ ନଦୀ ମଝିକୁ ଚାଲିଯାଇଥିଲେ । ସୁରେଶଙ୍କ ସ୍ତ୍ରୀ ସେମାନଙ୍କ ପାଖକୁ ଏକ ଲୁଗା ଫୋପାଡି ଦେବାରୁ ସଞ୍ଜୟ ଓ ବର୍ଷା ଲୁଗା ସାହାଯ୍ୟରେ କୂଳକୁ ଚାଲିଆସିଥିଲେ। ମାତ୍ର ସୁରେଶ ପ୍ରଖର ସ୍ରୋତ ଯୋଗୁ ଭାସି ଯାଇଥିଲେ। ଖଣ୍ଡପଡା ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ବଡ଼ବାଣପୁରର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ସ୍ଥାନୀୟ ଅଞ୍ଚଳର ବିଶ୍ୱନାଥ ମହାରଣା, ସୁଦାମ ମହାରଣା, ଛବି ଦଳେଇ, କୃଷ୍ଣଚନ୍ଦ୍ର ମହାରଣା ଓ ନିଧିଆ ମହାରଣା ପ୍ରମୁଖ ଡଙ୍ଗା ନେଇ ବହୁ ଖୋଜାଖୋଜି କରିବା ପରେ ପ୍ରାୟ ଏକଘଣ୍ଟା ପରେ ସୁରେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପରାଜୟର କାରଣ ଖୋଜୁଛି ବିଜେଡି

**ଦେବଗଡ଼,୧୫।୬(ଡି.ଏନ.ଏ.)**

- ସ୍ଥିତି ସଜାଡ଼ିବାକୁ ଅଣ୍ଟା ଭିଡ଼ିଛି ଦଳ
- ଆଗକୁ ପୌର ନିର୍ବାଚନ ପାଇଁ ଚିନ୍ତା
- ଜିଲା ସଭାପତି କିଏ ହେବେ ସେ ନେଇ ଚର୍ଚ୍ଚା

ଦେବଗଡ଼ ଜିଲା ୧୯ ନଂ. ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏଥର ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ୭୧୦୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଛନ୍ତି। କଂଗ୍ରେସର ଉମା ଶଙ୍କର ସାହୁ ୨୭୪୨୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରବଳ ହାୱା ଓ ଦେବଗଡ଼ ଜିଲାରେ ସେ ନିଜେ ପ୍ରଚାର କରିଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ ତଥା ଯୁବନେତା ବିଶ୍ୱାଳଙ୍କ ପରାଜୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।।

ବିଶ୍ୱାଳଙ୍କ ପରାଜୟର କାରଣ ଅନୁଧ୍ୟାନ କଲେ ବିଭିନ୍ନ ଦିଗ ଉପରେ ଏଠାରେ ଆଲୋଚନା ଜୋର ଧରିଛି। ବିଶ୍ୱାଳଙ୍କ ଘର ଦେବଗଡ଼ ସହରଠାରୁ ୩୦ କି.ମି. ଦୂର ବାରକୋଟରେ। କଂଗ୍ରେସ ପ୍ରାର୍ଥୀ ସାହୁ ଓ ଭାଜପା ପ୍ରାର୍ଥୀ ପାଣିଗ୍ରାହୀଙ୍କ ଘର ଦେବଗଡ଼ ସହରରେ। ଏହାର କିଛି ପ୍ରଭାବ ସ୍ଥାନୀୟ ଭୋଟରଙ୍କୁ ପ୍ରଭାବିତ କରିଥିଲା। ବିଶ୍ୱାଳ ଜଣେ ଯୁବନେତା ହେଲେ ମଧ ତାଙ୍କର ଆଗରୁ ସେପରି ପତିଆରା ନ ଥିଲା ବୋଲି ଆଲୋଚନା ହେଉଛି। ଫଳରେ ଅନ୍ୟ ବ୍ଲକର ଭୋଟରମାନେ ବିଶ୍ୱାଳଙ୍କୁ ବିଶ୍ୱାସକୁ ନେଇପାରି ନ ଥିଲେ। ଦେବଗଡ଼ ଜିଲାରେ ଅନେକ ପୁରୁଣା ବରିଷ୍ଠ ବିଜେଡି ନେତା ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। ହେଲେ ସମସ୍ତଙ୍କୁ ଅଣଦେଖା କରି ଦଳର ସଭାପତି ବିଶ୍ୱାଳଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିଲେ। ବିଜେଡି ଲୋକ ସଭା ପ୍ରାର୍ଥୀ ନଳିନୀ ପ୍ରଧାନ ମଧ ବିଶ୍ୱାଳଙ୍କ ନାମ ସୁପାରିସ କରିଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଫଳରେ ଦଳର ବରିଷ୍ଠ କର୍ମୀ ଓ ଆଶାୟୀ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ନିଜର ଅସନ୍ତୋଷକୁ ସମସ୍ତଙ୍କ ସାମ୍ନାରେ ପ୍ରକାଶ କରି ପାରି ନ ଥିଲେ ମଧ୍ୟ ଭିତରେ କୁହୁଳିଥିଲେ। ଏପରି କି ଦେବଗଡ଼ ଜିଲା ବିଜେଡି ସଭାପତି ସୁଧୀର କପରଦାର ଟିକେଟ ନ ପାଇବାରୁ ସେ ଦଳର ପ୍ରାଥମିକ ସଦସ୍ୟ ତଥା ଜିଲା ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଫଳରେ ନିର୍ବାଚନ ସମୟରେ ଦଳ ମୁରବିବିହୀନ ହୋଇପଡିଥିଲା। ଏହା ନିର୍ବାଚନକୁ ଦିଗହରା କରିଥିଲା ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି। ଫଳରେ ସମସ୍ତ ୩୩୭ଟି ବୁଥକୁ ପରିଚାଳନା କରିବା ପାଇଁ କମିଟି ଗଠନ କରିବା ମଧ୍ୟ ଯଥା ସମୟରେ ସମ୍ଭବ ହୋଇପାରି ନ ଥିଲା। ଫଳରେ ଏହାର ଫାଇଦା ନେଇଥିଲେ ଭାଜପା ପ୍ରାର୍ଥୀ ସୁବାସ ପାଣିଗ୍ରାହୀ। ସେ ଜଣେ ପୁରୁଖା ଅନୁଭବୀ ସଙ୍ଗଠକ ହୋଇଥିବାରୁ ଉକ୍ତ ନିର୍ବାଚନ ପରିଚାଳନା ଅତି ଚତୁରତାର ସହ କରିଥିଲେ।

ସେହିପରି କଂଗ୍ରେସର ଟାଣୁଆ ଯୁବନେତା ଉମାଶଙ୍କର ସାହୁ ବି ଯେଉଁ ହିସାବରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ତାହା ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଶିଥିଳ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାର କାରଣ ବିଜେଡି ଓ ଭାଜପା ପ୍ରାର୍ଥୀମାନେ ଯେଉଁ ଭାବେ ନିର୍ବାଚନ ପାଇଁ ଅର୍ଥ ବିନିଯୋଗ କରୁଥିଲେ ସେଥିରେ ସେ ପଛରେ ପଡିଯାଇଥିବା ଚର୍ଚ୍ଚା ହୋଇଥିଲା। ପୂର୍ବରୁ କଂଗ୍ରେସର ୨୦ରୁ ୨୫ ପ୍ରତିଶତ ପକେଟ ଭୋଟ ଥିଲା। କଂଗ୍ରେସର ଦୁର୍ବଳ ସାଙ୍ଗଠନିକ ସ୍ଥିତି ଯୋଗୁ ଭୋଟ ହାର ହ୍ରାସ ପାଇଥିଲା। ଏଥିଯୋଗୁ ସେହି ଭୋଟ ଭାଜପା ପାଇଁ ବିଜୟର ବାଟ ଫିଟାଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ବିଜେଡି ତରଫରୁ ଜଣେ ଉପଯୁକ୍ତ ବରିଷ୍ଠ ପ୍ରାର୍ଥୀଙ୍କୁ ଚୟନ କରାଯାଇଥାନ୍ତା ଏବଂ ନିର୍ବାଚନ ସୁପରିଚାଳନା କରାଯାଇପାରିଥାନ୍ତା ତା'ହେଲେ ଦେବଗଡ଼ରେ ବିଜେଡି ବିଜୟୀ ହୋଇଥାନ୍ତା। ଏପଟେ ଜିଲା ବିଜେଡି ସଭାପତି କପରଦାରଙ୍କ ଇସ୍ତଫା ପରେ ଏବେ କିଏ ମଙ୍ଗ ଧରିବ ସେ ନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ପରାଜୟର କାରଣ ଖୋଜା ଚାଲିଛି। ଆଗକୁ ପୌର ନିର୍ବାଚନ ଅଛି। ଦଳ ଏବେଠୁ ନିଜର ସ୍ଥିତି ଉପରେ ନଜର ନ ଦେଲେ ପରିସ୍ଥିତି ଖରାପ ହେବ ବୋଲି ରାଜନୀତି ପ୍ରତି ରୁଚି ରଖିଥିବା ବ୍ୟକ୍ତିମାନେ କହିଛନ୍ତି। ପୂର୍ବତନ ବିଜେଡି ଜିଲା ସଭାପତି କପରଦାର କହିଛନ୍ତି, ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାରେ ବିଜେଡି ପଛରେ ପଡିଥିଲା। ଦୁର୍ବଳ ଓ ଦକ୍ଷତା ନ ଥିବା ପ୍ରାର୍ଥୀ ଯୋଗୁ ବିଜେଡି ଆଜି ପରାଜୟବରଣ କରିଛି। ଏ ନେଇ ପରାଜିତ ବିଜେଡି ପ୍ରାର୍ଥୀ ବିଶ୍ୱାଳ କହିଛନ୍ତି, ଦଳ ମୋତେ ଶେଷ ମୁହୂର୍ତ୍ତରେ ଟିକେଟ୍ ଦେଲା। ସେଥିପାଇଁ ମୁଁ ପ୍ରଚାର କରିବାକୁ ସମୟ ପାଇ ନ ଥିଲି। ଅନ୍ୟପକ୍ଷେ ଯେଉଁ ବ୍ୟକ୍ତିମାନେ ଟିକେଟ୍ ପାଇବା ପାଇଁ ଆଶା ବାନ୍ଧି ଥିଲେ ସେମାନେ ଦଳରୁ ଇସ୍ତଫା ଦେବା ପରେ ମୋ ହାରିବା ପାଇଁ ଚକ୍ରାନ୍ତ କରିଥିଲେ। ଏପରି ଅନ୍ତର୍ଘାତି କାର୍ଯ୍ୟ ପାଇଁ ବିଜେଡି ପରାସ୍ତ ହେଲା।

# SUNDAY classifieds




## BRIDE WANTED

Looking for Gauda educated beautiful girl for Software Professional in Bangalore from Sambalpur age 29 5'4". Contact: 8904203320. D-12913

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66139

## GROOM WANTED

କେନ୍ଦ୍ରାପଡ଼ା ସ୍ଥିତ 30 ବୟସ୍କା, ସୁନ୍ଦର, ଚାକିରିଆ ଛାଡ଼ପତ୍ର ପ୍ରାପ୍ତ ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-12931

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

**Innova, Bolero-SLX, Bolero Plus, Swift Dzire, Swift, WagonR, Scorpio, Elantra, Verna, Alto, Ritz, i10, i20, Nano and many more cars for sale, purchase, refinance with easy Bank finance. D.K. Motors, 640, Saheed Nagar. 9937515151, 8895299999.** D-65653




## SALE

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

2BHK apartment flat near Garage Chhak, Bhubaneswar-two, Contact: 8328890345. D-65649

1500sqft. (6nos), 2000sqft (7nos) mainroad side plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available- 8114744495, 8328943165. D-66485

Stithiban plot near Bigbazar, Patia to 3km Singada mouza 405 dcml Rs/- 12lakh. Contact: 8270495179. D-12900

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040/ 8144658008. D-12948

ଭୁବନେଶ୍ୱର ପିତାପଲ୍ଲୀ NH-16 (ଟାଟା Motors ସାମ୍ନା) ନିକଟରେ general ପ୍ଲଟ ଏବଂ କଣ୍ଟାବାଡ଼ଠାରେ 100ft ରାସ୍ତାକୁଲାଗି ଆଦିବାସୀ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। ଯୋଗାଯୋଗ: 8093636334. D-66486

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32lakhs. Contact - 9937059891, 8908292617.** D-12977

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12979

Booking simplex BJEM- (2) 1200 sqft land 7,20,000/- monthly installment 5,000/-, Badagada Canalroad, Tankapani road, Saitemple, plots available: 7735738102. D-12972

**30 ଫୁଟ୍ ସରକାରୀ ପିଚୁ ରୋଡ୍‌କୁ ଲାଗି Direct ownerଙ୍କ ଠାରୁ 17,500 sqft ସ୍ଥିତିବାନ plot ପଟ୍ଟା ଓ ପାଚେରି ସହିତ IIT Jatni, BBSR ରେ ବିକ୍ରି କରାଯିବ। Cost @ 30 lakh, Mob- 9938867397 (Only buyer contact).** D-12976

Land/plots available just 3km from Hi-tech square near Rajadhani Engineering College. Contact: 9040686695. D-62188

Book 3BHK flat at GGP Colony, Rasulgarh, near Palasuni canal road, 9439716901. D-66571

1750 sqft residential plot, near ITER College, Jagamara, Bhubaneswar, price: 52lakh, Mob: 9078151122. D-66572

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 9040643792, 7978637083. Email: landbank.19@gmail.com (Broker excuse) D-66558

Plot for sale at Bhubaneswar, near Retanga Station, near Gita College at Sundarpada and Jatani with 30' wide road and electrification. 7008683329, 9438382205, 9348243488. D-64973

212 decml yellowzone, gharabari, sthitiban plot at Sunderpur on Sikharchandi-Chandaka road @ 1250 per sqft. Contact: 9338342502. D-66561

8000 sqft (25 nos) farm house land in a pollution noise free atmosphere just 100k.m from BBSR. 8763244211. D-66901

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

**2600 sft. corner plot sale at SUM Hospital (CET College), Bhubaneswar, directly contact- Deepak: 9937329999.** D-66244

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66570

3BHK ready flat with car garage at mainroad side apartment near CIFA on Bhubaneswar-Puri Road. Price 36lakh. Contact: 8895301141. D-63951

**8000 sft plot at Satya Nagar, Bhubaneswar, directly buyer contact: Deepak: 9937329999 (Broker excuse).** D-66241

GA free hold land 2400 sqft at Bharatpur with booking builtup 2000 sqft duplex- 9937560970. D-66242

**2Bedroom ready to move flat at Pokhariput, Bhubaneswar. Genuine buyers directly contact- Deepak: 9937329999.** D-66245

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## PURCHASE

ବାରିପଦା ସହରର ଯେକୌଣସି ୱାର୍ଡ଼ରେ ରହିବା ପାଇଁ ଘର କିମ୍ବା ୫ ଡିସିମିଲରୁ ୮ ଡିସିମିଲ ଜମି (ଘରଡିହ) ଆବଶ୍ୟକ। ବିକ୍ରି କରିବାକୁ ଚାହୁଁଥିବା ଇଚ୍ଛୁକ ଜମି ମାଲିକ ବା ଘର ମାଲିକ ଯୋଗାଯୋଗ କରନ୍ତୁ। Contact: 7537846977. D-12911




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-12978

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




**750 sqft. commercial shop @ 640, Saheed Nagar, Bhubaneswar for any purpose. 9439198640, 7377237874.** D-65652

Around 1200 sqft area 1st floor near Sainik School, DL-15, VSS Nagar, Bhubaneswar available on rent for Banks/ offices. Contact: 7855930192, 9861134232. D-65654

Laxmi Sagar plot-236 Sarala Nagar, Jayaguru Bhawan 2 rooms, kitchen, 1 bathroom, dinning 2floor. 9438505751, 9583164951. D-12988

17'x10' & 25'x21' shop, furnished, mainroad, Sahidnagar, Bhubaneswar, 9438344444. D-12990

## ACCOMMODATION

1500 sqft hall (1st floor) available at Tankapani road/ BBSR for rent. For commercial/ office. Contact- 9238306766. D-12946




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Summer special mesmerizing offer expert therapeutic refreshing massage appointment. 9668374480. D-66560

Full body massage with refreshment, expert therapist. 7381239385, 0674-2540855. D-66566

Experience full body massage with us (expert). Call: 7377048581, 0674- 2597822. D-66567

Herbal full body massage by smart/expert therapist. Contact: 8338067247. D-66568

Newly opening ayurvedic body massage smart therapist, Shree herbal. 7750020754. D-66569

## AFFIDAVIT

By Virtue of an affidavit before Notary, Bhubaneswar, I Rupali Sahu aged about 20 years, D/o. Sanjay Kumar Sahu resident of Matru Kripa, Satyanagar Chhaka, Sidha Mahaveer, Puri, it is notified for the information that my Original Qualifying Examination Certificate of Main Senior Secondary Examination of year 2017 and Roll No. 6609709 issued by CBSE has been actually destroyed. Contact No. 9437553999. D-63776

**Your Classified Advertisement published in Dharitri will be listed free in Dharitri Online Edition: www.dharitri.com**

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob-9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Kalinga Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob-9437211887

**TAMANNA COMMUNICATION**
Plot-2132/ 4177(B), Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987


**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph-2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୌଭାଗ୍ୟଲକ୍ଷ୍ମୀ ପାତ୍ର**
ସ୍ଥାନ: ବାଲିଅନ୍ତା (ଡାମରା)
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୨୮।୦୫।୨୦୧୮
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
**ଶୋକାକୁଳ:**
ସ୍ୱାମୀ, ପୁତ୍ର, ଝିଅ, ଜ୍ୱାଇଁ, ନାତୁଣୀ, ବନ୍ଧୁ ଓ ଗ୍ରାମବାସୀ ବୃନ୍ଦ।
ଧ-୬୬୪୮୭

**୧୮ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୀତାନାଥ ଜେନା (ବାବାଜୀ)**
ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୪୧
ତିରୋଧାନ: ୦୫।୦୬।୨୦୦୧
ଚାହୁଁ ଚାହୁଁ ୧୮ ବର୍ଷ ପୂରିଲା ତଥାପି ଲାଗୁଛି ଆପଣ ଆମ ପାଖରେ ଅଛନ୍ତି। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଗୁରୁଙ୍କ ନିକଟରେ ପ୍ରାର୍ଥନା ତୁମରି ମହାନ୍ ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ନିଃସ୍ୱାର୍ଥପର ଜନସେବା ଆମ ଚଲାପଥରେ ପାଥେୟ ହେଉ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଏବଂ ପଟିଆଗଡ଼ ଅଞ୍ଚଳବାସୀ। ପତ୍ନୀ: ଭାନୁମତୀ, ପୁତ୍ର: ପ୍ରମୋଦ, ଟିକିନା, ପଟିଆ, ପୁତ୍ରବଧୂ: ସୀମା, ମୁଲୁ, ସସ୍ମିତା, ଝିଅ: ମାମୀ, ସମୀ, ରୋଜି, କାଳୀ, ଜ୍ୱାଇଁ: ମଣ୍ଟୁ, ନିଲୁ, ରଞ୍ଜୁ, ରଞ୍ଜନ, ନାତି/ ନାତୁଣୀ ବୋହୂ: ରାଜା, ଭିକି, ଗୁଡ୍ଡୁ/ମିକି, ଜିନା, ସୋନାଲି, ନାତୁଣୀ/ ନାତୁଣୀ ଜ୍ୱାଇଁ: ରିଙ୍କି, ପବୀର, ନାତି: ଲୁଡୁ, ଶୁଭ୍ର, ଦୀପୁ, ସିପୁ, ସୋମୁ, ରୋମୁ, ଓମ୍, ନାତୁଣୀ: ବିଧି, ରୀତି, ରିଶା, ରିୟା, ଅଣନାତି/ ନାତୁଣୀ: ଅଂଶ, ସାଇନା।
ଧ-୫୯୫୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପୁଷ୍ପଲତା ସାହୁ**
ଗାନ୍ଧୀନଗର, ପ୍ରଥମ ଲାଇନ, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୯।୦୮।୧୯୫୬
ତିରୋଧାନ: ୨୬।୦୬।୨୦୧୮
ତୁମେ ଆମକୁ ଛାଡ଼ି ଚାଲିଗଲ। ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ତୁମ ସ୍ମୃତି ଏବଂ ତୁମ ସହ ଜୀବନ ବିତାଇବା ସ୍ମୃତିରେ ତୁମେ ଆମ ସହିତ ସବୁଦିନ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାର ଓ ବନ୍ଧୁବର୍ଗ
ଧ-୬୬୬୦୧



❝ ଭାରତ ପ୍ୟାରିସ୍ ଚୁକ୍ତିକୁ କାର୍ଯ୍ୟକାରୀ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଦେଶ ବିଶ୍ୱର ସର୍ବବୃହତ ଅକ୍ଷୟଶକ୍ତି ପ୍ରକଳ୍ପ ବିସ୍ତାର କାର୍ଯ୍ୟକ୍ରମ ହାତକୁ ନେଇଛି।
– ଆର୍.କେ.ସିଂ, କେନ୍ଦ୍ର ଶକ୍ତିମନ୍ତ୍ରୀ



❝ କର୍ମଚାରୀଙ୍କ ସର୍ବନିମ୍ନ ଦରମା ମାସକୁ ୨୦ ହଜାର ଏବଂ ସର୍ବନିମ୍ନ ମାସିକ ପେନ୍‌ସନ ୬ ହଜାର ଟଙ୍କା କରିବାକୁ ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି।
– ଅମରଜିତ୍ କୌର, ଏଆଇଟିୟୁସି ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ରବି ମିଶ୍ର ଆର୍‌ବିଆଇର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର



**ମୁମ୍ବାଇ,୧୫-୬:** ଓଡ଼ିଶାର ଡ. ରବି ଏନ. ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ ରିଜର୍ଭ ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଛି। ରୋଜମେରୀ ସେବାଷ୍ଟିଆନଙ୍କ ଅବସର ପରେ ଏହି ପଦଟି ଦୀର୍ଘଦିନ ହେଲା ଖାଲି ପଡ଼ିଥିଲା। ଏଥିପୂର୍ବରୁ ମିଶ୍ର କେନ୍ଦ୍ରୀୟ ବ୍ୟାଙ୍କର ରିସ୍କ ମ୍ୟାନେଜମେଣ୍ଟ ଡିପାର୍ଟମେଣ୍ଟର ପ୍ରିନ୍ସିପାଲ ଚିଫ୍ ଜେନେରାଲ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଉଥିଲେ। ଆର୍‌ବିଆଇ ଦ୍ୱାରା ନିକଟରେ ସୃଷ୍ଟି କରାଯାଇଥିବା ସ୍ୱତନ୍ତ୍ର ସୁପରଭାଇଜରୀ ଏବଂ ରେଗୁଲେଟୋରୀ କ୍ୟାଡର ନିରୀକ୍ଷଣ ଦାୟିତ୍ୱରେ ସେ ରହିବେ। ଚେନ୍ନାଇରେ ମେ ୨୧ରେ ଅନୁଷ୍ଠିତ ଆର୍‌ବିଆଇ ବୋର୍ଡ ବୈଠକରେ ନୂଆ ସ୍ୱତନ୍ତ୍ର କ୍ୟାଡର ଗଠନ ନେଇ ନିଷ୍ପତ୍ତି ନିଆଯାଇଥିଲା। ସେ ନୂତନ ଦାୟିତ୍ୱ ସହ କୋଅପରେଟିଭ ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀଙ୍କ କାର୍ଯ୍ୟକୁ ମଧ ତଦାରଖ କରିବେ। ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ବ୍ୟାଙ୍କରେ ଚିଫ୍ ଫାଇନାନ୍ସିଆଲ ଅଫିସରଙ୍କ ସହ ୧୨ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିଛନ୍ତି। ଏଥିମଧ୍ୟରୁ ୫ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପଦ ଖାଲି ପଡ଼ିଥିବାରୁ ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ପଦୋନ୍ନତି ଦିଆଯାଇ ଏହାକୁ ପୂରଣ କରାଯିବ। ଏହିକ୍ରମରେ ମିଶ୍ରଙ୍କୁ ପ୍ରଥମେ ନିଯୁକ୍ତି ଦିଆଯାଇଛି।

### ଏଟିଏମ୍‌ର ସୁରକ୍ଷା ପାଇଁ ଗାଇଡ୍‌ଲାଇନ ଜାରି



**ନୂଆଦିଲ୍ଲୀ,୧୫-୬:** ଏଟିଏମର ସୁରକ୍ଷା ବୃଦ୍ଧି ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗାଇଡ୍‌ଲାଇନ ଜାରି କରିଛି। ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଏହାକୁ ଲାଗୁ କରିବା ଲାଗି ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଫଳ ହେଲେ ସେମାନଙ୍କୁ ଜରିମାନା ଦେବାକୁ ହେବ ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଏଟିଏମ୍ ମେଶିନକୁ କାନ୍ଥ, ମେଜିଆ ଅଥବା ପିଲର୍ ସହିତ ସଂଯୁକ୍ତ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅତ୍ୟନ୍ତ ସୁରକ୍ଷିତ ସ୍ଥାନ କୁହାଯାଉଥିବା ବିମାନବନ୍ଦରରେ ଥିବା ଏଟିଏମ୍‌କୁ ଏହି ସୁରକ୍ଷା ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରିଜର୍ଭ ବ୍ୟାଙ୍କ ୨୦୧୬ରେ ଏଟିଏମ୍ ସୁରକ୍ଷାର ସମସ୍ତ ଦିଗକୁ ସମୀକ୍ଷା କରିବା ଲାଗି ନଗଦ ଅର୍ଥକୁ ନେବା ଆଣିବା ନେଇ ଏକ କମିଟି (ସିସିଏମ୍) ଗଠନ କରିଥିଲା। କମିଟିର ସୁପାରିସ୍ ଆଧାରରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ନଗଦ ରଖିବା ଲାଗି ଏଟିଏମ୍‌ର ପରିଚାଳନା କେବଳ ଡିଜିଟାଲ ୱାନ୍ ଟାଇମ୍ କମ୍ବିନେଶନ(ଓଟିସି) ଲକ୍ ଜରିଆରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଛଡା ଏଟିଏମ୍ ଉପରେ ନଜର ରଖିବା ଲାଗି ବୃହତ୍ ନଜର ରଖିବା ପ୍ରଣାଳୀ ସଂକ୍ରାନ୍ତରେ ବ୍ୟାଙ୍କଗୁଡ଼ିକ ବିଚାର କରିବାକୁ ଆର୍‌ବିଆଇ କହିଛି। ଏହାଦ୍ୱାରା ଯେକୌଣସି ସଙ୍କଟ ସମ୍ପର୍କରେ ପୂର୍ବରୁ ଚେତାବନୀ ମିଳିଯିବ।

### ବାଣିଜ୍ୟ ନିଅଣ୍ଟ ୬ ମାସର ସର୍ବୋଚ୍ଚ ସ୍ତରରେ

**ନୂଆଦିଲ୍ଲୀ,୧୫-୬:** ଦେଶର ରପ୍ତାନି ମେ’ରେ ୩.୯୩ ପ୍ରତିଶତ ବଢ଼ି ୩୦ ବିଲିୟନ ଡଲାରରେ ପହଞ୍ଚିଯାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ତଥ୍ୟ ଅନୁସାରେ ଇଲେକ୍ଟ୍ରୋନିକ୍ସ ଓ ରସାୟନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ଯୋଗୁ ରପ୍ତାନି ବୃଦ୍ଧି ପାଇଛି। ତେବେ ଏହି ସମୟରେ ବାଣିଜ୍ୟ ନିଅଣ୍ଟ ପରିମାଣ ୬ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଇଛି। ତଥ୍ୟ ଅନୁଯାୟୀ, ମେ’ରେ ଆମଦାନୀ ୪.୩୧ ପ୍ରତିଶତ ବଢ଼ି ୪୫.୩୫ ବିଲିୟନ ଡଲାର ହୋଇଛି। ଏହି ଅବଧିରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇ ୧୫.୩୬ ବିଲିୟନ ଡଲାର ହୋଇଛି। ଗତବର୍ଷ ଏହି ସମୟରେ ବାଣିଜ୍ୟ ନିଅଣ୍ଟ ପରିମାଣ ୧୪.୬୨ ବିଲିୟନ ଡଲାର ଥିଲା। ଏହି ସମୟରେ ସୁନା ଆମଦାନୀ ୩୭.୪% ବୃଦ୍ଧି ପାଇଥିବା ବେଳେ ଅଶୋଧିତ ତେଲ ଆମଦାନୀ ୮.୨% ବଢ଼ିଥିବା ଦେଖିବାକୁ ମିଳିଥିଲା। ଆମେରିକା ଓ ଚାଇନା ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା କାରଣରୁ ତେଲ ଆମଦାନୀ ପ୍ରଭାବିତ ହୋଇଛି। ତେବେ ୫୪.୯% ଅନ୍ୟ ଖାଦ୍ୟଶସ୍ୟ, ୨୦.୭% କାଜୁ, ୧୩.୭% ଚାଉଳ, ୧୦.୬ % ମାଂସ ଓ ଡେଏରୀ ଉତ୍ପାଦ, ୫.୯% ସାମୁଦ୍ରିକ ଉତ୍ପାଦ, ହ୍ୟାଣ୍ଡଲୁମ୍ ଓ ତୁଳା ବ୍ୟତୀତ ୩.୭୯% ତନ୍ତୀକୁ ଉତ୍ପାଦ ରପ୍ତାନି ହ୍ରାସ ପାଇଛି।

# ମେଟ୍ରୋ ରେଳଯାତ୍ରା ପାଇଁ ଆସିବ ଏକକ କାର୍ଡ

**ନୂଆଦିଲ୍ଲୀ,୧୫-୬**

- ପ୍ରଚଳନରେ ରହିଛି ୱାନ ନେଶନ-ୱାନ୍ କାର୍ଡ
- କ୍ୟୁଆର୍ କୋଡ୍ ପେପର ସ୍ଲିପ୍ ବ୍ୟବହାର ହେବ
- ୬ ମାସ ଭିତରେ ଲଞ୍ଚ ହେବ ନୂଆ କାର୍ଡ
- ଏବେ ଟୋକନ ବ୍ୟବହାର କରୁଛନ୍ତି ଯାତ୍ରୀ



ସାରା ଦେଶର ମେଟ୍ରୋ ରେଳଯାତ୍ରୀଙ୍କ ଲାଗି କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଏକ ନୂଆ ଏକକ କାର୍ଡ ଆଣିବାକୁ ଯାଉଛନ୍ତି। ଏହାଦ୍ୱାରା ଦେଶର ସମସ୍ତ ମେଟ୍ରୋ ରେଳରେ ଯାତ୍ରା କରିହେବ। ଏହା ପ୍ରଚଳନରେ ଥିବା ୱାନ୍ ନେଶନ-ୱାନ୍ କାର୍ଡଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ୱାନ୍ ନେଶନ-ୱାନ୍ କାର୍ଡ ଲାଗି ଗ୍ରାହକଙ୍କୁ କେୱାଇସି ଦାଖଲ କରିବାକୁ ପଡିଥାଏ। ଏହାଛଡ଼ା ଯାତ୍ରୀଙ୍କୁ ମେଟ୍ରୋ ରେଳରେ ଯାତ୍ରା କରିବା ଲାଗି ଟୋକନ ବ୍ୟବସ୍ଥାର ସହାୟତା ନେବାକୁ ପଡିଥାଏ। ତେବେ ନୂଆ ବ୍ୟବସ୍ଥାରେ ଲୋକେ କ୍ୟୁଆର୍ କୋଡ୍ ଥିବା ପେପର ସ୍ଲିପ୍ ବ୍ୟବହାର କରିପାରିବେ। ମିଡିଆ ରିପୋର୍ଟ ଅନୁଯାୟୀ, ଏବେ ଲୋକଙ୍କୁ ଗୋଟିଏ ସହରରୁ ଅନ୍ୟ ସହରକୁ ଯିବା ଲାଗି ସ୍ୱତନ୍ତ୍ର କାର୍ଡ ନେବାକୁ ପଡିଥାଏ। ତେବେ ସରକାର ଆଣିବାକୁ ଥିବା ନୂଆ କାର୍ଡକୁ ଦେଶର ଯେକୌଣସି ମେଟ୍ରୋ ନେଟ୍‌ୱାର୍କରେ ବ୍ୟବହାର କରିହେବ। କିନ୍ତୁ ଏଥିପାଇଁ କାଉଣ୍ଟରରେ ରିଚାର୍ଜ କରିବାକୁ ପଡିବ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ବିଦେଶୀ ଯାତ୍ରୀ ପାସପୋର୍ଟ ଏବଂ ଘରୋଇ ଯାତ୍ରୀ ଆଧାର କାର୍ଡ ଅଥବା ଅନ୍ୟ କୌଣସି ପରିଚୟପତ୍ର ଜରିଆରେ ଏହି କାର୍ଡ ପାଇପାରିବେ। ସରକାର ଏହି କାର୍ଡକୁ ଆସନ୍ତା ୬ ମାସ ମଧ୍ୟରେ ଲଞ୍ଚ କରିବେ। ଏବେ ୱାନ୍ ନେଶନ-ୱାନ୍ କାର୍ଡ ପାଇବା ଲାଗି ଯାତ୍ରୀଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେମାନଙ୍କୁ କେୱାଇସି ଦାଖଲ କରିବା ପରେ ହିଁ ବ୍ୟାଙ୍କ ଏହି କାର୍ଡ ଜାରି କରିଥାଏ। ଦେଖିବାରେ ଏହା ଗୋଟିଏ ଡେବିଟ୍ ଅଥବା କ୍ରେଡିଟ୍ କାର୍ଡ ଭଳି ଲାଗେ। ଏହି କାର୍ଡ ଜରିଆରେ ଯାତ୍ରା ସହିତ ଶପିଙ୍ଗ୍ ମଧ କରିହୁଏ। ଏହି କାର୍ଡର ଡିଜାଇନ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ତିଆରି କରୁଛି। ଡିଜାଇନ ଏବଂ ସମସ୍ତ ସ୍ପେଶିଫିକେଶନକୁ ଏହା ପରେ ସିଡାକ୍‌କୁ ଅର୍ପଣ କରାଯିବ। ଏହି କାର୍ଡକୁ ପରେ ଦେଶର ସମସ୍ତ ମେଟ୍ରୋ ରେଳ ନେଟ୍‌ୱାର୍କରେ ଅପ୍‌ଲୋଡ କରାଯିବ। କାରଣ ବିଭିନ୍ନ ଅଞ୍ଚଳର ମେଟ୍ରୋର ଯାତ୍ରୀ ଭଡ଼ା ଅଲଗା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ସମସ୍ତ ମେଟ୍ରୋ ନେଟ୍‌ୱାର୍କ ନିଜର ସ୍ମାର୍ଟ କାର୍ଡ ପ୍ରଚଳନ କରିଛନ୍ତି। ଯାହା କି, କେବଳ ତାଙ୍କର ନେଟ୍‌ୱାର୍କରେ ହିଁ ଚାଲିପାରିବ। ଏହାବ୍ୟତୀତ ପ୍ରତ୍ୟେକ ନେଟ୍‌ୱାର୍କ ଟୋକନ ଜାରି କରିଥାଏ, ଯେଉଁଥିରେ ଭିନ୍ନତା ରହିଛି। ସ୍ମାର୍ଟ କାର୍ଡ ନ ଥିବା ଯାତ୍ରୀ ଟୋକନ ମାଧ୍ୟମରେ ମେଟ୍ରୋରେ ଯାତ୍ରା କରିଥାନ୍ତି। ଏଭଳି ଯାତ୍ରୀଙ୍କୁ କ୍ୟୁଆର୍ କୋଡ୍ ଥିବା ପେପର ସ୍ଲିପ୍ ଦିଆଯିବ।

# ରିୟଲମିର ନୂଆ ସି୨



**ଭୁବନେଶ୍ୱର,୧୫-୬(ବ୍ୟୁରୋ)**

**ପ୍ରମୁଖ ଫିଚର**
- ୪୦୦୦ ଏମ୍‌ଏଏଚ୍ ବ୍ୟାଟେରି
- ଡାଇମଣ୍ଡ ୩ଡି କଟ୍ ଡିଜାଇନ
- ୩ କଲ୍‌ର ଭାରିଆଣ୍ଟ,୬.୨ ଇଞ୍ଚ ସ୍କ୍ରିନ
- ୧୩+୨ ମେଗାପିକ୍ସେଲ କ୍ୟାମେରା
- ୨୫୬ ଜିବି ପର୍ଯ୍ୟନ୍ତ ଏକ୍ସପାଣ୍ଡେବଲ

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ଓଡ଼ିଶା ବଜାରରେ ନୂଆ ସି୨ ସ୍ମାର୍ଟଫୋନ ମଡେଲର ପ୍ରବେଶ କରାଯାଇଛି। ସ୍ଥାନୀୟ ଶହୀଦନଗରସ୍ଥିତ ଲକ୍ଷ୍ମୀ ମୋବାଇଲ ଏବଂ ନୟାପଲ୍ଲୀ ଇନ୍ଦ୍ରଧନୁ ମାର୍କେଟର ଟି-ସିରିଜ ଷ୍ଟୋରରେ ନୂଆ ମଡେଲଟିର ଉନ୍ମୋଚନ ହୋଇଥିଲା। ରିୟଲମିର ଓଡ଼ିଶା ସେଲ୍‌ସ ମୁଖ୍ୟ ନିଷ୍କଳଙ୍କ ମହାନ୍ତି, କମ୍ପାନୀର ସୁପରଷ୍ଟକିଷ୍ଟ ସୁମିତ କୁମାର ଅଗ୍ରୱାଲ, ଲକ୍ଷ୍ମୀ ମୋବାଇଲ ଓନର ଟି.ନକୁଳ ସୁବୁଦ୍ଧି, ଟି-ସିରିଜ ଷ୍ଟୋର ଓନର ଦେବାନନ୍ଦ ମିଶ୍ର ଏବଂ (ଡି.ବି.) ବାଣୀଭୂଷଣ ବାରିକ ଏହାର ବଜାର ପ୍ରବେଶ କରାଇଛନ୍ତି। ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ସର୍ବୋତ୍ତମ ଫିଚରଯୁକ୍ତ ମଡେଲ ଯୋଗାଣ ନେଇ ଏହାର ଶୁଭାରମ୍ଭ କରାଯାଇଥିବା ରାଜ୍ୟମୁଖ୍ୟ ନିଷ୍କଳଙ୍କ ମହାନ୍ତି କହିଛନ୍ତି। ଏହା ସାରା ରାଜ୍ୟର ୧୭୦ରୁ ଊର୍ଦ୍ଧ୍ୱ ଆଉଟଲେଟରେ ଉପଲବ୍ଧ ହେବ। ଆଗାମୀ ୧୫ ଦିନ ମଧ୍ୟରେ ୩ ହଜାର ୟୁନିଟ ବିକ୍ରୟ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ଅନଲାଇନରେ ଉପଲବ୍ଧ ହୋଇଥିବା ବେଳେ ଭଲ ବିକ୍ରି ରେସପନ୍ସ ପାଇଛି। ମଡେଲଟିର ଅଫଲାଇନ ଉପସ୍ଥିତି ଉନ୍ନତ ରହିବ ବୋଲି ମହାନ୍ତି ଆଶା ପ୍ରକଟ କରିଛନ୍ତି। ମଡେଲଟିର ବଜାର ଦର ୫୪୪୯ ଟଙ୍କାରୁ ୭,୯୯୯ ଟଙ୍କା ରହିଛି। ଏହା ୨ଜିବି+୧୬ ଜିବି, ୨ଜିବି+୩୨ ଜିବି ଏବଂ ୩ଜିବି+୩୨ ଜିବି ଭାରିଆଣ୍ଟରେ ଉପଲବ୍ଧ।


# ଟ୍ରେନ୍‌ରେ ମସାଜ ପ୍ରସ୍ତାବ ପ୍ରତ୍ୟାହାର

**ନୂଆଦିଲ୍ଲୀ,୧୫-୬**



ଭାରତୀୟ ରେଲୱେ ପକ୍ଷରୁ ଟ୍ରେନରେ ଯାତ୍ରୀଙ୍କୁ ମସାଜ ଦେବା ନେଇ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏହାକୁ ପଶ୍ଚିମ ରେଲୱେ ପ୍ରତ୍ୟାହାର କରିନେଇଛି। ମଧ୍ୟପ୍ରଦେଶର ରାଜଧାନୀ ଇନ୍ଦୋରଠାରୁ ଚାଲିବାକୁ ଥିବା ୩୯ ଟ୍ରେନରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରେଲୱେର ଏହି ବ୍ୟବସ୍ଥାକୁ ସମାଜର ବିଭିନ୍ନ ବର୍ଗର ଲୋକେ ବିରୋଧ କରିବା ପରେ ରେଲୱେ ଏହାକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଛି। ଏହାକୁ ଲୋକ ସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ ବିରୋଧ କରିଛନ୍ତି। ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସେ ଏ ସମ୍ପର୍କରେ ପତ୍ର ଲେଖିଛନ୍ତି। ମହିଳା ଯାତ୍ରୀଙ୍କ ସମ୍ମୁଖରେ ଏଭଳି ସେବା ଯୋଗାଣ ଭାରତୀୟ ସଂସ୍କୃତିର ବିରୋଧାଚରଣ କରୁଛି ବୋଲି ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସୂଚନାଥାଉ କି, ଏଥିପୂର୍ବରୁ ଇନ୍ଦୋରର ଭାଜପା ସାଂସଦ ଶଙ୍କର ଲାଲବାନୀ ମଧ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରେଳଯାତ୍ରୀଙ୍କୁ ଜରୁରୀକାଳିନ ମେଡିକାଲ ସୁବିଧା ଏବଂ ଡାକ୍ତର ଉପଲବ୍ଧ କରାଯିବା ଉଚିତ୍ ବୋଲି ଲାଲବାନୀ କହିଥିଲେ। ଏଭଳି ନିମ୍ନସ୍ତରର ସେବା ଯୋଗାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଲାଲବାନୀଙ୍କ ବକ୍ତବ୍ୟ ସହ ଏକମତ ହୋଇଥିବା ସୁମିତ୍ରା ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ଭବିଷ୍ୟତରେ ରେଳଯାତ୍ରୀଙ୍କୁ ଉତ୍କୃଷ୍ଟମାନର ସେବା ଯୋଗାଇବା ଉପରେ ରେଲୱେ ଧ୍ୟାନ ଦେବା ଆବଶ୍ୟକ। ସୂଚନାଥାଉ କି, ରେଳଯାତ୍ରୀଙ୍କୁ ଏଭଳି ସୁବିଧା ଯୋଗାଇ ରେଲୱେ ପ୍ରତିବର୍ଷ ପ୍ରାୟ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ରାଜସ୍ୱ ଆୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିଯୋଗୁ ଅତିରିକ୍ତ ୯୦ ଲକ୍ଷ ଟିକେଟ ବିକ୍ରି ହେବ ବୋଲି ଅନୁମାନ କରାଯାଉଛି।

# ନରେଶ ଗୋୟଲଙ୍କୁ ଆଇଟି ସମନ୍



**ନୂଆଦିଲ୍ଲୀ,୧୫-୬**

ଜେଟ୍ ଏୟାରୱେଜ୍‌ର ପ୍ରମୋଟର ନରେଶ ଗୋୟଲଙ୍କ କଥିତ ଟିକସ ଫାଙ୍କି ମାମଲାରେ ଜେରା ପାଇଁ ଆୟକର(ଆଇଟି) ବିଭାଗ ପକ୍ଷରୁ ସମନ୍ ଜାରି କରାଯାଇଛି। କମ୍ପାନୀ ବନ୍ଦ ହୋଇଯିବା ପରେ ଏଥିରେ ହୋଇଥିବା ଅନିୟମିତତା ନେଇ ଆୟକର ବିଭାଗ ପକ୍ଷରୁ ଗୋୟଲଙ୍କୁ ପ୍ରଥମଥର ସମନ ପଠାଯାଇଛି। ବିଭାଗର ଯାଞ୍ଚ ଶାଖା ଗତବର୍ଷ ଏୟାରଲାଇନର ମୁମ୍ବାଇସ୍ଥିତ ଅଫିସରେ ଖାନତଲାସ ବେଳେ ଅନେକ ଦସ୍ତାବିଜ ଜବତ କରିଥିଲା। ଫେବୃୟାରୀରେ ଏହାର ତର୍ଜମା ସମ୍ପୂର୍ଣ୍ଣ କରାଯିବା ପରେ ଆସେସ୍‌ମେଣ୍ଟ ୱିଙ୍ଗ ନିକଟକୁ ରିପୋର୍ଟ ପଠାଯାଇଥିଲା। ଟିକସ ଫାଙ୍କି ଲାଗି ଜେଟ୍ ଏୟାରୱେଜ୍ ଏବଂ ଦୁବାଇସ୍ଥିତ ଗ୍ରୁପ୍ କମ୍ପାନୀ ମଧ୍ୟରେ ହୋଇଥିବା ନେଣଦେଣ ହୋଇଥିଲା। ୬୫୦ କୋଟି ଟଙ୍କାର ଟିକସ ଫାଙ୍କି ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଯାଞ୍ଚରୁ ଜଣାପଡିଥିଲା ଯେ, ଜେଟ୍ ଏହାର ଦୁବାଇସ୍ଥିତ ନିଜର ଜେନେରାଲ ସେଲ୍ସ ଏଜେଣ୍ଟଙ୍କୁ କମିଶନ ପଠାଉଥିଲା। ଯାହା କି ଗ୍ରୁପ୍‌ର ଏକ ୟୁନିଟ ରହିଛି। ଏହି କଥିତ ନେଣଦେଣ ନେଇ କମ୍ପାନୀଠାରୁ ସ୍ପଷ୍ଟୀକରଣ ମଗାଯାଇଛି।

# ବିଏସ୍-୬ ପ୍ରମାଣପତ୍ର ଲାଭକଲା ହିରୋ



**ନୂଆଦିଲ୍ଲୀ,୧୫-୬**

ହିରୋ ମୋଟୋକର୍ପ ଦେଶର ପ୍ରଥମ କମ୍ପାନୀ ଭାବେ ଏହାର ଦୁଇଚକିଆ ଯାନ ଲାଗି ବିଏସ୍-୬ ପ୍ରମାଣପତ୍ର ଲାଭ କରିଛି। କମ୍ପାନୀର ସ୍ପ୍ଲେଣ୍ଡର ଆଇସ୍ମାର୍ଟ ମୋଟରସାଇକେଲ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକ୍ନୋଲୋଜି ପକ୍ଷରୁ ଟାଇପ ଆପ୍ରୁଭାଲ ପ୍ରମାଣପତ୍ର ଲାଭ କରିଛି। କମ୍ପାନୀର ଏହି ମଡେଲ ବିଏସ୍-୬ ନିର୍ଗମନ ନିୟମ ଅନୁପାଳନ ପରୀକ୍ଷାରେ ସଫଳ ହୋଇଛି। ମଡେଲଟିକୁ କମ୍ପାନୀର ଗବେଷଣା ଏବଂ ଉନ୍ନତୀକରଣ ହବ ସେଣ୍ଟର ଅଫ୍ ଇନୋଭେଶନ ଏବଂ ଟେକ୍ନୋଲୋଜି (ଆଇସିଏଟି) ଜୟପୁର ଠାରେ ପ୍ରସ୍ତୁତ କରାଯାଇଛି। ଏହି ପ୍ରମାଣପତ୍ର ଲାଗି ଆଇସିଏଟି ନିର୍ଦ୍ଦେଶକ ଦିନେଶ ତ୍ୟାଗୀ ହିରୋ ମୋଟୋକର୍ପକୁ ଶୁଭେଚ୍ଛା ଜଣାଇଛନ୍ତି।


# ଜେଇଇ ଆଡଭାନ୍ସରେ ଫିଟ୍‌ଜୀ ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା



**ଭୁବନେଶ୍ୱର,୧୫-୬(ବ୍ୟୁରୋ)**

ଶୁକ୍ରବାର ପ୍ରକାଶିତ ଜେଇଇ ଆଡଭାନ୍ସରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସବୁବର୍ଷ ଭଳି ଚଳିତ ବର୍ଷ ମଧ ଅନୁଷ୍ଠାନର କଟକ ଏବଂ ଭୁବନେଶ୍ୱର ସେଣ୍ଟରର ଛାତ୍ରୀଛାତ୍ର ସଫଳତା ଧାରା ବଜାୟ ରଖିବାକୁ ସକ୍ଷମ ହୋଇଥିବା ଫିଟ୍‌ଜୀ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରାଣାଜୟ ବର୍ଦ୍ଧନ କହିଛନ୍ତି। ପ୍ରତିଷ୍ଠାନର ୪ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମ ଛାତ୍ର ସାୟନ୍ତନ ଧର ସର୍ବଭାରତୀୟ ର୍ୟାଙ୍କ ୫୧ତମ ସ୍ଥାନରେ ରହିଛନ୍ତି। ସେହିଭଳି ୫୮ତମ ସ୍ଥାନରେ ଥିବା ଶିବାଶିଷ ନାୟକ ଏବଂ ୮୩ତମ ସ୍ଥାନରେ ଥିବା ପ୍ରତୀକ ଚୌଧୁରୀ ମଧ ୪ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମର ଛାତ୍ର। ଫିଟ୍‌ଜୀର ଦୁଇ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମର ଛାତ୍ର ପୋଷନ ମହାପାତ୍ର ୫୯୬ ତମ ର୍ୟାଙ୍କ, ୬୬୦ରେ ହର୍ଷ କୁମାର, ୭୧୩ରେ ରୋମିତ ମହାନ୍ତି ଏବଂ ୮୦୩ ର୍ୟାଙ୍କରେ କୌସ୍ତୁଭ କୁମାର ରହିଛନ୍ତି। ସ୍ୱତନ୍ତ୍ର ଟ୍ରେନିଂ ପଦ୍ଧତି, ପ୍ୟାଟର୍ନ ପ୍ରୁଫ ଷ୍ଟଡି ପ୍ୟାକେଜ, ମାସିକ ଏବଂ ଅଲ୍ ଇଣ୍ଡିଆ ଟେଷ୍ଟ ସିରିଜ ଭଳି ଯୋଜନା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଥିବା ଫିଟ୍‌ଜୀ ସୂଚନା ଦେଇଛି। ଫିଟଜୀ ଓଡ଼ିଶା ଅପରେଶନର ମେଣ୍ଟର ପି.କେ.ଦାସ ସଫଳ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଥିଲେ।

# କମୁଛି ତେଲ ଚାହିଦା, ଧିମାଉଛି ଅର୍ଥନୀତି



**ନୂଆଦିଲ୍ଲୀ,୧୫-୬**

ଦେଶର ଇନ୍ଧନ(ତେଲ) ଚାହିଦା ମେ’ରେ ଅପରିବର୍ତ୍ତିତ ରହିଛି। ପୂର୍ବବର୍ଷ ଯାହା ଚାହିଦା ଥିଲା ଚଳିତ ବର୍ଷ ଏହି ଅବଧିରେ ତାହା ରହିଥିବାରୁ ଦେଶର ଅର୍ଥନୀତିର ବିକାଶ ହାର ଧିମେଇବାରେ ଲାଗିଛି ବୋଲି ସଙ୍କେତ ମିଳୁଛି। ଔଦ୍ୟୋଗିତ ଉତ୍ପାଦନ ଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଧିମା ହେବାରେ ଲାଗିଛି ବୋଲି ଜଣାପଡିଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍‌ର ଡାଟା ଅନୁଯାୟୀ ମେ’ରେ ଦେଶର ତୈଳ ଚାହିଦା ୧୮.୬୧ ମିଲିୟନ ଟନ୍ ଥିଲା। ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସରେ ଦେଶର ବିକାଶ ହାର ୫.୮% ରହିଛି, ଯାହା କି, ଗତ ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଅଟୋମୋବାଇଲ ବିକ୍ରି, ରେଳ ପରିବହନ ଏବଂ ଘରୋଇ ବିମାନ ଯାତ୍ରା ହ୍ରାସ ପାଇବାରୁ ଏହା ସ୍ପଷ୍ଟ ଯେ,ଦେଶର ଚାହିଦା କମିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ମେ’ର ଔଦ୍ୟୋଗିକ ଉତ୍ପାଦନ ଡାଟା ଅଦ୍ୟାବଧି ଜାରି କରାଯାଇ ନାହିଁ। ତେବେ ମେ’ରେ ପେଟ୍ରୋଲ ବିକ୍ରି ୧୧.୩୨% ବୃଦ୍ଧି ପାଇ ୨.୭୩ ମିଲିୟନ ଟନ୍‌ରେ ପହଞ୍ଚିଥିବା ବେଳେ ଡିଜେଲ ବିକ୍ରି ୨.୮୪% ବଢ଼ି ୭.୭୮ ମିଲିୟନ ଟନ୍ ରହିଛି।



ଭୁବନେଶ୍ୱରର ଗୁଗନାନୀ ମୋଟର୍ସଠାରେ ହୋଣ୍ଡାର ଆକ୍ଟିଭା ୫ଜି ଲିମିଟେଡ ଏଡିଶନ ଉନ୍ମୋଚନ କରାଯାଇଛି। ଏହା ୨ଟି ଭାରିଆଣ୍ଟ ଏବଂ ୨ଟି ରଙ୍ଗରେ ଆସୁଥିବା ବେଳେ ମଡେଲଟିର ଏକ୍ସଶୋ’ରୁମ ବଜାର ଦର ୫୭,୧୪୧ ଟଙ୍କା ରହିଛି। ଏହି ଅବସରରେ ହୋଣ୍ଡା ପକ୍ଷରୁ ଏରିଆ ଇନଚାର୍ଜ ରଜନୀଶ ଜଶୱାଲ, ଗୁଗନାନୀ ମୋଟର୍ସର ଡିଜିଏମ୍ ମନୋଜ ଓଝା ପ୍ରମୁଖ ଉପସ୍ଥିତ ଥିଲେ।


OFFICE OF THE CHAIRMAN, P.G. COUNCIL
SHRI JAGANNATH SANSKRIT
VISHVAVDYALAYA SHRI VIHAR, PURI-3

No.1339 / PGC Dt: 13.06.19

**Corrigendum Notice**

Parsuant to this office advertisement No.1324/PGC Dt.01.06.2019, the date of "Walk-in- Interview" for engagement of Part-time Lecturer in the deptt. of Adwaita Vedanta and Deptt. of Sarvadarshan may be read as 20.06.2019 in stead of 18.06.2019 and all other conditions are remain unchanged.

Sd./- Chairman, PGC

NOTIFIED AREA COUNCIL
KHARIAR ROAD

**TENDER CALL NOTICE**

No.2043 Dt: 13.06.2019

| | | |
|---|---|---|
| Name of the Work | : | Supply of dust bins of size 10 ltr/20ltr/240 ltr with closed lid |
| E.M.D | : | Rs.10,000/- |
| Agency | : | As per eligibility criteria |
| Period of tender | : | 1 (One) Year |
| Cost of Bid Documents | : | Rs.2,000/- |
| Sale of Documents | : | From 17.06.2019 up to 03.07.2019 during office hour |
| Last date of Receipt of filled up bid documents | : | Up to 4.00 P.M of 08.07.2019 |
| Date of opening of Technical Bid | : | 11.00 A.M of 09.07.2019 |
| Date of opening of Financial Bid | : | 3.00 P.M of 09.07.2019 |
| Mode of receipt | : | Only through Regd. Post / Speed Post |
| Name and address of the Officer inviting Tender | : | Executive Officer, Khariar Road NAC, District- Nuapada |

The details can be seen in the District portal www.nuapada.nic.in

Sd./- Executive Officer
NAC, Khariar Road

# ଭାରତ-ପାକିସ୍ତାନ ମୁକାବିଲା ଆଜି



ଦୀନେଶ କାର୍ତ୍ତିକ ଓ ରିଷଭ ପନ୍ତଙ୍କ ଉଇକେଟ୍ କିପିଂ ଉପରେ ଟିପ୍ସ ଦେଉଛନ୍ତି ମହେନ୍ଦ୍ର ସିଂ ଧୋନୀ ।



ଅଭ୍ୟାସ ସେସନ ଅବସରରେ ରୋହିତ୍ ଶର୍ମା ।

**ମାଞ୍ଚେଷ୍ଟର,୧୫।୬(ପି.ଟି.)**

ପୁଣି ଥରେ ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏକ ହାଇଭୋଲଟେଜ କ୍ରିକେଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୨୨ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଭାରତୀୟ ଦଳ ପୁଣି ଥରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ରବିବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି। ତେବେ ବର୍ଷା ତଥା ଖରାପ୍ ପାଗ କାରଣରୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସର୍ଫରାଜ ଅହମ୍ମଦଙ୍କ ନେତୃତ୍ୱରେ ପାକିସ୍ତାନ ମଧ୍ୟ ବିଜୟୀ ହୋଇ ଏକ ନୂଆ ଆରମ୍ଭ ଲକ୍ଷ୍ୟରେ ରହିଛି।

ଦୁଇ ଦେଶ ମଧ୍ୟରେ ଚାଲିଥିବା ରାଜନୈତିକଓ କୂଟନୈତିକ ତିକ୍ତତା ଏହି ମ୍ୟାଚର ଗୁରୁତ୍ୱକୁ ଆହୁରି ବଢାଇଦେଇଛି। ଏହା ଏକ ସାଧାରଣ ମ୍ୟାଚ୍ ନୁହଁ। ଏହା ଏକ ସ୍ୱତନ୍ତ୍ର ମ୍ୟାଚ୍ ବୋଲି ଦୁଇ ଦେଶର ଖେଳାଳି ଓ ପ୍ରଶଂସକମାନେ ହୃଦୟଙ୍ଗମ କରିଛନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ପାକିସ୍ତାନ ବାଜି ମାରିଥିଲା। ଦ୍ରୁତ ବୋଲର ମହମ୍ମଦ ଆମୀର ପ୍ରଥମ ୩ଟି ଉଇକେଟ ନେଇ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ଭାରତ ଅତି ସହଜରେ ମ୍ୟାଚ୍ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେଣୁ ଏଥର ଆମୀରଙ୍କ ବିପକ୍ଷରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବାକୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ପରାମର୍ଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର ମନୋଭାବ ନେଇ ପଡିଆକୁ ଓହ୍ଲାଇବାକୁ ଅଧିନାୟକ କୋହଲି କହିଛନ୍ତି। ଭାରତ- ପାକିସ୍ତାନ ମ୍ୟାଚ୍ ସହିତ ଭାବପ୍ରବଣତା ଜଡିତ ରହିଥାଏ। ଫଳରେ ଏହି ମ୍ୟାଚ୍ କେତେଜଣ ହିରୋ ଓ ଖଳନାୟକ ସୃଷ୍ଟି କରିଥାଏ। ୧୯୯୬ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ସେତେବେଳର ତାରକା ଦ୍ରୁତ ବୋଲର ୱାକର ୟୁନିସ୍‌ଙ୍କୁ ନିର୍ଦ୍ଧୁମ ପ୍ରହାର କରି ଅଜୟ ଜାଡେଜା ଦମ୍‌ଦାର ପ୍ରଦର୍ଶନ କରି ସବୁଦିନ ପାଇଁ ହିରୋ ବନିଯାଇଥିଲେ। ଲୋକେ ଏହି ମ୍ୟାଚ୍‌ଗୁଡିକୁ ଏପର୍ଯ୍ୟନ୍ତ ମନେ ରଖିଛନ୍ତି। ପରେ ଏହି ଦୁଇ କ୍ରିକେଟର ମ୍ୟାଚ୍ ଫିକ୍ସିଂରେ ଲିପ୍ତ ଥିବା କଥା ଜଣାପଡିଥିଲେ ମଧ୍ୟ ପ୍ରଶଂସକ ଏହି ଦୁଇଟି ମ୍ୟାଚ୍ ଓ କ୍ରିକେଟରଙ୍କୁ ମନେରଖିଛନ୍ତି। ସେହିପରି ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିଥିଲେ ମଧ୍ୟ ଚେତେନ ଶର୍ମା ୧୯୮୬ରେ ଶାରଜାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଶେଷ ବଲ୍‌ରେ ଫୁଲ ଟସ୍ ପକାଇ ଜାଭେଦ ମିଁଆଦାଦଙ୍କୁ ଛକା ଦେଇ ସବୁଦିନ ପାଇଁ ଖଳନାୟକ ବନିଯାଇଥିଲେ। ସେହିପରି ୧୯୯୮ରେ ଢାକାରେ ଖେଳାଯାଇଥିବା ଏକ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ହୃଷୀକେଶ କାନିତ୍‌କର ଶେଷ ବଲରେ ପାକିସ୍ତାନର ସାକଲିନ୍ ମୁସ୍ତାକଙ୍କୁ ଚୌକା ମାରି ଭାରତକୁ ଜିତାଇଥିଲେ। ଲୋକେ ଏପର୍ଯ୍ୟନ୍ତ ଏଥିପାଇଁ କାନିତକରଙ୍କୁ ମନେ ରଖିଛନ୍ତି।

**■ ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ରୋହିତ ଶର୍ମା, ବିଜୟ ଶଙ୍କର, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କେଦାର ଯାଦବ, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ଓ ଶିଖର ଧାୱନ

**■ ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜାମାନ, ଇମାମ ଉଲ୍ ହକ୍, ବାବର ଆଜମ, ହାରିସ ସୋହେଲ, ହାସନ ଅଲି, ଶଦାବ ଖାଁ, ମହମ୍ମଦ ହାଫିଜ, ମହମ୍ମଦ ହାସନେନ, ଶାହୀନ ଶାହ ଆଫ୍ରିଦି, ୱାହାବ ରିୟାଜ, ମହମ୍ମଦ ଆମୀର, ସୋଏବ ମଲିକ, ଇମାଦ ୱାସିମ ଓ ଆସିଫ ଅଲି

ତେଣୁ ଏହି ମ୍ୟାଚ୍ ମଧ୍ୟ କେତେଜଣ ନାୟକ ଓ ଖଳନାୟକ ସୃଷ୍ଟି କରିବ ବୋଲି କୁହାଯାଇପାରେ। ଟସ୍ ଜିତିବା କିମ୍ବା ହାରିବା କଥାକୁ ଅବଶ୍ୟ ସମସ୍ତେ ଭୁଲିଯିବେ। ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଦେଖିବା ପାଇଁ ପ୍ରଶଂସକମାନେ ବ୍ଲାକରେ ବେଶ୍ ଚଢ଼ା ଦରରେ ଟିକେଟ କିଣିଛନ୍ତି। ଏପରିକି ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ କିମ୍ବା ବାତିଲ ହେବା କଥା ଜାଣି ମଧ୍ୟ ପ୍ରଶଂସକ ଟିକେଟ୍ କ୍ରୟ କରିବାକୁ ପଛେଇ ନାହାନ୍ତି। ଗଣମାଧ୍ୟମ ମଧ୍ୟ ଏହି ମ୍ୟାଚ୍‌ର ଗୁରୁତ୍ୱକୁ ଆହୁରି ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୬ଟି ବିଶ୍ୱକପ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ତେବେ ସବୁଥର ଭାରତ ଏକପାଖିଆ ଭାବେ ବିଜୟ ହାସଲ କରିଛି। ୧୯୯୬ରେ ବେଙ୍ଗାଲୁରୁରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଓ ୨୦୧୧ରେ ମୋହାଲିରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଦୁଇଦେଶ ମଧ୍ୟ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳାଯାଉ ନ ଥିବାରୁ ବିଭିନ୍ନ ଆଇସିସି ଇଭେଣ୍ଟରେ ଭାରତ ଓ ପାକିସ୍ତାନ ମୁକାବିଲାକୁ ସାରା ବିଶ୍ୱରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ।

ଏହି ମ୍ୟାଚ୍‌ରେ ଆମୀର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ନିଶ୍ଚିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ। ପାକିସ୍ତାନ ବିପକ୍ଷରେ କୋହଲିଙ୍କ ପ୍ରଦର୍ଶନ ବେଶ୍ ଭଲ ରହି ଆସିଛି। ୨୦୧୫ ବିଶ୍ୱକପ୍‌ରେ କୋହଲି ଆଡିଲେଡ୍‌ରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ଏଥର ମଧ୍ୟ କୋହଲି ଏହି ସଫଳତା ଦୋହରାଇବେ ବୋଲି ଆଶା କରାଯାଉଛି। ତେଣୁ ପାକିସ୍ତାନ ଯୁବ ଦ୍ରୁତ ବୋଲର ହାସନ ଅଲି ଓ ଶାହୀନ ଶାହ ଆଫ୍ରିଦି ପରୀକ୍ଷାର ସମ୍ମୁଖୀନ ହେବେ। ପୂର୍ବରୁ ଏହି ଦୁଇ ବୋଲର କୋହଲିଙ୍କୁ ବୋଲିଂ କରି ନାହାନ୍ତି।

ଓଲ୍ଡ ଟ୍ରାଫର୍ଡର ଏହି ଗ୍ରାଉଣ୍ଡରେ ବଲ ସିମ୍ କରିବା ସହ ସୁଇଂ ମଧ୍ୟ କରିବ। ତେବେ ଏହା ସତ୍ତ୍ୱେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଏହି ପିଚ୍ ଉପଯୋଗୀ ସାବ୍ୟସ୍ତ ହେବ ଓ ଏହି ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି।

ମିଡଲ ଅର୍ଡରକୁ ନେଇ ଭାରତର ସମସ୍ୟା ରହିଛି। ଦୀନେଶ କାର୍ତ୍ତିକଙ୍କ ଅଭିଜ୍ଞତା କାମରେ ଆସିବ। ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଖେଳାଇବ କି ନା ତାହା ଦେଖିବାକୁ ବାକି ରହିଲା। ତେବେ ଯଦି ବିଜୟ ଶଙ୍କରଙ୍କୁ ଭାରତ ୪ ନମ୍ବରରେ ଖେଳାଏ ତାହେଲେ ସେ କିଛି ଓଭର ବୋଲିଂ କରିବେ। ତେବେ କାର୍ତ୍ତିକ ଚାପର ସଫଳ ମୁକାବିଲା କରିପାରିବେ। ସ୍ପିନ ବିପକ୍ଷରେ ପାକିସ୍ତାନ ବ୍ୟାଟ୍ସମ୍ୟାନ ଭଲ ଖେଳୁଥିବାରୁ ଓ ଦ୍ରୁତ ବୋଲରଙ୍କୁ ସୁହାଇବା ପରିସ୍ଥିତିରେ କୋହଲି ଦୁଇ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣକୁ ବସାଇ ମହମ୍ମଦ ସାମିଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିବେ ବୋଲି ଆଶା କରାଯାଉଛି।

## ସବୁଥର ଜିତିଛି ଭାରତ

ଆଇସିସି ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନ ୬ଥର ପରସ୍ପରକୁ ଭେଟିଛନ୍ତି। ସବୁ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ପାକିସ୍ତାନ ହାତ ଖାଲି ରହିଛି। ତେବେ ଦିନିକିଆ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇଦେଶ ୧୩୧ଟି ମ୍ୟାଚ୍‌ରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ପାକିସ୍ତାନ ଭାରତଠାରୁ ପାଦେ ଆଗରେ ରହିଛି। ପାକିସ୍ତାନ ୭୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଭାରତ ୫୪ଟି ମ୍ୟାଚ୍‌ରେ ବାଜି ମାରିଛି।

**୧୯୯୨ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ଏକ ଲିଗ୍ ମ୍ୟାଚ୍‌ରେ ଭାରତ ସିଡ୍‌ନୀରେ ୪୩ ରନରେ ପାକିସ୍ତାନକୁ ହରାଇଥିଲା। ଏଥିରେ ସଚିନ ତେନ୍ଦୁଲକର ଅପରାଜିତ ୫୪ ରନର ଇନିଂସ ଖେଳିଥିଲେ। ଜାଭେଦ ମିଆଁଦାଦ ଭାରତୀୟ ଉଇକେଟକିପର କିରନ ମୋରେଙ୍କୁ ପରିହାସ କରି ଡେଇଁ ଡେଇଁ ବିବାଦ ସୃଷ୍ଟି କରିଥିଲେ। ତେବେ ଏହି ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା।

**୧୯୯୬ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ଭାରତ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୩୯ ରନରେ ପାକିସ୍ତାନକୁ ହରାଇଥିଲା। ୱାକର ୟୁନିସ୍‌ଙ୍କ ବଲରେ ଅଜୟ ଜାଡେଜା ନିର୍ଦ୍ଧୁମ ପ୍ରହାର କରି ହିରୋ ବନିଯାଇଥିଲେ। ତେବେ ଭେଙ୍କଟେଶ ପ୍ରସାଦ ଓ ଅମୀର ସୋହେଲିଙ୍କ ମଧ୍ୟରେ କଥା କଟାକଟି ଓ ସେଣ୍ଡ - ଅଫ୍ ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ଏଥିରେ ନଭଜୋତ ସିଂ ସିଦ୍ଧୁ ୯୩ ରନର ପାଳି ଖେଳିଥିଲେ।

**୧୯୯୯ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ଭାରତ ୪୭ ରନରେ ପାକିସ୍ତାନକୁ ହରାଇଥିଲା। ମ୍ୟାଚ୍ ଲୋ- ସ୍କୋରିଂ ଥିଲେ ମଧ୍ୟ ବେଶ୍ ରୋମାଞ୍ଚକ ହୋଇଥିଲା। ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ପ୍ରସାଦ ୪ ଉଇକେଟ ଅକ୍ତିଆର କରିଥିଲେ।

**୨୦୦୩ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ଭାରତ ୪ ଉଇକେଟରେ ପାକିସ୍ତାନକୁ ହରାଇଥିଲା। ସଚିନ ତେନ୍ଦୁଲକର ୯୮ ରନର ପାଳି ଖେଳିଥିଲେ। ଏହି ମ୍ୟାଚ୍‌ରେ ସୋଏବ ଅଖତାରଙ୍କୁ ସଚିନ ଓ ବୀରେନ୍ଦ୍ର ସେହ୍ୱାଗ ଜବରଦସ୍ତ ଧୁଲାଇ କରିଥିଲେ।

**୨୦୧୧ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ଭାରତ ୨୯ ରନରେ ସେମିଫାଇନାଲରେ ପାକିସ୍ତାନକୁ ହରାଇଥିଲା। ମୋହାଲିରେ ଖେଳାଯାଇଥିବା ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହୋଇଥିଲା। ତେନ୍ଦୁଲକର ଏହି ମ୍ୟାଚ୍‌ରେ ୮୫ ରନ ସଂଗ୍ରହ କରିଥିଲେ।

**୨୦୧୫ ବିଶ୍ୱକପ୍:** ଏହି ବିଶ୍ୱକପ୍‌ରେ ପାକିସ୍ତାନ ଭାରତଠାରୁ ୭୬ ରନରେ ପରାସ୍ତ ହୋଇଥିଲା। କୋହଲିଙ୍କ ଶତକ ସହାୟତାରେ ଭାରତ ୩୦୦ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୨୨୪ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଏହା ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍ ଥିଲା।



ଶ୍ରୀଲଙ୍କା ବିପକ୍ଷରେ ଶତକ ହାସଲ କରିଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ୍ ଫିଞ୍ଚ୍।

# ମ୍ୟାଚ୍ ବାତିଲ ହେଲେ କ୍ଷତି ହେବ ୧୩୭ କୋଟି ଟଙ୍କା

**ନୂଆଦିଲ୍ଲୀ,୧୫।୬**

ଅଦିନିଆ ବର୍ଷାଜନିତ କାରଣରୁ ଯୋଗୁ ଇଂଲଣ୍ଡରେ ଚାଲିଥିବା ଆଇସିସି ବିଶ୍ୱକପ୍‌ର ୪ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇସାରିଛି। ଏଥିଯୋଗୁ ବିମା କମ୍ପାନୀକୁ କ୍ଷତି ସହିବାକୁ ପଡୁଛି। ଏପର୍ଯ୍ୟନ୍ତ ବାତିଲ ହୋଇଥିବା ୪ ମ୍ୟାଚ୍ ଯୋଗୁ ବିମା କମ୍ପାନୀକୁ କ୍ଷତିପୂରଣ ବାବଦକୁ ବିଭିନ୍ନ ଅଂଶୀଦାରଙ୍କୁ ୨୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଦେବାକୁ ପଡ଼ିବ। ପ୍ରସାରଣ କରୁଥିବା ଷ୍ଟାର ସ୍ପୋର୍ଟ୍ସ ସବୁଠାରୁ ଅଧିକ କ୍ଷତି ସହିଛି। ବିଜ୍ଞାପନ ଓ ଚୁକ୍ତି ବାବଦକୁ ପ୍ରାୟ ୧୪୦ କୋଟି ଟଙ୍କା ଚ୍ୟାନେଲର କ୍ଷତି ହୋଇସାରିଛି। ଆସନ୍ତା ରବିବାର ବର୍ଷା କାରଣରୁ ଭାରତ-ପାକିସ୍ତାନ ମ୍ୟାଚ୍ ବାତିଲ ହେଲେ ବିମା କମ୍ପାନୀଠାରୁ ଆରମ୍ଭ କରି ପ୍ରସାରଣକାରୀ ଚ୍ୟାନେଲ, କୋକାକୋଲା, ଉବର ଓ ଏମ୍‌ଆରଏଫ୍ ଟାୟର୍ସ ଭଳି ବଡ଼ ସଂସ୍ଥାକୁ କ୍ଷତି ସହିବାକୁ ପଡ଼ିବ। ଏହି ମ୍ୟାଚ୍ ଚଳିତ ବିଶ୍ୱକପ୍‌ର ସବୁଠୁ ଅଧିକ ଟିଭି ଦର୍ଶକ ସଂଖ୍ୟା ଅଧିକ ହେବ ବୋଲି ଆଶା କରାଯାଉଛି। ଷ୍ଟାର ଚ୍ୟାନେଲ ବିଜ୍ଞାପନ ବାବଦକୁ କେବଳ ଏହି ମ୍ୟାଚ୍‌ରୁ ୧୩୭ କୋଟି ଟଙ୍କା ଆୟ କରିବାକୁ ଯୋଜନା କରିଛି। ଚ୍ୟାନେଲ ବିଜ୍ଞାପନ ପାଇଁ ମୋଟ ୫,୫୦୦ ସେକେଣ୍ଡର ସ୍ଲଟ ବିକ୍ରି କରିବ। ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ପ୍ରତ୍ୟେକ ସେକେଣ୍ଡ ପିଛା ଅଢ଼େଇ ଲକ୍ଷ ଟଙ୍କା ବିଜ୍ଞାପନକାରୀ ସଂସ୍ଥାକୁ ଦେବାକୁ ପଡୁଛି। ଏହାସତ୍ତ୍ୱେ ପ୍ରାୟତଃ ଆଡଭାନ୍ସ ଦେଇସାରିଛନ୍ତି। ବିଶ୍ୱକପ୍‌ର ସ୍ଲଟକୁ ଦୁଇଟି ପ୍ୟାକେଜରେ ବିକ୍ରି କରାଯାଉଛି। କେବଳ ଭାରତୀୟ ଦଳର ମ୍ୟାଚ୍ ପାଇଁ ଭିନ୍ନ ସ୍ଲଟ ଓ ଅନ୍ୟ ଦଳଗୁଡ଼ିକ ମ୍ୟାଚ୍‌ର ଅଲଗା ସ୍ଲଟ। ଏଭଳି ସ୍ଥିତିରେ ମ୍ୟାଚ୍ ବାତିଲ ହେଲେ କମ୍ପାନୀକୁ ସମସ୍ତ କ୍ଷତି ସହିବାକୁ ପଡ଼ିବ। ମ୍ୟାଚ୍‌ର ସିଧାପ୍ରସାରଣ, ଆନାଲିସିସ୍ ଓ ହାଇଲାଇଟ୍ସ ବେଳେ ଯେଉଁ ବିଜ୍ଞାପନ ପ୍ରସାରଣ ହେବା କଥା ସେମାନଙ୍କୁ ଫ୍ରି କମର୍ସିଆଲ ଟାଇମ (ଏଫ୍‌ସିଟି) ପ୍ରକ୍ରିୟା ଭିତ୍ତିରେ ଭାରତୀୟ ଦଳର ଅନ୍ୟ ମ୍ୟାଚ୍‌ରେ ସେଗୁଡ଼ିକୁ ପ୍ରସାରଣ କରାଯିବ। ଉଲ୍ଲେଖଥାଉ କି, ଯଦି କୌଣସି ମ୍ୟାଚ୍‌ରେ ପ୍ରଥମ ବଲ ପଡ଼ିବା ପୂର୍ବରୁ ବାତିଲ ହେଲେ, ଟୁର୍ନାମେଣ୍ଟ ଶେଷରେ ପ୍ରସାରଣକାରୀ ସଂସ୍ଥାର କ୍ଷତିକୁ ବିମା କମ୍ପାନୀ ଭରଣ କରିବ।

**ଆଜିର ମ୍ୟାଚ୍**
ଭାରତ
ବନାମ
ପାକିସ୍ତାନ
ସ୍ଥାନ
ମାଞ୍ଚେଷ୍ଟର
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



# ଫିଞ୍ଚ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଲଣ୍ଡନ,୧୫।୬(ପି.ଟି.)**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଚଳିତ ଆଇସିସି ବିଶ୍ୱକପର ୨୦ତମ ମ୍ୟାଚ୍‌ରେ ୮୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରି ବାଜି ମାରିଛି। ପ୍ରଥମେ ଅଧିନାୟକ ଆରୋନ ଫିଞ୍ଚ୍‌ଙ୍କ ଦମ୍‌ଦାର ୧୫୩ ରନରେ ଶତକୀୟ ପାଳି ଓ ପରେ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବଂ କେନ୍ ରିଚାର୍ଡସନଙ୍କ ପ୍ରଭାବୀ ବୋଲିଂ ବଳରେ ଅଷ୍ଟ୍ରେଲିଆ ସହଜରେ ବିଜୟୀ ହୋଇଛି। ଏଥିସହିତ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୮ ପଏଣ୍ଟ ପାଇଁ ତାଲିକାର ଶୀର୍ଷକୁ ଉଠିଛି। ଟସ୍ ଜିତି ଶ୍ରୀଲଙ୍କା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୩୩୪ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୫.୫ ଓଭରରେ ୨୪୭ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଏଥି ସହିତ ଶ୍ରୀଲଙ୍କା ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୪ ପଏଣ୍ଟ ହାସଲ କରି ପୂର୍ବପରି ପଞ୍ଚମ ସ୍ଥାନରେ ରହିଛି। ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ ଖେଳିଥିବା ଫିଞ୍ଚ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ସଂକ୍ଷିପ୍ତ ସ୍କୋର

■ ଅଷ୍ଟ୍ରେଲିଆ ୫୦ ଓଭରରେ ୩୩୪/୭ (ଫିଞ୍ଚ୍- ୧୫୩, ସ୍ମିଥ୍- ୭୩, ମ୍ୟାକ୍ସୱେଲ-୪୬, ୱାର୍ନର- ୨୬, ଉଡାନ- ୨/୫୭, ଧନଞ୍ଜୟ- ୨/୪୦ )।

■ ଶ୍ରୀଲଙ୍କା ୪୫.୫ ଓଭରରେ ୨୪୭ ଅଲଆଉଟ୍ (ଦିମୁଥ କୁରଣାରତ୍ନେ- ୯୭, କୁଶଲ ପେରେରା- ୫୨,ମେଣ୍ଡିସ୍- ୩୦,ଷ୍ଟାର୍କ- ୪/୫୫, ରିଚାର୍ଡସନ- ୩/୪୭, କୁମିନ୍ସ- ୨/୩୮)।

# ଦ୍ରୁତ ବୋଲରଙ୍କ ଭୂମିକା ନିର୍ଣ୍ଣାୟକ ହେବ

**ସୌରଭ ଗାଙ୍ଗୁଲି**

ମାଞ୍ଚେଷ୍ଟର ଓଲ୍ଡ ଟ୍ରାଫର୍ଡରେ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଆୟୋଜନ ହେବାକୁ ଯାଉଛି ବଡ଼ ମ୍ୟାଚ୍। ଓଲ୍ଡ ଟ୍ରାଫର୍ଡରେ ଏହି ମ୍ୟାଚ୍ କାହିଁକି ଆୟୋଜନ ହେଉଛି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଥିବ। ଏହାର କାରଣ ହେଉଛି , ବ୍ରିଟେନରେ ସର୍ବାଧିକ ଏସୀୟ ମାଞ୍ଚେଷ୍ଟରରେ ରହିଥାନ୍ତି। ଫଳରେ ଏହି ମ୍ୟାଚ୍‌କୁ ନେଇ ଉତ୍ସାହ ତଥା କ୍ରେଜ ଆଶାତୀତ ବୃଦ୍ଧି ପାଇଛି।

ଗତ କିଛି ବର୍ଷ ହେବ ବହୁ ସଂଖ୍ୟକ ଏସୀୟ ନାଗରିକ ଇଂଲଣ୍ଡରେ ମ୍ୟାଚ୍ ଦେଖିବାକୁ ଯାଇଥାନ୍ତି। ଗତ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ମଧ୍ୟ ଷ୍ଟାଡିୟମ ନୀଳ ସମୁଦ୍ରରେ ପରିଣତ ହୋଇଥିଲ। ଅବଶ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ନ ଥିଲି। ତେବେ ଓଲ୍ଡ ଟ୍ରାଫର୍ଡରେ ଏହା ଦେଖିବାକୁ ମିଳିବ ନାହିଁ। କାରଣ ଏଠାରେ ବହୁ ସଂଖ୍ୟାରେ ନୀଳ ସାଙ୍ଗକୁ ସବୁଜ ରଙ୍ଗ ପୋଷାକ ପରିଧାନ କରିଥିବା ଦର୍ଶକ ଦେଖିବାକୁ ମିଳିବ।


ଭାରତ- ପାକିସ୍ତାନ ମ୍ୟାଚ୍‌ରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଥାଏ। ଏହା ଆଦୌ ନୂଆ ନୁହଁ। ଏଥର ମଧ୍ୟ ସମାନ କଥା ଦେଖିବାକୁ ମିଳିଛି। ଆଉ ଏକ ହାଇ ଭୋଲଟେଜ ମ୍ୟାଚ୍ ଦର୍ଶକ ଦେଖିବାକୁ ପାଇବେ। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଜବରଦସ୍ତ ରେକର୍ଡ ରହିଛି। ତେବେ ବର୍ତ୍ତମାନ ଏହାର କୌଣସି ମୂଲ୍ୟ ନାହିଁ ବୋଲି ମୁଁ ବିଶ୍ୱାସ କରେ। ଅତୀତର କୋଣସି ପ୍ରାସଙ୍ଗିକତା ନାହିଁ। ଦୁଇବର୍ଷ ଦଳରେ ଓଭାଲରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ଭାରତକୁ ହରାଇଥିଲା। ତେଣୁ ଭାରତୀୟ ଖେଳାଳିମାନେ ଏକଥା ଭୁଲି ଯିବା ଉଚିତ୍ ନୁହଁ।

ଓଲ୍ଡ ଟ୍ରାଫର୍ଡର ଏହି ଉଇକେଟ ବେଶ୍ ଉଚ୍ଚକୋଟୀର। ଏଠାରେ ଉଭୟ ଦ୍ରୁତ ବୋଲର ଓ ବ୍ୟାଟ୍ସମ୍ୟାନ କମାଲ କରିଥାନ୍ତି। ଫଳରେ ମ୍ୟାଚ୍ ଗୁରୁତ୍ୱ ଆହୁରି ବଢିଯାଇଛି। ପ୍ରଶଂସକମାନେ କ୍ୱାଲିଟି ତଥା ଭଲ କ୍ରିକେଟ ଦେଖିବାକୁ ଆସିଥାନ୍ତି। ଏହି ଭେନ୍ୟୁକୁ ମ୍ୟାଚ୍ ଦେଖିବାକୁ ଆସିଥିବା ପ୍ରଶଂସକ ନିରାଶ ହେବେ ନାହିଁ। ତେବେ ଗତ ସପ୍ତାହରେ ସାରା ଇଂଲଣ୍ଡରେ ଜବରଦସ୍ତ ବର୍ଷା ହୋଇଛି। ଏହା ଅବଶ୍ୟ ଚିନ୍ତା ସୃଷ୍ଟି କରିଛି। ବର୍ଷା ଫଳରେ ପିଚ୍‌ରେ ଆର୍ଦ୍ରତା ରହିବ। ଫଳରେ ଦ୍ରୁତ ବୋଲରମାନେ ଏଠାରେ ଫାଇଦା ଉଠାଇବେ। ଦୁଇଟି ଦଳରେ କ୍ୱାଲିଟି ଦ୍ରୁତ ବୋଲର ରହିଛନ୍ତି। ସମସ୍ତେ ମଧ୍ୟ ଭଲ ଫର୍ମରେ ରହିଛନ୍ତି। ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ଆମୀରଙ୍କୁ ସାମନା କରିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ୍ ସଦୃଶ ହେବ। ଏହି ବୋଲରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ଭାରତ ଶିଖର ଧାୱନଙ୍କ ଅନୁପସ୍ଥିତି ଅନୁଭବ କରିବ। ବିଶ୍ୱକପ୍‌ରେ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଆସିଛି। ତାଙ୍କ ସ୍ଥାନ ପୂରଣ କରିବା ମଧ୍ୟ କଷ୍ଟକର। ଏହା ଅବଶ୍ୟ ଲୋକେଶ ରାହୁଲଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ସେ ମଧ୍ୟ ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ। ଓପନର ହିସାବରେ ସେ ଭଲ ପ୍ରଦର୍ଶନ କରିଛନ୍ତି ଓ ଏହି ମ୍ୟାଚ୍‌ରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ତେବେ ମିଡଲ ଅର୍ଡରରେ କିଏ ବ୍ୟାଟିଂ କରିବ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଜୟ ଶଙ୍କରଙ୍କୁ ପଛରେ ପକାଇ ଦୀନେଶ କାର୍ତ୍ତିକଙ୍କୁ ସୁଯୋଗ ମିଳିବ ବୋଲି ଆଲୋଚନା ହେଉଛି। ତେବେ ସେ କେଉଁ କ୍ରମରେ ବ୍ୟାଟିଂ କରିବେ ଓ ଏହା ବେଶ୍ ମଜାଦାର ହେବ।

ଅନ୍ୟପଟେ ଭାରତକୁ ହରାଇବାକୁ ହେଲେ ପାକିସ୍ତାନକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡିବ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ଖେଳିଲେ ଭାରତ ଉପରେ ଚାପ ସୃଷ୍ଟି ହେବ। ଦୁଇବର୍ଷ ତଳେ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଫଖର ଜମାନ ଭଲ ପ୍ରଦର୍ଶନ କରିଥିଲେ। ସେ ପୁଣି ଏହି ପ୍ରଦର୍ଶନ ଦୋହରାଇବେ ବୋଲି ପାକିସ୍ତାନ ପ୍ରଶଂସକ ଆଶା ରଖିଥିବେ। ଯଦି ପାକିସ୍ତାନ ବଡ଼ ସ୍କୋର ହାସଲ ନ କରେ ତାହାହେଲେ ଭାରତକୁ ହରାଇବା ମୁସ୍କିଲ ହେବ ଓ ବିଶ୍ୱକପ୍‌ରେ ପାକିସ୍ତାନର ପରାଜୟ ଧାରା ବଜାୟ ରହିବ।

-(ଗେମ୍‌ପ୍ଲାନ୍)

# ବିଜୟ ସହ ଭାରତର ଅଭିଯାନ



ଭାରତ ଓ ଉରୁଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ହିରୋସୀମା, ୧୫।୬ (ପି.ଟି.):** ଉରୁଗୁଏ ବିପକ୍ଷରେ ପ୍ରଭାବୀ ୪-୧ ଗୋଲ୍‌ରେ ବିଜୟ ସହ ଭାରତୀୟ ମହିଳା ହକି ଦଳ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହିରୋସୀମା ୨୦୧୯ରେ ଏହାର ଅଭିଯାନ ଆରମ୍ଭ କରିଛି। ବିଶ୍ୱର ୯ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତ ତରଫରୁ ଅଧିନାୟକ ରାନୀ ୧୦ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଉରୁଗୁଏ ଦଳ ଯଦିଓ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଏବଂ ଅଧିକ ସୁଯୋଗ ପାଇଥିଲା ଭାରତ କିନ୍ତୁ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବିପକ୍ଷ ଦଳ ଉପରେ ବାରମ୍ବାର ଆକ୍ରମଣ ଜାରି ରଖିଥିଲା। ୨୧ତମ ମିନିଟ୍‌ରେ ଭାରତ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ଗୁଜରାଣ୍ଟ କୌର ଏହାକୁ ଗୋଲରେ ପରିଣତ କରିବାରେ ସଫଳ ରହିଥିଲେ। ଭାରତ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟର ଖେଳ ଆରମ୍ଭରେ କିନ୍ତୁ ଉଭୟ ଦଳର ଖେଳରେ ତାଳମେଳ ନ ଥିବା ପରିଲକ୍ଷିତ ହୋଇଥିଲା। ଉଭୟ ଦଳ କେତୋଟି ସୁଯୋଗ ପାଇ ମଧ୍ୟ ହାତଛଡ଼ା କରିଥିଲେ। ମାତ୍ର ୪୦ତମ ମିନିଟ୍‌ରେ ବନ୍ଦନା କାଟାରିଆଙ୍କଠାରୁ ଏକ ଚମତ୍କାର ପାସ୍ ପାଇ ଜ୍ୟୋତି ଭାରତ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ସୁଦ୍ଧା ଭାରତ ୩-୦ରେ ଆଗୁଆ ରହିଥିଲା। ଚତୁର୍ଥ କ୍ୱାର୍ଟର ଖେଳ ତଥା ୫୧ତମ ମିନିଟ୍‌ରେ ଉରୁଗୁଏର ମାରିଆ ଟେରେସା ଭାଏନା ଆଚେ ତାଙ୍କ ନିଜସ୍ୱ ଉଦ୍ୟମରେ ତାଙ୍କ ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଜବାବରେ ଭାରତ ପ୍ରତି ଆକ୍ରମଣ କରିଥିଲା। ବିପକ୍ଷ ଦଳର ଡି' ଏରିଆରେ ରାନୀଙ୍କଠାରୁ ଏକ ପାସ୍ ପାଇ ଲାଲ୍ ରେମ୍‌ସିଆମି ଉରୁଗୁଏ ଗୋଲପୋଷ୍ଟ ମଧ୍ୟକୁ ଠେଲି ଦେଇଥିଲେ। ଏହି ଗୋଲ ଦ୍ୱାରା ଭାରତ ମ୍ୟାଚ୍‌ରେ ୪-୧ରେ ବିଜୟ ଲାଭ କରିଥିଲା।






## ମନ୍‌ପ୍ରୀତ୍ ଶ୍ରେଷ୍ଠ ଖେଳାଳି

କଳିଙ୍ଗ ଷ୍ଟାଡିୟମରେ ଶନିବାର ଶେଷ ହୋଇଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

**ମ୍ୟାନ ଅଫ ଦି ମ୍ୟାଚ:** ହରମନପ୍ରୀତ ସିଂ-୨୫,୦୦୦

**ବେଷ୍ଟ ଟିମ୍ ସେଲିବ୍ରେଶନ:** ମେକ୍ସିକୋ-୫୦,୦୦୦

**ଫ୍ୟାନ୍ସ ଚଏସ:** ଆକାଶଦୀପ ସିଂ-୫୦,୦୦୦

**ଫେୟାର ପ୍ଲେ:** ଭାରତ-୫୦,୦୦୦

**ସର୍ବାଧିକ ଗୋଲ ସ୍କୋର:** ଭାରତ-୫୦,୦୦୦

**ଶ୍ରେଷ୍ଠ ଜୁନିୟର ଖେଳାଳି:** ବିବେକ ପ୍ରସାଦ-୫୦,୦୦୦

**ଶ୍ରେଷ୍ଠ ଗୋଲକିପର:** ଜୋନାଥନ କ୍ଲାଗେସ-୫୦,୦୦୦

**ଟପ୍ ଗୋଲ ସ୍କୋରର:** ହରମନପ୍ରୀତ ସିଂ, ବରୁଣ କୁମାର ଏବଂ ରୁଷିଆର ସେମେନ ମାଟ୍‌କୋଭସ୍କି-୭୫,୦୦୦

**ଶ୍ରେଷ୍ଠ ଖେଳାଳି:** ମନପ୍ରୀତ ସିଂ-୧ ଲକ୍ଷ

### ଫାଇନାଲ ଷ୍ଟାଣ୍ଡିଂ

| | |
|---|---|
| ୧-ଭାରତ | ୫-ରୁଷିଆ |
| ୨-ଦକ୍ଷିଣ ଆଫ୍ରିକା | ୬-ପୋଲାଣ୍ଡ |
| ୩-ଜାପାନ | ୭-ମେକ୍ସିକୋ |
| ୪-ଆମେରିକା | ୮-ଉଜ୍‌ବେକିସ୍ତାନ |

### ଷ୍ଟାଡିୟମ ଭରିଲା

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ଅବସରରେ ଷ୍ଟାଡିୟମ ଦର୍ଶକରେ ଭରପୁର ହୋଇ ଯାଇଥିଲା। ପ୍ରତିଯୋଗିତାର ଅନ୍ୟ ମ୍ୟାଚ ଗୁଡ଼ିକରେ ଷ୍ଟାଡିୟମର ଅଧିକାଂଶ ଭାଗ ଫାଙ୍କା ରହୁଥିବାବେଳେ ଫାଇନାଲ ବେଳକୁ କିନ୍ତୁ ଓଡ଼ିଆ ଦର୍ଶକ ଭାରତୀୟ ଦଳକୁ ଉତ୍ସାହିତ କରିବାକୁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଘରୋଇ ଦର୍ଶକଙ୍କ କୋଳାହଳରେ ଭାରତୀୟ ଦଳ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରିଥିଲା। ବ୍ରେକ୍ ସମୟରେ ମାସ୍କଟ ଓଲି ନାଚିନାଚି ଦର୍ଶକଙ୍କ ମନୋରଞ୍ଜନ କରୁଥିବା ପରିଲକ୍ଷିତ ହୋଇଥିଲା। ଭାରତ ଚାମ୍ପିୟନ ହେବାରୁ ଦର୍ଶକମାନେ ସୁଖଦ ଅନୁଭୂତି ନେଇ ଘରକୁ ଫେରିଥିଲେ।

**କଳିଙ୍ଗ କର୍ନର**

### ସୁମିତ ଆହତ, ଗୁରଜନ୍ତଙ୍କୁ ସୁଯୋଗ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ସେମିଫାଇନାଲରେ ଆହତ ହୋଇଛନ୍ତି ଭାରତର ସୁମିତ। ତେଣୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରୁ ଓହରି ଯାଇଥିଲେ। ତାଙ୍କ ସ୍ଥାନରେ ରିଭର୍ସ-ଫ୍ଲିକ୍ ଗୋଲ ପାଇଁ ବିଶେଷ ପରିଚିତ ଗୁରଜାନ୍ତ ସିଂଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତର ଅଭିଯାନରେ ମିଡ୍‌ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରିଥିବା ସୁମିତଙ୍କର ଜାପାନ ବିପକ୍ଷ ସେମିଫାଇନାଲ ଅବସରରେ ଡାହାଣ ହାତରେ ଆଘାତ ପାଇଥିଲେ। ପରେ ତାଙ୍କ ହାତ ହାଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା।



ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଚାମ୍ପିୟନ୍ ହେବା ପରେ ଭାରତୀୟ ଖେଳାଳିଙ୍କ ସେଲିବ୍ରେଶନ।

## ଭାରତକୁ ଜିତାଇଲେ ସଞ୍ଜୟ

**ମାଡ୍ରିଡ୍, ୧୫।୬ (ପି.ଟି.):** ସଞ୍ଜୟଙ୍କ ଡବଲ୍ ଗୋଲ ସହାୟତାରେ ଭାରତୀୟ ଜୁନିୟର ପୁରୁଷ ଦଳ ଏଠାରେ ଚାଲିଥିବା ୮-ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଆମନ୍ତ୍ରଣୀୟ ହକି ଟୁର୍ନାମେଣ୍ଟରେ ଅଷ୍ଟ୍ରିଆକୁ ୪-୨ ଗୋଲରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ପ୍ରଥମରୁ ଆକ୍ରମଣାତ୍ମକ ଖେଳିଥିଲା। ପ୍ରଥମ କ୍ୱାର୍ଟର ଖେଳରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଚମତ୍କାର ଡ୍ରାଗ୍ ଫ୍ଲିକ୍ ଦ୍ୱାରା ସଞ୍ଜୟ ଏହାକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ସଞ୍ଜୟ ତାଙ୍କ ଦ୍ୱିତୀୟ ଗୋଲ ମଧ୍ୟ ପେନାଲ୍ଟି କର୍ନର ଜରିଆରେ ୨୩ତମ ମିନିଟ୍‌ରେ ସ୍କୋର କରିଥିଲେ।

# ଆମେରିକାକୁ ହରାଇ ଜାପାନ ୩ୟ



ଗୋଲ୍‌ସ୍କୋର ପରେ ଉଲ୍ଲସିତ ଜାପାନ ଖେଳାଳି।

**ଭୁବନେଶ୍ୱର, ୧୫।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଜାପାନ ତୃତୀୟ ସ୍ଥାନ ହାସଲ କରିଛି। ଶେଷ ମୁହୂର୍ତ୍ତରେ କେନ୍‌ତା ତନକାଙ୍କ ଡବଲ ଗୋଲ ବଳରେ ଜାପାନ ଶନିବାର ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଆମେରିକାକୁ ୪-୨ ଗୋଲରେ ପରାସ୍ତ କରିଛି। ଫଳରେ ୪ର୍ଥ ସ୍ଥାନରେ ରହି ଆମେରିକା ଅଭିଯାନ ଶେଷ କରିଛି। ପରାଜିତ ହୋଇଥିଲେ ହେଁ ଏକ ଡଜନରୁ ଊର୍ଦ୍ଧ୍ୱ ଗୋଲ ସେଭ୍ କରିଥିବା ଆମେରିକା ଗୋଲକିପର ଡାନିଏଲ ୱିସଲିଙ୍ଗ୍ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପଦ୍ମଶ୍ରୀ ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ସେମିଫାଇନାଲରେ ପରାଜିତ ଦଳ ମଧ୍ୟରେ ଏହି ପ୍ଲେସିଂ ମ୍ୟାଚ ଆରମ୍ଭରୁ ବେଶ୍ ରୋଚକ ହୋଇଥିଲା। ମ୍ୟାଚ ଆରମ୍ଭ ହେବାକ୍ଷଣି ଆକ୍ରମଣ ଆରମ୍ଭ କରିଥିଲା ଆମେରିକା। ଜାପାନ ମଧ୍ୟ ଏହାର ଦୃଢ଼ ଜବାବ ଦେଇଥିଲା। ମାତ୍ର ଗୋଲ ସ୍କୋରିଂ ଖାତା ପ୍ରଥମେ ଆମେରିକା ଆରମ୍ଭ କରିଥିଲା। ମ୍ୟାଚର ୧୦ମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଆକି କେପଲର। ମାତ୍ର ଦଳର ଖେଳାଳିମାନେ ଖୁସି ମନାଇବା ପୂର୍ବରୁ ୧୧ତମ ମିନିଟରେ ଜାପାନକୁ ଏକ ପେନାଲ୍ଟି କର୍ନର ମିଳି ଯାଇଥିଲା। କାଜୁମା ମୁରାତା ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଏହାକୁ ଛାଡ଼ିଦେଲେ ପ୍ରଥମ କ୍ୱାର୍ଟରେ ଜାପାନ ୩ଟି ଏବଂ ଆମେରିକା ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଆକ୍ରମଣକୁ ଜୋର୍‌ଦାର କରିଥିଲା ଜାପାନ। ଉଭୟ ଦଳ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ମଧ୍ୟ ପାଇଥିଲେ। ମାତ୍ର ତାହା ବେକାର ଯାଇଥିଲା। ୨୨ତମ ମିନିଟରେ ଆମେରିକା ଗୋଲକିପର ଡାନିଏଲ ୱିସଲିଙ୍ଗଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ଦିଆଯାଇଥିଲା। ମାତ୍ର ହିରୋତକା ଜେଣ୍ଡାନା ଏହାକୁ ଗୋଲପୋଷ୍ଟ ବାହାରକୁ ମାରି କୋଚ୍ ତାକାହିରୋ ୟାମାବୋରିଙ୍କୁ ନିରାଶ କରିଥିଲା। ତେବେ ଆମେରିକା ଖେଳାଳିଙ୍କ କ୍ରମାଗତ ଭୁଲ୍ ଯୋଗୁ ୨୫ତମ ମିନିଟରେ ଜାପାନକୁ ଆଉ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏଥର ଭୁଲ୍ କରି ନ ଥିଲେ ୟୋଶିକି କିରିଶିତା। ତାଙ୍କ ଗୋଲ ବଳରେ ଜାପାନ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୧ ଗୋଲରେ ଅଗ୍ରଣୀ ହୋଇଯାଇଥିଲା।

ତୃତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତି ଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଜାପାନ ୩ଟି ପେନାଲ୍ଟି କର୍ନର ପାଇଥିଲା, ମାତ୍ର ସବୁ ମିସ୍ ହୋଇଥିଲା। ଅନ୍ତିମ କ୍ୱାର୍ଟରରେ ଅପେକ୍ଷାକୃତ ପ୍ରଭାବୀ ପ୍ରଦର୍ଶନ କରିଥିଲା ଜାପାନ। ହେଲେ ଆମେରିକା ମଧ୍ୟ ଏହାର ଜବାବ ଦେଇଥିଲା। ଶେଷ ୨ ମିନିଟରେ ଅସଲ ଖେଳ ହୋଇଥିଲା। ମ୍ୟାଚ ଜାପାନ ସପକ୍ଷରେ ଶେଷ ହେବାକୁ ଯାଉଥିବାବେଳେ ଖେଳ ସରିବାକୁ ୧ ମିନିଟ ଥିବାବେଳେ ଆମେରିକାକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୫୯ତମ ମିନିଟରେ ଆକି କେପଲର ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଯାଇଥିଲା। ପ୍ରଥମଥରପାଇଁ ଶୁଟ୍‌ଆଉଟରେ ଖେଳ ମୀମାଂସା ହେବା ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ଖେଳ ଏତିକିରେ ସରି ନ ଥିଲା। ୬୦ତମ ମିନିଟରେ ୯ ନମ୍ବର ଜର୍ସି ପରିହିତ କେନ୍‌ତା ତନକା ଏକ ଫିଲ୍ଡ ଗୋଲ ଦେଇ ଜାପାନକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ ସରିବାକୁ ୩୦ ସେକେଣ୍ଡ ଥିବାବେଳେ ତନକା ଆଉ ଏକ ଗୋଲ ଦେଇ ଜାପାନ ବିଜୟ ପକ୍କା କରିଥିଲେ। ଆମେରିକା ନିକଟରେ ପ୍ରତ୍ୟାବର୍ତ୍ତନ ପାଇଁ ଆଉ ସୁଯୋଗ ନ ଥିଲା।




ଅତିଥି ଦିଲୀପ ତିର୍କୀଙ୍କଠାରୁ ଆମେରିକା ଗୋଲକିପର ଡାନିଏଲ ୱିସଲିଙ୍ଗ୍ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଭାରତ-ପାକିସ୍ତାନ ମ୍ୟାଚ୍‌ରେ ବର୍ଷା ଆଶଙ୍କା



**ମାଞ୍ଚେଷ୍ଟର, ୧୫।୬**

ଏଠାରେ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାଜନିତ କାରଣରୁ ଚଳିତ ବିଶ୍ୱକପ୍‌ର ୪ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇସାରିଛି। ସ୍ୱତନ୍ତ୍ର ଭାବେ ନଟିଂହାମରେ କ୍ରମାଗତ ବର୍ଷା ଜାରି ରହିଥିଲା। ଯାହାଫଳରେ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଖେଳାଯାଇ ପାରି ନ ଥିଲା। ଫୁଟ୍‌ବଲ ସହର ମାଞ୍ଚେଷ୍ଟରରେ କ୍ରମାଗତ ବର୍ଷା ହେଉ ନ ଥିଲେ ମଧ୍ୟ ଝିପଝିପ ବର୍ଷାର ସମ୍ଭାବନା ରହିଛି। ଏଥିଯୋଗୁ ପିଚ୍‌କୁ ଘୋଡ଼ାଇ ଦିଆଯାଇଛି। ଶୁକ୍ରବାର ଦିନ ଅଳ୍ପ ବର୍ଷା ପରେ ଖରା ଆସିଥିଲା। ତୁରନ୍ତ ଗ୍ରାଉଣ୍ଡ ଷ୍ଟାଫ କଭର୍ସ ହଟାଇବା ସହ ଗ୍ରାଉଣ୍ଡରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରୁ ଜଣାପଡୁଛି, ସେମାନେ କିଛି ଦିନ ହେଲା ଖରାକୁ ଅପେକ୍ଷା କରିଛନ୍ତି। ଭଲ କଥା ହେଉଛି ବର୍ଷା ବନ୍ଦ ହୋଇସାରିଛି। ପାଣିପାଗ ରିପୋର୍ଟ ଅନୁଯାୟୀ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଏଠାରେ ମଝିରେ ମଝିରେ ବର୍ଷା ହେବ। ଶନିବାର ଓ ରବିବାର ଅଳ୍ପ ବର୍ଷା ହେବ। ମ୍ୟାଚ୍ ଦିନ ଅପରାହ୍ନରେ ବର୍ଷା ହୋଇପାରେ, ଯାହା କି ମ୍ୟାଚ୍‌ର ଦ୍ୱିତୀୟ ଭାଗକୁ ପ୍ରଭାବିତ କରିବ। ଗ୍ରାଉଣ୍ଡଷ୍ଟାଫଙ୍କ ଅନୁଯାୟୀ ଆଗାମୀ ଦୁଇଦିନରେ ଯଦି ବର୍ଷା ନ ହୁଏ, ତେବେ ସମ୍ପୂର୍ଣ୍ଣ ମ୍ୟାଚ୍ ଖେଳାଯାଇପାରିବ। ଗ୍ରାଉଣ୍ଡ ଓଦା ଥିବା ଯୋଗୁ ପାକିସ୍ତାନ ଦଳକୁ ଇନ୍‌ଡୋର ପ୍ରାକ୍ଟିସ କରିବାକୁ ପଡ଼ିଛି।

## ପ୍ରିକ୍ୱାର୍ଟରରେ ଇଂଲଣ୍ଡ, ଇଟାଲି

**ମହିଳା ଫିଫା ବିଶ୍ୱକପ୍**

**ଲେ ହାରେର (ଫ୍ରାନ୍ସ), ୧୫।୬ (ଏଏଫ୍‌ପି):** ଇଂଲଣ୍ଡ ଓ ଇଟାଲି ଏଠାରେ ଚାଲିଥିବା ମହିଳା ଫିଫା ବିଶ୍ୱକପ୍‌ର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଇଂଲଣ୍ଡ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ହରାଇଥିବାବେଳେ ଇଟାଲି ୫-୦ ବ୍ୟବଧାନରେ ଜାମାଇକାକୁ ପରାସ୍ତ କରିଛି। ଇଂଲଣ୍ଡ ପାଇଁ ଯୋଡି ଟେଲର ଏକମାତ୍ର ସ୍କୋର କରିଥିଲେ। ସେହିଭଳି ଇଟାଲି ପାଇଁ କ୍ରିଷ୍ଟିନା ଗିରେଲି ହ୍ୟାଟ୍ରିକ ଗୋଲ ଦେଇଥିଲେ। ଏହି ଦୁଇ ଦଳ ବ୍ୟତୀତ ଜର୍ମାନୀ ଓ ଫ୍ରାନ୍ସ ମଧ୍ୟ ରାଉଣ୍ଡ ୧୬କୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଜାପାନକୁ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିବା ପାଇଁ ଏକ ପଏଣ୍ଟ ଦରକାର। ଏଣୁ ଜାପାନକୁ ପ୍ୟାରିସଠାରେ ଖେଳାଯିବାକୁ ଥିବା ସ୍କଟଲାଣ୍ଡ ବିପକ୍ଷ ମୁକାବିଲାକୁ ଅତି କମ୍‌ରେ ଅମୀମାଂସିତ ରଖିବାକୁ ପଡ଼ିବ।

## ତୀରନ୍ଦାଜୀ ବିଶ୍ୱକପ୍: ଭାରତକୁ ୨ ବ୍ରୋଞ୍ଜ

**ଡେନ୍ ବୋସକ୍ (ନେଦରଲାଣ୍ଡ୍ସ), ୧୫।୬ (ପି.ଟି.)**

ଜ୍ୟୋତି ସୁରେଖା ଭେନମଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍ ମହିଳା କମ୍ପାଉଣ୍ଡ ବିଭାଗରେ ଭାରତ ଦୁଇଟି ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛି। ଏସିଆନ ଗେମ୍ସ ରୌପ୍ୟ ବିଜୟିନୀଙ୍କ ନେତୃତ୍ୱରେ ମୁସ୍କାନ କିରାର ଓ ରାଜ କୌରଙ୍କ ନେଇ ଭାରତୀୟ ମହିଳା ଦଳ ବ୍ରୋଞ୍ଜ୍ ପ୍ଲେ-ଅଫ୍‌ରେ ତୁର୍କୀ ଦଳକୁ ୨୨୯-୨୨୬ ପଏଣ୍ଟରେ ପରାସ୍ତ କରିଛି। ପରେ ସନ୍ଧ୍ୟା ସେସନରେ ଜ୍ୟୋତି ଆଉ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ବ୍ୟକ୍ତିଗତ ବିଭାଗରେ ସେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ତୁର୍କୀର ୟେସିମ୍ ବୋସ୍ତାନଙ୍କୁ ୧୦-୯ ପଏଣ୍ଟରେ ହରାଇ ଦେଇଥିଲେ। ଜ୍ୟୋତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଗତ ଥର ଇଭେଣ୍ଟର ମେକ୍ସିକୋ ସଂସ୍କରଣରେ ଆମେ ରୌପ୍ୟ ପଦକ ଜିତିଥିଲୁ। ଏଥର ପୋଡିୟମରେ ସ୍ଥାନ ପାଇ ଆମେ ଖୁସି ଅଛୁ। ଦୀର୍ଘ ଦୁଇବର୍ଷ ପରେ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାତେଇବା ଆମ ପାଇଁ ମୂଲ୍ୟବାନ ବୋଲି ୨୨ ବର୍ଷୀୟା ବିଜୟୱାଡାର ଏହି ତୀରନ୍ଦାଜ କହିଛନ୍ତି।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ଚିତ୍ରକୋଣ୍ଡା,୧୫।୬(ଡି.ଏନ.ଏ.): ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଚିତ୍ରକୋଣ୍ଡା ସହରରେ ପ୍ରତ୍ୟେହ ୧୦ରୁ୧୫ ଥର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକେ ଅସହ୍ୟ ଗରମରେ ହନ୍ତସନ୍ତ ହେଉଛନ୍ତି। ଏବେ ଏଠାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ରଜ ସରିବାକୁ ବସିଲାଣି ବର୍ଷା ନାହିଁ। ସକାଳ ୮ଟାରୁ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ପୂର୍ବାହ୍ନ ୧୧ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ରାତିରେ ବାରମ୍ବାର ବିଦ୍ୟୁତ କାଟ ଲୋକଙ୍କୁ ଅତିଷ୍ଠ କଲାଣି। ଇଟାଭାଟି ଏବଂ ହନୁମାନ ଛକ ଅଞ୍ଚଳର ମହିଳାମାନେ ଏନେଇ ବିଡ଼ିଓ ଲରିମନ ଖିରସେଲ ଏବଂ ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପାଳନ ନ ହେଲେ ଆଗାମୀ ଦିନରେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଉଜୁଡୁଛି ଜଙ୍ଗଲ, ସହଯୋଗ କରୁଛନ୍ତି କର୍ମଚାରୀ

ମାଲକାନଗିରି,୧୫।୬(ଡି.ଏନ.ଏ.)

**ମାଲକାନଗିରି ଜିଲା**
- ନିୟମ ଅନୁଯାୟୀ ନିଆଯାଉନି ଅନୁମତି
- କାଠ ବ୍ୟବସାୟୀ ବାହାରକୁ କରୁଛନ୍ତି ଚାଲାଣ
- ରାଜସ୍ୱ ବିଭାଗ ସହ ହେବ ଆଲୋଚନା

ମାଲକାନଗିରି ଜିଲାରେ ପ୍ରତ୍ୟହ ଶୁଳ୍କବିହୀନ ଗଛ କଟାଯାଇ ଜିଲା ବାହାରକୁ ଟ୍ରକରେ ଚାଲାଣ କରାଯାଉଛି। ଏହି ଗଛ କାଟିବା ପାଇଁ ଜଙ୍ଗଲ ଏବଂ ରାଜସ୍ୱ ବିଭାଗ କାଠ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ନିୟମ ଅନୁ ଯାୟୀ ଯେକୌଣସି ଗଛ କାଟିବା ପୂର୍ବରୁ ସେହି ଗଛର ସ୍ଥିତି, ମାଲିକାନା ଏବଂ କେଉଁ କାରଣରୁ ଗଛ କଟାଯିବ ଜଣାଇ ଜଙ୍ଗଲ ବିଭାଗଠାରୁ ଅନୁମତି ନେବା କଥା । ଯଦି ରାଜସ୍ୱ ଜମିରେ ହୋଇଥାଏ ତେବେ ଗଛ କାଟିବା ପାଇଁ ଉଭୟ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ମିଳିତ ସରଜମିନରେ ଚିହ୍ନଟ ହେବା ପରେ କଟାଯିବା କଥା । ଏନେଇ ଯଥେଷ୍ଟ ପ୍ରମାଣ ରହିବା ଆବଶ୍ୟକ। ଯଦି ଗଛଟି ଶୁଖି ମରି ଯାଇଥାଏ କିମ୍ବା ବାସଗୃହକୁ ଲାଗି ରହିଥାଏ, ବାତ୍ୟାରେ ଯଦି ଗଛ ଭାଙ୍ଗିଯିବାର, ଉପୁଡିଯିବାର ସମ୍ଭାବନା ଥାଏ ଏ କ୍ଷେତ୍ରରେ ଧନଜୀବନ ନଷ୍ଟ ହେବା ଆଶଙ୍କା କରି ଗଛଟିକୁ କାଟିବା ପାଇଁ ଅନୁମତି ମଗାଯାଏ । ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ତଦନ୍ତକାରୀ ଅଧିକାରୀ ଏହାର ସତ୍ୟତା ଅନୁଭବ କଲେ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ଅନୁମତି ଦେଇଥାନ୍ତି। ଯଦି କଟାଯାଇଥିବା ଗଛ ଶୁଳ୍କବିହୀନ ଏବଂ ପରିବହନ ପାଇଁ ଆଦେଶପତ୍ରର ଆବଶ୍ୟକ ନ ପଡେ ତେବେ ଗଛର ମାଲିକ ଗଛଟିକୁ କଟାଗଲା ପରେ ଯେକୌଣସି ବ୍ୟକ୍ତିକୁ ଦେଇପାରନ୍ତି। ଆମ ରାଜ୍ୟ ସରକାର ଆକାଶିଆ ନୀଳଗିରି, ବଡଚାକୁଣ୍ଡା ପରି କେତେକ ବୃକ୍ଷକୁ ଶୁଳ୍କବିହୀନ କରିବା ସହ ପରିବହନ ଲାଗି ଅନୁମତି ପତ୍ରର ଆବଶ୍ୟକ ନାହିଁ ବୋଲି ଘୋଷଣା କରିଛନ୍ତି। ତେବେ ଗଛ କାଟିବା ପାଇଁ ଅନୁମତିର ଆବଶ୍ୟକତା ରହିଛି। ମାଲକାନଗିରି ଜିଲାର କେତେକ କାଠ ବ୍ୟବସାୟୀ ଜିଲା ସମେତ ରାଜ୍ୟ ବାହାରରୁ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଥିବା ଗ୍ରାମଗୁଡିକର ଲୋକଙ୍କ ଘରଡିହରେ ଥିବା ଗଛଗୁଡିକୁ ସ୍ୱଳ୍ପ ମୂଲ୍ୟ ଦେଇ ବିନାନୁମତିରେ ଗଛକାଟି ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଏକ୍ଷେତ୍ରରେ ରାଜସ୍ୱ ବିଭାଗର ରାଜସ୍ୱ ନିରୀକ୍ଷକ ଏବଂ ବନ ବିଭାଗର କ୍ଷେତ୍ର କର୍ମଚାରୀ, ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ଉଦ୍ଦିଷ୍ଟ ଏକ ଆବେଦନପତ୍ରରେ ଦସ୍ତଖତ କରି କାଠ ବ୍ୟବସାୟୀଙ୍କୁ ଗଛ କାଟିବାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଆକାଶିଆ ଚାକୁଣ୍ଡା, ୟୁକାଲ ପଟାସ୍ ପରି ବୃକ୍ଷ ଦୀର୍ଘ ୩୦ ବର୍ଷ ହେଲା ବନ ବିଭାଗ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ରୋପଣ କରିଥିଲା। ମାତ୍ର ଏହି ବୃକ୍ଷଗୁଡିକୁ ଅନେକ ଜଙ୍ଗଲ ଅଞ୍ଚଳରୁ କଟାଯାଇ ସ୍ଥାନୀୟ ଲୋକଙ୍କ ନିଜସ୍ୱ ପଟ୍ଟାଜମିରେ ଥିବା ଦର୍ଶାଇ ବିନା ଅନୁମତିରେ ପରିବହନ କରାଯାଉଛି। ଏ ଦିଗରେ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମାଞ୍ଚଳରୁ ବୃକ୍ଷସଂଖ୍ୟା କମିବାରେ ଲାଗିବ। ଏ ସମ୍ପର୍କରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ବନାଞ୍ଚଳର ସୁରକ୍ଷା ପାଇଁ ତାଙ୍କ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ଯଦି କୌଣସି ବନକ୍ଷେତ୍ର କର୍ମଚାରୀ ଏପରି କାର୍ଯ୍ୟରେ ସମ୍ପୃକ୍ତ ଥିବା ତାଙ୍କ ଦୃଷ୍ଟିକୁ ଆସିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ଏସ୍‌ପି ଜଗମୋହନ ମିନା ଓ ଏସ୍‌ଡିପିଓ ରିଶିକେଶ କିଲାର ରକ୍ତଦାନ କରୁଛନ୍ତି।

## ପୋଲିସ ପକ୍ଷରୁ ରକ୍ତଦାନ ଶିବିର

# ୫୬ ୟୁନିଟ୍ ରକ୍ତ ସଂଗ୍ରହ

ମାଲକାନଗିରି,୧୫।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତର ଅଭାବ ପଡୁଛି। ଫଳରେ ଗୁରୁତର ରୋଗୀମାନେ ହଇରାଣ ହେଉଛନ୍ତି। ପ୍ରତ୍ୟହ ଦୁର୍ଘଟଣାରେ ଆହତ, ପ୍ରସୂତି ଏବଂ ପୁଷ୍ଟିହୀନତାର ଶିକାର ହୋଇଥିବା ଛୋଟ ଶିଶୁଙ୍କ ପାଇଁ ରକ୍ତ ଆବଶ୍ୟକ ପଡୁଛି । ରକ୍ତ ଅଭାବ ଯୋଗୁ ଅନେକ ରୋଗୀ ଛତିଶଗଡ ଓ ଆନ୍ଧ୍ରକୁ ଚିକିତ୍ସା ପାଇଁ ଯାଇ ରାସ୍ତାରେ ପ୍ରାଣ ହରାଉଥିବା ନଜିର ରହିଛି । କିପରି ଜିଲ୍ଲାରେ ରୋଗୀଙ୍କ ପାଇଁ ରକ୍ତସଂଗ୍ରହ କରାଯାଇପାରିବ ସେନେଇ ମାଲକାନଗିରି ପୋଲିସ ପକ୍ଷରୁ ଶନିବାର ଏକ ରକ୍ତ ଦାନ ଶିବିର ସଦର ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପ୍ରଥମେ ୨ ଆଇପିଏସ ଅଧିକାରୀ ଏସ.ପି. ଜଗମୋହନ ମିନା ଓ ଏସଡିପିଓ ରିଶିକେଶ କିଲାର ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ପରେ ପୋଲିସ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିଲା । ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର ସନ୍ତୋଷ ସେନାପତି ଏବଂ କର୍ମଚାରୀମାନେ ରକ୍ତସଂଗ୍ରହ କରିଥିଲେ । ରକ୍ତ ଅଭାବ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଜିତ୍ କୁମାର ମାହାନ୍ତି କହନ୍ତି, ମାଲକାନଗିରି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ରକ୍ତ ଦାନ ନେଇ ଡାକ୍ତରଖାନା ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ଲୋକମାନେ ରକ୍ତଦାନ କରି ନ ଥାନ୍ତି। ତେବେ ଏ ନେଇ ଯୁବପୀଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଫଳରେ ଆଗାମୀ ଦିନରେ ରକ୍ତ ଅଭାବଜନିତ ସମସ୍ୟା ରହିବ ନାହିଁ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଡି.ଶ୍ରୀନିବାସ ରାଓ, ଜିଲା ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ଶିବିରକୁ ଆଇଆଇସି ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

# ଉପାନ୍ତ ଅଞ୍ଚଳରେ ରଜ

ଚିତ୍ରକୋଣ୍ଡା,୧୫।୬(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ମାଓବାଦୀ ପ୍ରବଣ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ରଜ ପର୍ବ ପାଳିତ ହୋଇଛି। ରଜରେ ଦୋଳି ଖେଳିବା ସହିତ ବିଭିନ୍ନ ପ୍ରକାର ପିଠାପଣା ପ୍ରତି ଘରେ ଘରେ ଦେଖିବାକୁ ମିଳିଛି। ରଜ ୪ ଦିନ ସମସ୍ତ ଆଦିବାସୀ ଚାଷୀ ହଳ ନିଷେଧ କରିଛନ୍ତି। ଚଳିତବର୍ଷ ରଜରେ ଗରମ ଓ ଗୁଳୁଗୁଳି ହେଉଥିବାରୁ ଏହା ରଜ ଭଳି ମନେ ହେଉ ନ ଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବରିଷ୍ଠ ନାଗରିକମାନେ।






# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦାୟିତ୍ୱ ନେବ ପୋଲିସ

ମାଲକାନଗିରି,୧୫।୬(ଡି.ଏନ.ଏ.)

ସମାଜରେ ବରିଷ୍ଠ ନାଗରିକଙ୍କ ଉପରେ ଦୁର୍ବ୍ୟବହାର ଏବଂ ପରିବାର ତରଫରୁ ଅବହେଳା କରାଯାଉଥିବା ଅନେକ ନଜିର ରହିଛି। ଏଣିକି ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦାୟିତ୍ୱ ନେବ ପୋଲିସ । ସେମାନଙ୍କୁ ଅବହେଳା କିମ୍ବା ଦୁର୍ବ୍ୟବହାର ପ୍ରଦର୍ଶନ କରାଗଲେ ଅବହେଳାକାରୀ ଯିଏ ହୁଅନ୍ତୁ ନା କାହିଁକି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଏସ.ପି. ଜଗମୋହନ ମିନା କହିଛନ୍ତି। ଶନିବାର ମାଲକାନଗିରି ସଦର ମହକୁମାଠାରେ ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠ ମହିଳା ଏବଂ ପୁରୁଷ ନାଗରିକଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ବିତରଣ ଉତ୍ସବରେ ସେ ଏହା ପ୍ରକାଶ କରିଛନ୍ତି। କୌଣସି ବରିଷ୍ଠ ନାଗରିକଙ୍କୁ ଯଦି ତାଙ୍କ ପରିବାରରେ ପୁଅ ବୋହୂ କିମ୍ବା ଅନ୍ୟକେହି ଖାଦ୍ୟପେୟ, ସ୍ୱାସ୍ଥ୍ୟର ଯତ୍ନ ନ ନିଅନ୍ତି ଏବଂ ଅନ୍ୟାନ୍ୟ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରନ୍ତି ତେବେ ସେମାନଙ୍କ ବିରୋଧରେ ବରିଷ୍ଠ ନାଗରିକ ଅବହେଳା ଆଇନ୍ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି କୌଣସି ବରିଷ୍ଠ ନାଗରିକ ଶାରୀରିକ କିମ୍ବା ମାନସିକ ସ୍ତରରେ ନିଜ ପରିବାର ଦ୍ୱାରା ଅତ୍ୟାଚାରିତ ହୁଅନ୍ତି ସେ ତୁରନ୍ତ ନିକଟସ୍ଥ ଥାନାକୁ ଫୋନ କରି ଜଣାଇଲେ ପୋଲିସ ଶୀଘ୍ର ତାଙ୍କ ନିକଟରେ ପହଞ୍ଚି ପଦକ୍ଷେପ ନେବ। ବରିଷ୍ଠ ନାଗରିକମାନେ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକର ହେବ ବୋଲି ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଉଦ୍ଧବ ନାୟକ, ଏସଡିପିଓ ରିଶିକେଶ୍ କିଲାରି, ଆଇଆଇସି ରଞ୍ଜନ କୁମାର ସାହୁଙ୍କ ସମେତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ପୋଲିସକୁ ଅବଗତ କରାଇଥିଲେ।






# କଲଭର୍ଟ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଚିତ୍ରକୋଣ୍ଡା,୧୫।୬(ଡି.ଏନ.ଏ.)

ମାଲାକନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଜାନବାଇଠାରୁ ରାଲେଗାଡା ଓ ଧୂଳିପୁଟ ପଞ୍ଚାୟତରେ ରାସ୍ତାକାମ କରାଯାଉଛି। ଏହି ରାସ୍ତା କାମରେ ହାଟଗୁଡାଠାରୁ ୧କିମି ଦୂରରେ କଲଭର୍ଟ କାମ ହେଉଛି। ଏହି କଲଭର୍ଟ କାମରେ ଅନିୟମିତା ହେଉଥିବା ଅଭିଯୋଗ ହେଉଛି। କଲଭର୍ଟରେ ମେଟାଲ କଙ୍କ୍ରିଟ ପରିବର୍ତ୍ତେ ବୋଲଡର ପଥର ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଏନେଇ ରାଲେଗାଡା ଓ ଧୂଳିପୁଟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ନିମ୍ନମାନର କାର୍ଯ୍ୟ ହେତୁ କଲଭର୍ଟ ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


# ଝାମ୍ପି ନେଲେ ଛାତ୍ରୀଙ୍କ ମୋବାଇଲ ଫୋନ

ବ୍ରହ୍ମପୁର ଅଫିସ,୧୫।୬

ବ୍ରହ୍ମପୁର ରେଳଷ୍ଟେଶନ ନିକଟ ରେଳବାଇ କଲୋନୀ ଦେଇ ଜଣେ ଛାତ୍ରୀ ଶନିବାର ଅନନ୍ତ ନଗରରେ ଥିବା ତାଙ୍କ ମେସକୁ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଛନ୍ତି। ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି ଟେକ ପଢୁଥିବା ଛାତ୍ରୀ ସୁଜ୍ଞାନୀ ପଣ୍ଡା ଓ ତାଙ୍କ ଭଉଣୀ ପୂଜା ଛତ୍ରପୁରରୁ ବିଶାଖା ଏକ୍ସପ୍ରେସରେ ଆସି ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିଥିଲେ। ୨ ଭଉଣୀ ଚାଲି ଚାଲି ଫୋନରେ ଘର ଲୋକଙ୍କ ସହ କଥାହୋଇ ଯାଉଥିଲେ। ଦୁର୍ବୃତ୍ତମାନେ ବାଇକ୍‌ରେ ତାଙ୍କ ପଛପଟୁ ଆସି ଛାତ୍ରୀଙ୍କ ମୋବାଇଲ ଫୋନ ଝାମ୍ପି ନେଇଥିଲେ । ପରେ ଛାତ୍ରୀଦ୍ୱୟ ରେଳବାଇ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଗଣପତି ବେହେରା ଅଭିଯୋଗକାରୀ ଛାତ୍ରୀ ସୁଜ୍ଞାନୀଙ୍କ ସହ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ । ପ୍ରକାଶ ଯେ, ଶୁକ୍ରବାର ରାମନଗରର ସୁମତି ଜେନା ରେଳଷ୍ଟେଶନ ଦେଇ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କର ମଧ୍ୟ ଏକ ମୋବାଇଲ ଫୋନ ଝାମ୍ପି ନେଇଥିଲେ। ପୋଲିସ ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ଦୁର୍ବୃତ୍ତମାନେ ଏଭଳି ଘଟଣା ଘଟାଉଛନ୍ତି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

**ସଂକ୍ଷେପରେ**



## ଟିକିରିରେ ରଜପର୍ବ

ଟିକିରି,୧୫।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ରଜପର୍ବ ଅବସରରେ ବିଭିନ୍ନ ସାହିରେ ଦୋଳିଖେଳର ମଜା ବେଶ୍ ଜମିଥିଲା।। ସ୍ଥାନୀୟ ବେହେରାସାହି, ଗଉଡ଼ସାହି, ବ୍ୟାଙ୍କସାହି, କୋରାପୁଟସାହି, ଦୋରାସାହିରେ ନୂଆବସ୍ତ୍ର ପରିଧାନ କରି ଝିଅମାନେ ଦୋଳି ଖେଳର ମଜା ଉଠାଇଥିଲେ। ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜଲୋ ଗୀତରେ ଦୋଳି ପଡିଆ ପ୍ରକମ୍ପିତ ହେଉଥିଲା। ପହିଲି ରଜରେ ପାଗ ଅନୁକୂଳ ଥିବାରୁ ଘରେ ଘରେ ପିଠାପଣା ହୋଇଥିଲା। ଦୋକାନରେ ରଜ ପାନ ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର



ପାରଳାଖେମୁଣ୍ଡି,୧୫।୬ (ସ୍ୱ.ପ୍ର.)- ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସିଙ୍ଗିପୁର ଗ୍ରାମରେ ଏକ ଘର କାମ ଚାଲିଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶଯେ, ସୀମାନ୍ତବର୍ତ୍ତୀ ଆନ୍ଧ୍ର ରାଜ୍ୟର ପୁରୁଣାପାଟଣା ଗ୍ରାମର କାଟଗୁଡା କଲୋନୀର ୫ଜଣ ଶ୍ରମିକ ସିଙ୍ଗିପୁର ଗ୍ରାମରେ ଚାଲିଥିବା ଏକ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ସେଣ୍ଟ୍ରିଂ କାର୍ଯ୍ୟ ସମୟରେ ଛାତ ଉପରେ ଲୁହାଛଡ଼ ବାନ୍ଧିବା ସମୟରେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି କାର୍ଯ୍ୟରତ ଶ୍ରମିକ ହେମ ସୁନ୍ଦର ରାଓ(୨୫) ଓ ଜି.ଜନାର୍ଦ୍ଦନ(୩୬) ଗୁରୁତର ଆହତ ହୋଇଥିଲେ। ଏମାନଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ହେମ ସୁନ୍ଦରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଜନାର୍ଦ୍ଦନ ଗୁରୁତର ଅବସ୍ଥାରେ ଚିକିତ୍ସିତ ଥିବା ଜଣାପଡ଼ିଛି।

■ଦ୍ୱିଭାଷୀ ସହରରେ ଜମୁଛି ରଜ ମଉଜ

# ପୋଡ଼-ପାନ-ଦୋଳିର ମଜା ନେଉଛନ୍ତି କୁମାରୀ

ପାରଳାଖେମୁଣ୍ଡି,୧୫।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହରରେ ମହାଆଡମ୍ବର ସହ ପାଳନ ହେଉଛି ରଜ ପର୍ବ। ଶୁକ୍ରବାର ପହିଲି ରଜରେ ଏହି ପର୍ବର ମୁଖ୍ୟ ଆକର୍ଷଣ ପୋଡ଼ପିଠା ତିଆରି କରାଯାଇ ସାହି ପଡ଼ୋଶୀ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପରସ୍ପରକୁ ରଜପାନ ଭେଟି ଦେଉଥିବା ମଧ୍ୟ ଦେଖିବାକୁ ମିଳିଛି। ଓଡିଶାର ଏକ ପ୍ରମୁଖ ପର୍ବ ଭାବେ ରଜପର୍ବ ଗଣାଯାଉଥିବାବେଳେ ପାରଳାଖେମୁଣ୍ଡି ସହର ଏକ ଦ୍ୱିଭାଷୀ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ବିଭିନ୍ନ ସାହିରେ କୁମାରୀ ଝିଅମାନେ ଏକତ୍ରିତ ହୋଇ ରଜଦୋଳି ଖେଳୁଥିବାର ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ ରଜର ପ୍ରଥମ ଦିନରେ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ତଥା ଶେଷ ଦିନରେ ଶେଷରଜ ପାଳନ କରାଯାଉଛି। ସଂକ୍ରାନ୍ତି ଦିନ ଘରେ ଘରେ ମିଥୁନ ସଂକ୍ରାନ୍ତି ପାଇଁ ପୂଜାର୍ଚ୍ଚନା ହୋଇଥାଏ। ତେବେ ଶେଷ ତଥା ତୃତୀୟ ରଜରେ ଘରେ ଘରେ ପିଠାପଣା, ମିଷ୍ଟାନ୍ନ ସହ ଆମିଷ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ପାରଳାଖେମୁଣ୍ଡି ସହର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିଲେ ମଧ୍ୟ ଦିନକୁ ଦିନ ରଜପର୍ବର ଚାହିଦା ବଢିବା ସହ ଓଡିଶାର ଏହି ପାରମ୍ପରିକ ପର୍ବକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ଏହି ଅବସରରେ ଅନେକ ସ୍ଥାନରେ ଦୋଳି ଲଗାଇ କୁମାରୀ ଝିଅମାନେ ଖେଳୁଥିବାବେଳେ ସ୍ଥାନୀୟ ଓଡିଆ ଭଣ୍ଡାରି ସାହି ଠାରେ ବହୁ ସଂଖ୍ୟାରେ କୁମାରୀ ଝିଅ, ମହିଳା ଓ ଶିଶୁ ଏକତ୍ରିତ ହୋଇ ଦୋଳି ଖେଳିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।



ଶିଶୁମାନେ ଦୋଳିଖେଳର ମଜା ନେଉଛନ୍ତି।

# ଗରମ ପିଚୁ ପଡି ଶ୍ରମିକ ଗୁରୁତର

**ଦିନ ଗୋଟାଏରେ ଟାଣଖରାରେ ଚାଲିଥିଲା କାମ**



ଗୁରୁତର ଶିବରାମ

ରାୟଗଡ଼(ଗଜପତି), ୧୫।୬ (ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ସ୍ଥିତ ମହେନ୍ଦ୍ରତନୟା ବ୍ରିଜ୍ ଉପରେ ରାସ୍ତା ମରାମତି ସମୟରେ ଜଣେ ଶ୍ରମିକଙ୍କ ଉପରେ ତତଲା ପିଚୁ ଢ଼ାଳିହୋଇ ଗୁରୁତର ହୋଇଛନ୍ତି। ପ୍ରକାଶଯେ, ମହେନ୍ଦ୍ରତନୟା ବ୍ରିଜ୍ ଉପରେ ଦୀର୍ଘଦିନ ହେଲା ଲୁହାଛଡ଼ ଉଠିଯାଇଥିବା ବେଳେ ତାହା ମରାମତିପାଇଁ ୪ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଏହି ସମୟରେ ରାସୁରୁ ଗ୍ରାମର ଶିବରାମ ଆନ୍ଦ୍ରାପ୍(୫୦) ନିଜ କାନ୍ଧରେ ପିଚୁ ବୋହି ନେବା ସମୟରେ ହଠାତ୍ ତାଙ୍କ କାନ୍ଧରୁ ବାଲ୍‌ଟି ଖସି ପଡ଼ିଥିଲା। ଫଳରେ ତାଙ୍କ ବାମଗୋଡ଼ ଉପରେ ତରଳ ପିଚୁ ପଡ଼ିଥିଲା। ପ୍ରବଳ ଯନ୍ତ୍ରଣାରେ ସେ ଚିତ୍କାର କରିବାରୁ ଲୋକେ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ରାୟଗଡ଼ ମେଡ଼କାଲ ଏବଂ ପରେ ପାରଳାଖେମୁଣ୍ଡି ସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୪୦ ଭାଗ ପୋଡ଼ିଯାଇଥିବା ଡା. ଅଜିତ୍ ସାହୁ ସୂଚନା ଦେଇଛନ୍ତି। ତେବେ ଘଟଣାସ୍ଥଳରେ ଠିକାଦାର କିମ୍ବା ସୁପରଭାଇଜର୍ ଅନୁପସ୍ଥିତ ଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରବଳ ଖରାରେ ଶ୍ରମିକଙ୍କୁ କାମ ନ କରାଇବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଦିନ ଗୋଟାଏ ବେଳେ ଶ୍ରମିକଙ୍କୁ କାମ କରାଉଥିବାରୁ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ମିନିଗାଁଗୁଡ଼ା-ମିନିଗାଁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଉଭୟ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ**




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ କେ. ନାରାୟଣ ରାଓ ଏବଂ ଅନ୍ୟମାନେ।

ପାରଳାଖେମୁଣ୍ଡି,୧୫।୬ (ସ୍ୱ.ପ୍ର.)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କେ. ସୀତାପୁର ପଞ୍ଚାୟତର ମିନିଗାଁଗୁଡ଼ା ଓ ମିନିଗାଁ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଉଭୟ ଗ୍ରାମକୁ ପକ୍କାରାସ୍ତା ସଂଯୋଗ କରିବ। ଏହି ରାସ୍ତାକାମ ପାଇଁ ଶନିବାର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଅତିଥି ଭାବେ ଯୋଗଦେଇ ଏହାର ଶୁଭଦେଇଥିଲେ। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ। ଦୀର୍ଘଦିନ ହେଲା ଅଞ୍ଚଳବାସୀ ଏହି ଦୁଇ ଗ୍ରାମକୁ ସଂଯୋଗ କରିବାପାଇଁ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ। ତେବେ ରାସ୍ତା କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ପରେ ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସୀମାଦ୍ରି, ଜିଲାପରିଷଦ ସଭ୍ୟା, ଡି. ଭାଗ୍ୟଲକ୍ଷ୍ମୀ, ସରପଞ୍ଚ ୟୁ. ଶବର, ଡି. ଚିଟିବାବୁ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କୋଲାବବାସୀ

କୋଲାବନଗର,୧୫।୬(ଡି.ଏନ୍.ଏ.)

କୋରାପୁଟ ସଦର ଅନ୍ତର୍ଗତ କୋଲାବ ଯୋଜନା ଅଞ୍ଚଳ ତଥା ଦେବୀଘାଟ ପଞ୍ଚାୟତ, ପେଟା ପଞ୍ଚାୟତ ଓ ବଡ଼କେରେଙ୍ଗା ପଞ୍ଚାୟତର ଜନସାଧାରଣ ୧୮ ବର୍ଷ ହେଲା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଆସୁଛନ୍ତି। ସୂଚନାଯୋଗ୍ୟ କୋଲାବ ନଗରଠାରେ ଭାରତୀୟ ରିଜର୍ଭ ବାଟାଲିୟନ ହସ୍ପିଟାଲ ୨୦୦୦ରୁ ଚାଲିଥିବା ବେଳେ ୨୦୦୫ ନଭେମ୍ବର ମାସରେ ବାଟାଲିୟନ କୋରାପୁଟସ୍ଥିତ ବିଦାଘାଟିକୁ ସ୍ଥାନାନ୍ତର ହୋଇଥିଲା। ଫଳରେ ୨୦ ହଜାର ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ନାନା ଅସୁବିଧା ସହିତ ଜୟପୁର, କୋରାପୁଟ ଓ ବିଶାଖାପାଟଣାକୁ ସ୍ୱାସ୍ଥ୍ୟସେବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ୩ଟି ପଞ୍ଚାୟତର ଆଦିବାସୀ କ୍ୱାକ୍‌ମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନକୁ ବହୁବାର ସମସ୍ୟା ବାବଦରେ ଜଣାଇଥିଲେ ମଧ୍ୟ ଫଳ ଶୂନ ହୋଇଛି। ୨୦୧୭ ଅଗଷ୍ଟରେ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ କୋଲାବନଗର ଗସ୍ତରେ ଆସିଥିଲେ ଓ ସେ ଅଞ୍ଚଳ ପାଇଁ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇ ଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ପ୍ରତିଶ୍ରୁତି ପାଣିର ଗାର ହେଲା। ୨୦୧୭ରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବାକୁ ଆସି ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇ ଯାଇଥିଲେ ମଧ୍ୟ ଫଳଶୂନ। ଲୋକଙ୍କ ପ୍ରଶାସନ ଉପରେ ଭରସା ତୁଟିଗଲାଣି। ଏବେ ବର୍ଷାଋତୁ ଆରମ୍ଭ ହେଲେ ଏହି ଅଞ୍ଚଳରେ ହଇଜା, ମ୍ୟାଲେରିଆରୁ ଆରମ୍ଭ କରି ଡେଙ୍ଗୁ ଓ ଆନ୍ଥ୍ରାକ୍ସ ଭଳି ରୋଗ ଏଠାରେ କାୟା ବିସ୍ତାର କରିଥାଏ। ଏପରି ପରିସ୍ଥିତିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲାପାଳ ସମସ୍ୟାର ଆଶୁ ସମାଧାନ ପାଇଁ ଜନସାଧାରଣ ଦାବି କରିଛନ୍ତି।

# ଜୀବନ ବୀମା ନିଗମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଏଲ୍‌ଆଇସି ଅଧିକାରୀମାନେ।

ପାରଳାଖେମୁଣ୍ଡି,୧୫।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ କଲେଜ ଛକଠାରେ ଜୀବନ ବୀମା ନିଗମ(ଏଲ୍‌ଆଇସି) କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ କିପରି ଜୀବନ ବୀମା ଦ୍ୱାରା ଲୋକମାନେ ଉପକୃତ ହୋଇପାରୁଛନ୍ତି ଏବଂ ଭବିଷ୍ୟତ ଜୀବନ ପାଇଁ ଏହା କିପରି ଲାଭଦାୟକ ହୋଇଥାଏ ସେ ବିଷୟରେ ଗ୍ରାହକଙ୍କୁ ସଚେତନ କରାଯାଇଥିଲା। ପ୍ରତ୍ୟେକ ପରିବାରରେ ସୁରକ୍ଷିତ ଭବିଷ୍ୟତ ପାଇଁ ଜୀବନ ବୀମା କରିବା ଆବଶ୍ୟକ ଏବଂ ଜୀବନ ବୀମା ବିତରକ ହେଉଥିବା ବ୍ୟକ୍ତି ମଧ୍ୟ କିପରି ଲାଭବାନ ହୋଇଥାନ୍ତି ସେ ସମ୍ପର୍କରେ ଏଠାରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଶାଖା ପରିଚାଳକ ଆର୍.ଏନ୍. ବେହେରା, ସହକାରୀ ଶାଖାପରିଚାଳକ ଅଭିରାମ ସେଠୀ, ପ୍ରଶାସନିକ ଅଧିକାରୀ ମୀନକେତନ ପାଣିଗ୍ରାହୀ, ଏସ୍.ପି. ସୁବୁଦ୍ଧି, ଉନ୍ନୟନ ଅଧିକାରୀ ସୁନୀଲ ନାୟକ, ସଂଜୟ ରାଉଳ, ପ୍ରୀତୀଶ ଷଡ଼ଙ୍ଗୀ, ଆର୍.କେ. ସାହୁ, ଏ. ବର୍ଦ୍ଧନ ଉପସ୍ଥିତ ରହି ସଚେତନ କରିଥିଲେ।

# ଖରାଦିନେ ମୁଖ୍ୟରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ପାରଳାଖେମୁଣ୍ଡି,୧୫।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜେନାଟୋଟା ସାହି ଛକ ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ସହରର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ରାସ୍ତାଟି ନୂଆ ବସ୍‌ଷ୍ଟାଣ୍ଡ ଏବଂ ଅନେକ ମନ୍ଦିରକୁ ସଂଯୋଗ କରୁଛି। ମାତ୍ର ଡ୍ରେନ୍‌ପାଣି ରାସ୍ତାରେ ଚାଲୁଥିବାରୁ ପଥଚାରୀମାନେ ତାଉପରଦେଇ ଯିବାଆସିବା କରିବା ପାଇଁ ବାଧ୍ୟ ହେଉଛନ୍ତି। ଏପରିକି ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁମାନେ ମଧ୍ୟ ଏହି ରାସ୍ତାଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ଅଞ୍ଚଳଟି ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟଠାରୁ ମାତ୍ର କିଛି ମିଟର ଦୂରତାରେ ରହିଛି। ଖରାଦିନେ ଏହି ଡ୍ରେନ୍‌ର ଅବସ୍ଥା ଏପରି ହୋଇଥିବାବେଳେ ଆଗକୁ ବର୍ଷାଦିନ ଆସୁଥିବାରୁ ଏହା ପୂର୍ବରୁ ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



ଡ୍ରେନ୍ ପାଣି ମୁଖ୍ୟରାସ୍ତାରେ ପ୍ରବାହିତ ହେଉଛି।

# ହିନ୍ଦୁ ସାମ୍ରାଜ୍ୟ ଦିବସରେ ଶୋଭାଯାତ୍ରା

କୋରାପୁଟ,୧୫।୬(ସ୍ୱ.ପ୍ର.)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶନିବାର କୋରାପୁଟରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ ହୋଇଛି। ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ଅର୍ଥାତ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକ ଅବସରରେ ହିନ୍ଦୁ ସାମ୍ରାଜ୍ୟ ଦିବସ ପାଳିତ ହୋଇଆସୁଛି। ସଂଘର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହେବା ସହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଧ୍ୱଜାରୋପଣ ଓ ବୌଦ୍ଧିକ କାର୍ଯ୍ୟକ୍ରମ କରାଯାଇଛି। ସଂଘର ଜିଲା କାର୍ଯ୍ୟବାହକ ସନ୍‌ସାଇ ଗାଦବା ଓ ସ୍ୱୟଂସେବକ ଦେବୀ ପ୍ରସାଦ କରଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ୫ଶହରୁ ଅଧିକ ସେବକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।




ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଝୋରଡି ଗ୍ରାମରେ କାଳବୈଶାଖୀରେ ନଷ୍ଟ ହୋଇଯାଇଥିବା ଘର

# କାଳବୈଶାଖୀ ପ୍ରକୋପ: ୯ ଘରର ଛାତ ଉଡ଼ିଲା

ରାୟଗଡା ଅଫିସ୍, ୧୫।୬

କିଛିଦିନ ହେଲା ପୁଣି ତାତି ଲେଉଟିଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ଦିନରେ ଟାଣ ଖରା ପରେ ସନ୍ଧ୍ୟାରେ କାଳବୈଶାଖୀ ବର୍ଷାର ପ୍ରଭାବରେ ଲୋକେ ସାମାନ୍ୟ ଆଶ୍ୱସ୍ତି ଲାଭ କରୁଛନ୍ତି। ତେବେ ଏହି କାଳବୈଶାଖୀ ପବନ ଅନେକଙ୍କ ମୁଣ୍ଡରୁ ଛାତ ଉଡ଼ାଇଦେଇଛି। କିଛି ସ୍ଥାନରେ ଗରିବ ଲୋକଙ୍କ ଘରର ଚାଳଛପର ଉଡ଼ିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଝୋରଡି ଗ୍ରାମରେ ମଧ୍ୟ ଗତ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଗ୍ରାମର ୯ଟି ଘରର ଚାଳଛପର ସହ ଟିଣଗୁଡିକ ଉଡ଼ିଯାଇଥିଲା। ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ଯୋଗୁ ଗ୍ରାମର କୋଟିଶ୍ୱର କାଡ୍ରାକା, ଭଗବାନ ମାଣ୍ଡାଙ୍ଗି, ପୁନାଲୁ କାଡ୍ରାକା, ତ୍ରିନାଥ ତାଡ଼ିଙ୍ଗି, ଗଣେଶ ରତ୍ନାଲୁ, କର୍ଣ୍ଣନଦାନ ମାଣ୍ଡାଙ୍ଗି, ଧର୍ମା ନିମାଲା, ବଜି ପାଡିକା ଓ ସୁଲୁ କାଡ୍ରାକାଙ୍କ ଘରର ଚାଳଛପର ଉଡ଼ିଯାଇଥିବା ବେଳେ ଆସବାବପତ୍ରଗୁଡ଼ିକ ମଧ୍ୟ ନଷ୍ଟ ହୋଇଥିବା ଜଣାପଡିଛି। କାଳବୈଶାଖୀର ପ୍ରଭାବ କମିବା ପରେ ଶନିବାର ସକାଳେ ସରପଞ୍ଚ, ନାଏବ ସରପଞ୍ଚଙ୍କ ଉପସ୍ଥିତିରେ ସହାୟକ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ) ଶଙ୍କର ଦଳେଇ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିବାବେଳେ ସନ୍ଧ୍ୟାରେ ପଲିଥିନ୍ ଯୋଗାଇ ଦିଆଯାଇଥିବା ଜଣପଡ଼ିଛି।

# ଉଡ଼ାଇନେଲା ଛପର

ପଦ୍ମପୁର,୧୫।୬(ଡି.ଏନ୍.ଏ.)

ପଦ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ହେବାରୁ ବଡ଼ ବଡ଼ ଗଛ ଭାଙ୍ଗି ପଡିବା ସହିତ ଟିଣ ଓ ଚାଳଛପର ଉଡାଇ ନେଇଛି। ପଦ୍ମପୁର ଇନ୍ଦିରାନଗରର ଯୁଧିଷ୍ଠିର ରାଉତଙ୍କ ଘରର ଛପର ଉଡାଇ ଦେବା ଦ୍ୱାରା ଘରେ ଥିବା ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇପଡିଛି। ପଦ୍ମପୁର ମୁଖ୍ୟ ବଜାର (ଏମ୍‌ଏଲ୍) କ୍ୱାଟର ଛକ ନିକଟରେ ଥିବା ଶଙ୍କର ସାହୁଙ୍କ ଘର ଓ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ସନ୍ତୋଷ ସାହୁଙ୍କ ଦୋକାନଗୃହ ଛପର ଉଡାଇ ନେଇଛି। ସେହିଭଳି ପଦ୍ମପୁର ବଡ଼ନାଳ କଲୋନୀରେ ଗଛ ଭାଙ୍ଗି ପଡିବାରୁ ଏକ କ୍ୱାଟରର କାନ୍ଥ ସହ ଆଜବେଷ୍ଟସ ଭାଙ୍ଗିପଡିଛି। କାଳବୈଶାଖୀ ଯୋଗୁ ଆଖୁସିଂ, ପଦ୍ମପୁର,

**ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ**

ଗୁଡିଆବନ୍ଧ, ଗୁମୁଡା ଆଦି ଅଞ୍ଚଳରେ ଧାନ ଓ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବିକ୍ରି ପାଇଁ ରଖିଥିବା ଧାନଗୁଡିକ ପାଣିରେ ଓଦା ହୋଇଯାଇଛି। ସେହିପରି ରାଉତରଙ୍ଗା ଗ୍ରାମରେ ବଜ୍ରପାତରେ ଏକ ନଡିଆଗଛରେ ନିଆଁ ଜଳି ଯାଇଥିଲା। ପବନ ଯୋଗୁ ୪ଟି ଘରକୁ ଉକ୍ତ ନିଆଁ ବ୍ୟାପି ଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳରେ କାଳବୈଶାଖୀରେ ନଷ୍ଟ ହୋଇଯାଇଥିବା ଘର ଓ ଭାଙ୍ଗି ପଡିଥିବା ଗଛ।